52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

| RNI NO-42004 | Vol. : 45/ Issue : 203 | Brahmapur | Wednesday 2 September 2026 | ବର୍ଷ: ୪୫/ ଅଙ୍କ: ୨୦୩ | ବୁଧବାର ୨ ସେପ୍ଟେମ୍ବର ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦ |
|---|---|---|---|---|---|---|---|---|

## ଗ୍ରିନ୍ ସାର୍ଟିଫିକେସନ ହାସଲ କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୧୧୯: ରାଜ୍ୟପାଳଙ୍କ ସରକାରୀ ବାସଭବନ ଲୋକ ଭବନକୁ ଇଣ୍ଡିଆନ ଗ୍ରିନ୍ ବିଲ୍ଡିଂ କାଉନ୍ସିଲ୍ (ଆଇଜିବିସି) ପକ୍ଷରୁ ପ୍ଲାଟିନମ୍ ଗ୍ରିନ୍ କ୍ୟାମ୍ପସ ସାର୍ଟିଫିକେସନ୍ ପ୍ରଦାନ କରାଯାଇଛି। ଅକ୍ଷୟ ଶକ୍ତି, ଜଳ ସଂରକ୍ଷଣ, ଜୈବବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛ ଗମନାଗମନ ସୁବିଧା ପାଇଁ ୧୦୦ରୁ ଲୋକଭବନକୁ ୮୮ ସ୍କୋ ମିଳିଛି। ଭବନର ୮୦ ପ୍ରତିଶତ ସ୍ଥାନରେ ସବୁଜିମା ରହିଛି ସେଥିରେ ୭୨ ପ୍ରଜାତିର ୨୩୭୪ ବୃକ୍ଷ ରହିଛି। ରାଜ୍ୟର ପ୍ରଥମ ସରକାରୀ ପରିସର ଭାବେ ଲୋକ ଭବନ ଏହି ମାନ୍ୟତା ହାସଲ କରିଛି। ଆଜି ଲୋକ ଭବନରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି ଯେ ଏହା ହେଉଛି ଦେଶର ପ୍ରଥମ ଲୋକ ଭବନ ଯାହାକୁ ଆଜିବିସିର ସର୍ବୋଚ୍ଚ ସାର୍ଟିଫିସେନ୍ ମିଳିଛି।

ନୂଆଦିଲ୍ଲୀ ଗସ୍ତ କରି ସେ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି। ଉପସ୍ଥିତ ବିଶ୍ବବିଦ୍ୟାଳୟର କୁଳପତିମାନଙ୍କୁ ସେ ସବୁଜ କ୍ୟାମ୍ପସ ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ଗ୍ରିନ୍ ସାର୍ଟିଫିକେସନ ହାସଲ ଦିଗରେ କାମ କରିବାକୁ ସେ ସେମାନଙ୍କୁ କହିଛନ୍ତି।

ଲୋକସେବା ଭବନକୁ ମଧ୍ୟ ଗ୍ରିନ ସାର୍ଟିଫିକେସନ ହାସଲ କରିବା ପାଇଁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଉନ୍ନତ ଜଳ ପରିଚାଳନା ଜରିଆରେ ଲୋକ ଭବନ ଜଳ ଆହରଣକୁ ୩୫% ହ୍ରାସ କରିପାରିଛି। ଏଥିରେ ୬୩୫ କେଡବ୍ଲ୍ୟୁପିର ସୋଲାର ପିଭି ବ୍ୟବସ୍ଥା ରହିଛି। ବିଦ୍ୟୁତ୍ ବ୍ୟବହାର କମ୍ କରିବା ପାଇଁ ଏଲ୍ଇଡି ଲାଇଟ୍ ଓ ସ୍ମାର୍ଟ ସମୟ ଆଧାରିତ ବ୍ୟବସ୍ଥା ବ୍ୟବହାର କରାଯାଇଛି। ଏହାର ସମସ୍ତ ଗାଡ଼ି ହେଉଛି ଇଭି। ବର୍ଜ୍ୟବସ୍ତୁ ପୃଥକୀକରଣ ବ୍ୟବସ୍ଥା ସହିତ କିଚେନ ଗାର୍ଡେନ୍ ଓ ଔଷଧୀୟ ଉଦ୍ୟାନ ମଧ୍ୟ ରହିଛି। ଉନ୍ନତ ବାୟୁ ଚଳାଚଳ ପାଇଁ ବ୍ୟବସ୍ଥା ସହିତ ଧୂମପାନ ନିଷେଧ ଜୋନ୍ ମଧ୍ୟ ରହିଛି। ଏହି ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଲ ଦେବ, ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗର ପ୍ରମୁଖ ସଚିବ ଭାସ୍କରଜ୍ୟୋତି ଶର୍ମା ଓ ଆଇଜିବିସିର ଅଧ୍ୟକ୍ଷ ସି ଶେଖର ରେଡ୍ଡି ଉପସ୍ଥିତ ଥିଲେ।



## ରାଷ୍ଟ୍ରପତି ଭବନରେ ଗଞ୍ଜାମର କଳାକାର ସମ୍ମାନିତ

ବ୍ରହ୍ମପୁର, ୧୧୯: କଳା ଓ ସଂସ୍କୃତିର ଅନନ୍ୟ ପରମ୍ପରା ପାଇଁ ପରିଚିତ ଗଞ୍ଜାମ ଜିଲ୍ଲାର ୯୧ ଜଣ କଳାକାରଙ୍କୁ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସମ୍ମାନିତ କରାଯାଇଛି। କଳାକାରମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଗଞ୍ଜାମର ଲୋକକଳା, ଆଦିବାସୀ ନୃତ୍ୟ ଓ ପାରମ୍ପରିକ ସଂସ୍କୃତିର ଉଚ୍ଚ ପ୍ରଶଂସା କରିଥିଲେ। ପରେ କଳାକାରମାନେ ରାଷ୍ଟ୍ରପତି ଭବନରେ ମଧ୍ୟାହ୍ନ ଭୋଜନ କରିଥିଲେ।

ଗତ ଅଗଷ୍ଟ ୪ ଓ ୫ ତାରିଖରେ ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ସମୟରେ ତପ୍ତପାଣିରେ ୫ଟି ଆଦିବାସୀ ନୃତ୍ୟଦଳ ଲୋକନୃତ୍ୟ ପରିବେଷଣ କରିଥିଲେ। ବିଶେଷକରି ଲାଞ୍ଜିଆ ସୌରା ନୃତ୍ୟ ରାଷ୍ଟ୍ରପତିଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ୫ଟି ଦଳର ୯୧ ଜଣ କଳାକାରଙ୍କୁ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରାଯାଇଥିଲା।ଏହି ଅବସରରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦୀତି ଆଚାର୍ଯ୍ୟ ଓ ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତର ଓଡ଼ିଶାରେ ପୁଣି ବଢ଼ିଲା ନଦୀ ଜଳସ୍ତର

ଭୁବନେଶ୍ୱର ,୧୧୯ : ଦୁଇ ଦିନ ଧରି ଲାଗି ରହିଥିବା ପ୍ରବଳ ବର୍ଷା ପରେ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ପୁଣି ଜଳସ୍ତର ବଢ଼ିବା ଆରମ୍ଭ କରିଛି। ଲଘୁଚାପଜନିତ ବର୍ଷା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ଊର୍ଦ୍ଧ୍ୱମୁଖୀ ହୋଇଛି। ଏହାକୁ ନେଇ ଜଳ ସମ୍ପଦ ବିଭାଗ ଓ ଜିଲ୍ଲା ପ୍ରଶାସନଗୁଡ଼ିକ ସଜାଗ ହୋଇଛନ୍ତି। ତେବେ ଏପର୍ଯ୍ୟନ୍ତ ବଡ଼ ଧରଣର ବନ୍ୟା ଆଶଙ୍କା ନଥିବା ଅଧିକାରୀମାନେ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ଦ୍ରୁତଗତିରେ ବଢ଼ୁଥିବାରୁ ପରିସ୍ଥିତି ଚିନ୍ତାଜନକ ହୋଇଛି। ବାରିପଦା ନିକଟରେ ନଦୀ ଜଳସ୍ତର ବିପଦସଙ୍କେତର ନିକଟତର ହୋଇଥିବା ବେଳେ ତଳିଆ ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।ବାରିପଦା ସହରର ୭ ଓ ୮ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ପାଣି ପଶିଛି। ରାସ୍ତାଘାଟ ଓ ବସ୍ତି ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଦେଖାଦେଇଛି। ଅନେକ ଲୋକ ନିରାପଦ ସ୍ଥାନକୁ ଚାଲିଯାଇଥିବା ବେଳେ କେତେକଙ୍କୁ ପ୍ରଶାସନ ପକ୍ଷରୁ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି।

ବୁଢ଼ାବଳଙ୍ଗ ନଦୀର ଉପରମୁଣ୍ଡରେ ଥିବା ବାଙ୍ଗିରିପୋଷି, କୁଳିଅଣା, ବିଶୋଇ ଓ ଯଶିପୁର ଅଞ୍ଚଳରେ ପ୍ରବଳ ବର୍ଷା ହେବା ଯୋଗୁଁ ନଦୀର ଜଳସ୍ତର ଦ୍ରୁତ ବଢ଼ୁଛି। ବର୍ଷା ଜାରି ରହିଲେ ଜଳସ୍ତର ଆହୁରି ବଢ଼ିପାରେ ଏବଂ ପରିସ୍ଥିତି ଗମ୍ଭୀର ହେବାର ଆଶଙ୍କା ରହିଛି। ତେଣୁ ତଳିଆ ଅଞ୍ଚଳ ଉପରେ ପ୍ରଶାସନ ନଜର ରଖିଛି। ଗତ ୨୪ ଘଣ୍ଟାରେ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଅତିପ୍ରବଳରୁ ଅତ୍ୟଧିକ ପ୍ରବଳ ବର୍ଷା ହୋଇଛି। ବାଙ୍ଗିରିପୋଷିରେ ସର୍ବାଧିକ ୩୦୯.୨ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସେହିପରି ସାରସକଣାରେ ୨୯୭ ମିଲିମିଟର, ବିଶୋଇରେ ୧୯୭ ମିଲିମିଟର, ରାଇରଙ୍ଗପୁରରେ ୧୬୩ ମିଲିମିଟର, ବିଜାତଳାରେ ୧୪୦ ମିଲିମିଟର, ବହଳଦାରେ ୧୨୫ ମିଲିମିଟର, ଯାମଦାରେ ୧୧୩ ମିଲିମିଟର, କୁଳିଅଣାରେ ୯୪ ମିଲିମିଟର ଏବଂ ବାରିପଦାରେ ୮୩.୮ ମିଲିମିଟର ବର୍ଷା ହୋଇଛି। ବାରିପଦା ଅଞ୍ଚଳର ୭ଟି ସ୍ଥାନରେ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି। ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ୬ଟି ବ୍ଲକ୍‌ରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଛୁଟି ଘୋଷଣା କରିଛି। ସାରସକଣା, ବାଙ୍ଗିରିପୋଷି, ବିଶୋଇ, କୁଳିଅଣା, ବଡ଼ସାହି ଓ ବେତନଟୀ ବ୍ଲକ୍‌ରେ ସ୍କୁଲ ବନ୍ଦ ରହିଛି। ରାସ୍ତାଘାଟରେ ପାଣି ଜମିବା ଏବଂ ନଦୀ ଓ ନାଳର ଜଳସ୍ତର ବଢ଼ିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନିଆଯାଇଛି। ବର୍ଷା କମିବା ଓ ରାସ୍ତାଘାଟ ଯାତାୟାତ ଯୋଗ୍ୟ ହେବା ପରେ ପାଠପଢ଼ା ସ୍ୱାଭାବିକ ହେବ। ଅଭିଭାବକମାନଙ୍କୁ ପିଲାମାନଙ୍କୁ ଘରେ ରଖିବା ସହ ଅନାବଶ୍ୟକ ଯାତାୟାତ ନକରିବାକୁ ପରାମର୍ଶ ଦିଆଯାଇଛି। ପଡ଼ୋଶୀ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ବନ୍ୟା ଆଶଙ୍କା ବଢ଼ିଛି। ବସ୍ତା ବ୍ଲକ୍‌ର ମଥାନୀ ରୋଡ୍ ବ୍ରିଜ୍ ନିକଟରେ ଜଳକା ନଦୀର ଜଳସ୍ତର ୬.୫୦ ମିଟର ବିପଦସଙ୍କେତ ଛୁଇଁଛି ଏବଂ ଏହା ଆହୁରି ବଢ଼ିବା ଆଶଙ୍କା ରହିଛି। ଜଳସ୍ତର ୭.୪୦ ମିଟର ପର୍ଯ୍ୟନ୍ତ ପହଞ୍ଚିପାରେ ବୋଲି ଆଶଙ୍କା କରାଯାଉଛି।

ଏହା ଫଳରେ ବସ୍ତା ବ୍ଲକ୍‌ର ପ୍ରାୟ ୧୦ଟି ପଞ୍ଚାୟତ ଓ ସଦର ବ୍ଲକ୍‌ର ୨ଟି ପଞ୍ଚାୟତରେ ପାଣି ପଶିବା ଆଶଙ୍କା ରହିଛି। ମୟୂରଭଞ୍ଜର ରାସଗୋବିନ୍ଦପୁର, ମୋରଡ଼ା, ସୁଲିଆପଦା ଓ ଚିତ୍ରଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଜଳକା ନଦୀର ଜଳସ୍ତର ବଢ଼ୁଛି। ସେହିପରି ସୁବର୍ଣ୍ଣରେଖା ନଦୀର ଜଳସ୍ତର ମଧ୍ୟ ବଢ଼ିବାରୁ ଉତ୍ତର ବାଲେଶ୍ୱର ଉପରେ ଚାପ ବଢ଼ିଛି। ଭଦ୍ରକ ଜିଲ୍ଲାର ଆଖୁଆପଦାରେ ବୈତରଣୀ ନଦୀର ଜଳସ୍ତର ସକାଳ ୬ଟା ସୁଦ୍ଧା ୧୮.୨୦ ମିଟର ରହିଥିଲା। ଏଠାରେ ବିପଦସଙ୍କେତ ୧୮.୩୩ ମିଟର ଥିବା ବେଳେ ସତର୍କ ସଙ୍କେତ ୧୭.୮୩ ମିଟର। ଅର୍ଥାତ୍ ନଦୀର ଜଳସ୍ତର ବିପଦସଙ୍କେତର ଅତି ନିକଟରେ ରହିଛି। ଚଳିତ ମୌସୁମୀ ବର୍ଷାରେ ବୈତରଣୀରେ ଏହା ସପ୍ତମ ବନ୍ୟା ଲହର ବୋଲି ସୂଚନା ମିଳିଛି। ଏହାକୁ ନେଇ ଯାଜପୁର ଓ ଭଦ୍ରକ ଜିଲ୍ଲାର ଅନେକ ତଳିଆ ଅଞ୍ଚଳ ପ୍ରତି ବନ୍ୟା ଆଶଙ୍କା ରହିଛି। ଯାଜପୁରର ଦଶରଥପୁର, ବରୀ ଓ ବିଞ୍ଝାରପୁର ବ୍ଲକ୍ ସହ ଭଦ୍ରକର ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି ଓ ତିହିଡ଼ି ବ୍ଲକ୍‌ର ତଳିଆ ଅଞ୍ଚଳ ପ୍ରଭାବିତ ହେବାର ଆଶଙ୍କା ରହିଛି। ବୈତରଣୀର ଉପନଦୀ କାଣୀ ନଦୀର କେତେକ ସ୍ଥାନରେ ଥିବା ଘାଇ ଯୋଗୁଁ ମଧ୍ୟ ପାଣି ପଶିବାର ଆଶଙ୍କା ରହିଛି। ଡୋବାଭିଲ-ପାଟଣା, କାଣ୍ଟାପଡ଼ା ଓ ଜୟନ୍ତରା ମହାପାତ୍ର ସାହି ଭଳି ଅଞ୍ଚଳ ପ୍ରତି ପ୍ରଶାସନ ନଜର ରଖିଛି। ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ୍‌ରେ ଦୀର୍ଘଦିନ ଧରି ବନ୍ୟା ପରିସ୍ଥିତି ଲୋକଙ୍କ ଚିନ୍ତା ବଢ଼ାଇଛି। ଜୁଲାଇ ଆରମ୍ଭରୁ ପ୍ରାୟ ୫୬ ଦିନ ଧରି ବିଭିନ୍ନ ବନ୍ୟା ଲହରର ପ୍ରଭାବ ଏଠାରେ ଦେଖାଯାଇଛି। ଏକାଧିକ ବନ୍ୟା ଲହରରେ ନଦୀବନ୍ଧ କ୍ଷତିଗ୍ରସ୍ତ ହେବା ସହ ଚାଷଜମିରେ ପାଣି ପଶିଛି। ଅନେକ ଲୋକଙ୍କୁ ରିଲିଫ୍ କ୍ୟାମ୍ପ କିମ୍ବା ନଦୀବନ୍ଧ ଉପରେ ଆଶ୍ରୟ ନେବାକୁ ପଡ଼ିଛି।

## ମହାପ୍ରଭୁଙ୍କ ରାହୁରେଖାଲାଗି ନୀତି: ଆଜି ସାଢ଼େ ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ, ୧୧୯: ସେପ୍ଟେମ୍ବର ୨ ତାରିଖରେ ମହାପ୍ରଭୁଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେବ। ଏଥିଲାଗି ଆସନ୍ତାକାଲି ସାଢ଼େ ୪ ଘଣ୍ଟା ବନ୍ଦ ରହିବ ଜଗନ୍ନାଥ ଦର୍ଶନ। ଅପରାହ୍ନ ୨ଟା ୩୦ ମିନିଟ୍‌ରୁ ଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସଂଧ୍ୟା ୭ଟା ପରେ ପୁଣି ଦର୍ଶନାର୍ଥୀମାନେ ମହାପ୍ରଭୁଙ୍କ ଦର୍ଶନଲାଭ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଆସନ୍ତାକାଲି ସେପ୍ଟେମ୍ବର ୨, ବୁଧବାର, ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ରାହୁରେଖାଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ୨ଟା ୩୦ଠାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ଅର୍ଥାତ୍ ରେଖାପଞ୍ଚମୀ ଦିନ ଅନୁଷ୍ଠିତ ହୋଇଥାଏ । ଏହା ମହାପ୍ରଭୁଙ୍କ ଏକ ସ୍ୱତନ୍ତ୍ର ଏବଂ ଗୁପ୍ତ ନୀତିକାନ୍ତି ଅଟୋପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାରୁ ମହାପ୍ରଭୁଙ୍କଠାରୁ ଓଲାଗି ହୋଇଥିବା ସ୍ୱର୍ଣ୍ଣ ରାହୁରେଖାକୁ ଆସନ୍ତାକାଲି ପୁନର୍ବାର ଶ୍ରୀମୁଖରେ ଲାଗି କରାଯିବ।

### ରାଜଧାନୀରେ ବଢ଼ୁଛି ଆତ୍ମହତ୍ୟା ପ୍ରବଣତା

## ୨୦୪୧ ଜୀବନ ହାରିଲେଣି

ଭୁବନେଶ୍ୱର, ୧୧୯: ସ୍ମାର୍ଟ ସିଟି ଭୁବନେଶ୍ୱରର ଚକାଚକ୍ ଆଲୁଅ ଓ ଦ୍ରୁତ ବିକାଶ ପଛରେ ଲୁଚି ରହିଛି ଏକ ଭୟଙ୍କର ତଥା ଅନ୍ଧକାରମୟ ବାସ୍ତବତା। ଗତ ସାଢ଼େ ୪ ବର୍ଷ ମଧ୍ୟରେ ରାଜଧାନୀରେ ପ୍ରାୟ ୨୦୪୧ ଜଣ ବ୍ୟକ୍ତି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବା ସମଗ୍ର ସମାଜ ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଆତ୍ମହତ୍ୟା ହାର ବର୍ଷକୁ ବର୍ଷ ବୃଦ୍ଧି ପାଉଛି। ୨୦୨୨ ମସିହାରେ ୪୧୯ ଜଣ ଆତ୍ମହତ୍ୟା କରିଥିବା ବେଳେ ୨୦୨୩ରେ ୪୨୬, ୨୦୨୪ରେ ୪୮୯ ଏବଂ ୨୦୨୫ ମସିହାରେ ଏହି ସଂଖ୍ୟା ୫୦୦ ଅତିକ୍ରମ କରିଛି। ବଦଳୁଥିବା ଜୀବନଶୈଳୀ, ଅତ୍ୟଧିକ ମାନସିକ ଚାପ, ଆର୍ଥିକ ଅନଟନ ଏବଂ ପାରିବାରିକ ସମସ୍ୟା ଆଜିର ମଣିଷକୁ ଏତେ ମାତ୍ରାରେ କବଳିତ କରିଛି ଯେ, ଲୋକେ ଜୀବନ ସହ ସଂଘର୍ଷ କରିବା ବଦଳରେ ମୃତ୍ୟୁକୁ ବାଛି ନେଉଛନ୍ତି। ଦୀର୍ଘକାଳୀନ ମାନସିକ ଅବସାଦ ହିଁ ମୂଳ କାରଣଷ୍ଟବିଶିଷ୍ଟ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ, ଆତ୍ମହତ୍ୟା ହଠାତ୍ ନିଆଯାଇଥିବା ଏକ ନିଷ୍ପତ୍ତି ନୁହେଁ। ଏହା ଏକ ଜଟିଳ ମାନସିକ ପ୍ରକ୍ରିୟା ଏବଂ ଦୀର୍ଘକାଳୀନ ମାନସିକ ଅବସାଦର ଚରମ ପରିଣତି। ବ୍ୟକ୍ତି ଯେତେବେଳେ ଦୀର୍ଘ ଦିନ ଧରି ନିରାଶା, ଏକାକୀପଣ ଏବଂ ଅବସାଦ ଭିତରେ ଗତି କରେ, ସେତେବେଳେ ତା'ର ବିଚାର ଶକ୍ତି କ୍ଷୀଣ ହୋଇଯାଏ। ସମାଜରେ ଆଜି ବି ମାନସିକ ସ୍ୱାସ୍ଥ୍ୟକୁ ନେଇ ସଚେତନତାର ଅଭାବ ରହିଛି। ଅନେକ ଲୋକ କାଉନସେଲିଂ ବା ପରାମର୍ଶକୁ କେବଳ ଉପଦେଶ ଭାବି ଏଡ଼ାଇ ଯାଆନ୍ତି, ଯାହା ଫଳରେ ବିଷାଦଗ୍ରସ୍ତ ଲୋକଟି ଠିକ୍ ସମୟରେ ଚିକିତ୍ସା ନ ପାଇ ମୃତ୍ୟୁ ମୁଖରେ ପଡ଼େ। ଜୈବିକ, ମାନସିକ ଏବଂ ସାମାଜିକ କାରଣର ମିଶ୍ରଣ ବ୍ୟକ୍ତିକୁ ଏଭଳି ପଦକ୍ଷେପ ନେବାକୁ ବାଧ କରିଥାଏ। ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ଉପରେ ଚାପଷ୍ଟକ୍ୟାରିୟର ଏବଂ ପାଠପଢ଼ାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଏବଂ ଚାପ ବୃଦ୍ଧି ପାଉଛି। ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ସୁରକ୍ଷିତ ଅଭିଯାନ ଭଳି ଯୋଜନା କରିଥିଲେ ମଧ୍ୟ ଅନେକ ବେସରକାରୀ ଶିକ୍ଷାନୁଷ୍ଠାନ ଏହାକୁ ଠିକ୍ ଭାବରେ ପାଳନ କରୁନାହାନ୍ତି। ଫଳସ୍ୱରୂପ, ହଷ୍ଟେଲ ବନ୍ଦ କୋଠରୀ ଭିତରେ ଅନେକ ମେଧାବୀ ଛାତ୍ରଛାତ୍ରୀ ନିଜ ଜୀବନ ହାରୁଛନ୍ତି।

## ଜେଲ୍‌ରୁ ବାହାରିଲେ ବିକ୍ରମ, ଗଞ୍ଜାମ ବିଜେଡିକୁ ସଞ୍ଜିବନୀ!

ବ୍ରହ୍ମପୁର ୧୧୯ : ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିବା ପରେ



ଆଜି ବ୍ରହ୍ମପୁର ସର୍କଲ ଜେଲରୁ ବାହାରିଛନ୍ତି । ଜେଲ୍‌ରୁ ବାହାରି ସମୟରେ ବିଜେଡି ଦଳର ବହୁ ନେତା ଓ ସମର୍ଥକ ତାଙ୍କୁ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ସ୍ୱାଗତ କରି ପାଛୋଟି ଆଣିଛନ୍ତି । ଏହାକୁ ବ୍ରହ୍ମପୁର ରାଜନୀତିରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଜାମିନ କେବଳ ଏକ ଆଇନଗତ ଘଟଣା ନୁହେଁ, ଏହାର ରାଜନୈତିକ ପ୍ରଭାବ ମଧ୍ୟ ଆଗାମୀ ଦିନରେ ଦେଖାଦେଇପାରେ ବୋଲି ଚର୍ଚ୍ଚା ହେଉଛି। ୨୦୨୪ ନିର୍ବାଚନରେ ବିକ୍ରମ ପଣ୍ଡାଙ୍କୁ ପଛରେ ପକାଇ ବିଜେପିର ଗୋପଳପୁର ନିର୍ବାଚନ ମଣ୍ଡଳିରୁ ବିଭୁତି ଜେନା ବିଧାୟକ ହୋଇଥିଲେ। କିନ୍ତୁ ଏହି ନିର୍ବାଚନୀ ଲଢ଼େଇ ନିର୍ବାଚନ ଫଳାଫଳରେ ଶେଷ ହୋଇନଥିଲା। ଅନ୍ୟପକ୍ଷରେ ରିପୋର୍ଟ ଅନୁସାରେ, ବ୍ରହ୍ମପୁର ବିଧାୟକ ଅନିଲ କୁମାରଙ୍କ ନିର୍ବାଚନକୁ ନେଇ କୋର୍ଟରେ ଚ୍ୟାଲେଞ୍ଜ କରି ଆବେଦନ କରାଇବା ସହ ବିକ୍ରମଙ୍କ ନାମ ଯୋଡ଼ି ଅଭିଯୋଗ ଆସିଥିଲା। ଏହି ଅଭିଯୋଗକୁ ନେଇ ତଦନ୍ତକାଳୀନ ସମୟରେ ମଧ୍ୟ ଚର୍ଚ୍ଚା ହୋଇଥିଲା। ଏବେ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମଙ୍କୁ ଜାମିନ ମିଳିବା ପରେ ପ୍ରଶ୍ନ ଉଠୁଛି ବ୍ରହ୍ମପୁର ରାଜନୀତିରେ ପୁଣି ଆରମ୍ଭ ହେବ କି ବିଜେଡି ବନାମ ବିଜେପି ଲଢ଼େଇ । ବିକ୍ରମଙ୍କ ରାଜନୈତିକ ପ୍ରଭାବ ବ୍ରହ୍ମପୁରରେ ଦୀର୍ଘଦିନର। ୨୦୧୯ରେ ସେ ବ୍ରହ୍ମପୁରରୁ ବିଧାୟକ ହୋଇଥିଲେ। ୨୦୨୪ରେ ଆସନଟି ବିଜେପି ହାତକୁ ଯିବା ପରେ ବିଜେପି ନୂଆ ରାଜନୈତିକ ଶକ୍ତି ଭାବେ ଉଭା ହୋଇଛି । ବିକ୍ରମଙ୍କ ଜାମିନ ପରେ ଏବେ ସେ ପୁଣି ସକ୍ରିୟ ରାଜନୀତିକୁ ଫେରିବେ କି ନାହିଁ, ସେନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଯଦି ସେ ରାଜନୈତିକ ଭାବେ ପୁଣି ସକ୍ରିୟ ହୁଅନ୍ତି, ତେବେ ବ୍ରହ୍ମପୁରରେ ବିଜେଡି ଓ ବିଜେପିର ଲଢ଼େଇ ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି। ତେବେ ବିଜେପି ପାଇଁ ଏହାକୁ କେବଳ ଚାପ ଭାବେ ଦେଖିବା ଠିକ୍ ହେବ ନାହିଁ। ଜଣେ ବିଧାୟକ ଭାବେ ନିଜର ରାଜନୈତିକ ପ୍ରଭାବ ବଜାୟ ରଖିବା ସହ ନିର୍ବାଚନମଣ୍ଡଳୀରେ ନିଜ ସଂଗଠନକୁ ଆହୁରି ମଜବୁତ କରିବା ତାଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେବ । ଅନ୍ୟପଟେ, ବିକ୍ରମଙ୍କ ଜାମିନକୁ ନେଇ ମଧ୍ୟ ଏକ ସ୍ପଷ୍ଟ କଥା ମନେ ରଖିବା ଦରକାରଜାମିନ ମିଳିବା ଅର୍ଥ ମାମଲାରୁ ମୁକ୍ତି ନୁହେଁ। ପୀତବାସ ପଣ୍ଡା ହତ୍ୟା ମାମଲାର ଆଇନଗତ ପ୍ରକ୍ରିୟା ନିଜ ବାଟରେ ଚାଲିବ।

ଅନ୍ୟପକ୍ଷରେ ବିକ୍ରମଙ୍କ ମୁଣ୍ଡ ଉପରେ ଖୋଦ୍ ବିଜେଡି ମୁଖିଆଙ୍କ ପ୍ରତ୍ୟକ୍ଷ ଆର୍ଶୀବାଦ ରହିଆସୁଛି । ଯେଉଁ ବିଜେଡି ଦଳ ମୁଖଆ ନବୀନ ବାବୁ କୌଣସି ନେତାଙ୍କ ଉପରେ ଆଙ୍ଗଳି ଉଠିଲେ ତାଙ୍କୁ ତୁରନ୍ତ ପଦ ପଦବୀ ତଥା ନିଜ ଦଳରୁ ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଦା କରିଦେଉଥିଲେ ସେହି ପରିସ୍ଥିତିରେ ବିକ୍ରମଙ୍କୁ ଏଯାବତ ମୁଖିଆ ସୁରକ୍ଷା ଦେଇ ଆସିଛନ୍ତି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ବ୍ରହ୍ମପୁର ବିଜେଡିରେ ବିକ୍ରମଙ୍କ ଭଳି ଟାଣୁଆ ନେତାଙ୍କ ଦଳକୁ ଫେରିବା ଏକ ପ୍ରକାର ବିଜେଡି ପାଇଁ ସଞ୍ଜିବନୀ ସଦୃଶ ପାଲଟିବ । ତେଣୁ ବ୍ରହ୍ମପୁରରେ ଏବେ ବିଜେଡି ପୁଣି ନିଜର ପୁରୁଣା ଶକ୍ତିକୁ କେନ୍ଦ୍ରିଭୂତ କରିବାକୁ ଶତତ ଚେଷ୍ଟା ଚଳାଇବ ।

ଏବେ ବ୍ରହ୍ମପୁରର ରାଜନୈତିକ ପରିସ୍ଥିତିରେ ନଜର ରହିବ ବିକ୍ରମ ଜାମିନ ପରେ କେଉଁ ରାଜନୈତିକ ପଦକ୍ଷେପ ନେବେ, ବିଜେଡି ତାଙ୍କୁ କିପରି ବ୍ୟବହାର କରିବ ଏବଂ ବିଜେପିର କେ. ଅନିଲ କୁମାର ଏହାର ଜବାବ କିପରି ଦେବେ। କାରଣ ବ୍ରହ୍ମପୁରରେ ଲଢ଼େଇ ଏବେ କେବଳ ଦୁଇ ଦଳ ମଧ୍ୟରେ ନୁହେଁ ଏହା ଦୁଇ ରାଜନୈତିକ ଶକ୍ତିର ପ୍ରଭାବ ପରୀକ୍ଷା ମଧ୍ୟ ହୋଇପାରେ।

## ଦିଲ୍ଲୀ ଗସ୍ତରେ ଯିବେ ମୋହନ ଓ ନବୀନ

ଭୁବନେଶ୍ୱର, ୧୧୯: ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଥିବା ବେଳେ ମଙ୍ଗଳବାର ଦିଲ୍ଲୀ ଗସ୍ତରେ ଯାଉଛନ୍ତି ଓଡ଼ିଶାର ଦୁଇ ପ୍ରମୁଖ ରାଜନୈତିକ ଚେହେରା। ଗୋଟିଏ ପଟେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୭ ଦିନିଆ ଦିଲ୍ଲୀ ଗସ୍ତରେ ଯାଉଥିବା ବେଳେ ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ମଙ୍ଗଳବାର ରାଜଧାନୀ ଦିଲ୍ଲୀ ଯାତ୍ରା କରୁଛନ୍ତି। ଦୁଇ ନେତାଙ୍କ ଦିଲ୍ଲୀ ଗସ୍ତ ଭିନ୍ନ ଉଦ୍ଦେଶ୍ୟରେ ହୋଇଥିଲେ ମଧ୍ୟ ଏକା ସମୟରେ ଉଭୟଙ୍କ ଜାତୀୟ ରାଜଧାନୀ ଯାତ୍ରା ଓଡ଼ିଶା ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ମଙ୍ଗଳବାର ଅପରାହ୍ନରେ ଦିଲ୍ଲୀ ଗସ୍ତ କରିବେ।

ସେ ପ୍ରାୟ ଦିନ ୧ଟା ସମୟରେ ଭୁବନେଶ୍ୱରରୁ ଦିଲ୍ଲୀ ଅଭିମୁଖେ ବାହାରିବାର କାର୍ଯ୍ୟକ୍ରମ ରହିଛି। ଉପଲବ୍ଧ ସୂଚନା ଅନୁଯାୟୀ, ନବୀନ ପଟ୍ଟନାୟକ ବ୍ୟକ୍ତିଗତ କାମ ପାଇଁ ଦିଲ୍ଲୀ ଯାଉଛନ୍ତି ଏବଂ ସେଠାରେ ପ୍ରାୟ ୭ ଦିନ ରହିବେ। ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ତାଙ୍କର ଦିଲ୍ଲୀରେ ରହିବାର ସମ୍ଭାବନା ରହିଛି।

ନବୀନଙ୍କ ଏହି ଦୀର୍ଘ ଦିଲ୍ଲୀ ଗସ୍ତ ଏଭଳି ଏକ ସମୟରେ ହେଉଛି, ଯେତେବେଳେ ଓଡ଼ିଶାରେ ରାଜନୈତିକ ଗତିବିଧି ବେଶ୍ ସକ୍ରିୟ ରହିଛି। ନିର୍ବାଚନ ପରେ ବିଜେଡି ବିରୋଧୀ ଦଳରେ ଥିବାବେଳେ ଦଳର ସାଂଗଠନିକ ସ୍ଥିତି, ଆଗାମୀ ରାଜନୈତିକ ରଣନୀତି ଏବଂ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ଦଳ ଭିତରେ ଚର୍ଚ୍ଚା ଜାରି ରହିଛି।

ତେଣୁ ନବୀନଙ୍କ ଦିଲ୍ଲୀ ରହଣିକୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଆଲୋଚନା ମଧ୍ୟ ଆରମ୍ଭ ହୋଇଛି।

ତେବେ ତାଙ୍କ ଗସ୍ତର ମୁଖ୍ୟ କାରଣ ବ୍ୟକ୍ତିଗତ କାର୍ଯ୍ୟ ବୋଲି ସୂଚନା ମିଳିଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ମଙ୍ଗଳବାର ଦିଲ୍ଲୀ ଗସ୍ତ କରୁଛନ୍ତି। ସେ ଅପରାହ୍ନ ପ୍ରାୟ ୩ଟା ୩୦ରେ ଭୁବନେଶ୍ୱର ଛାଡ଼ିବେ। ତାଙ୍କ ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଜଳ ସମ୍ପଦ ସମ୍ପର୍କିତ ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା।

ମୁଖ୍ୟମନ୍ତ୍ରୀ ମାଝୀ ଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ। ଏହି ବୈଠକରେ ଓଡ଼ିଶାର ଜଳ ସମ୍ପଦ, ଜଳ ପରିଚାଳନା ଏବଂ ଏ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସୂଚନା ରହିଛି। ଓଡ଼ିଶା ଭଳି ଏକ ବିଶାଳ ରାଜ୍ୟ ପାଇଁ ଜଳ ସମ୍ପଦ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଗୋଟିଏ ପଟେ ବନ୍ୟା ସମୟରେ ବହୁ ପରିମାଣର ଜଳ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପ୍ରଭାବିତ କରୁଥିବା ବେଳେ ଅନ୍ୟପଟେ ଅନେକ ଅଞ୍ଚଳରେ ଜଳସେଚନ ଓ ପାନୀୟ ଜଳ ଉପଲବ୍ଧତା ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ। ତେଣୁ ଜଳ ସମ୍ପଦର ସଠିକ୍ ବ୍ୟବହାର, ଜଳସେଚନ ବ୍ୟବସ୍ଥାର ସମ୍ପ୍ରସାରଣ ଓ ଜଳ ସଂରକ୍ଷଣ ଭଳି ପ୍ରସଙ୍ଗ ରାଜ୍ୟ ପାଇଁ ଗୁରୁତ୍ୱ ବହନ କରେ।ଏହି ପରିପ୍ରେକ୍ଷୀରେ ମାଝୀଙ୍କ ଦିଲ୍ଲୀ ଗସ୍ତ ଓ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ସହ ବୈଠକକୁ ଗୁରୁତ୍ୱ ଦିଆଯାଉଛି। ବୈଠକରେ ଓଡ଼ିଶାର ଜଳ ସମ୍ପଦ ସହ ଜଡ଼ିତ ରାଜ୍ୟର ଦାବି ଓ ଆବଶ୍ୟକତା ଉପରେ ଆଲୋଚନା ହେବାର ଆଶା ରହିଛି।

ଏପଟେ ଦିଲ୍ଲୀରେ ନବୀନ ଓ ମାଝୀଙ୍କ ଉପସ୍ଥିତି ରାଜ୍ୟ ରାଜନୀତିରେ ଏକ ରୋଚକ ସମୟ ସୃଷ୍ଟି କରିଛି। ଜଣେ ରାଜ୍ୟର ଶାସକ ଦଳର ମୁଖ୍ୟ ଭାବେ କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ଯାଉଥିବା ବେଳେ ଅନ୍ୟଜଣେ ବିରୋଧୀ ଦଳର ନେତା ଭାବେ ବ୍ୟକ୍ତିଗତ କାର୍ଯ୍ୟରେ ଦିଲ୍ଲୀ ଯାଉଛନ୍ତି।

ଦୁଇ ନେତାଙ୍କ ଗସ୍ତର ଉଦ୍ଦେଶ୍ୟ ଅଲଗା ହୋଇଥିଲେ ମଧ୍ୟ ଏକା ସମୟରେ ଦିଲ୍ଲୀରେ ରହିବା ଘଟଣା ରାଜନୈତିକ ମହଲରେ ସ୍ୱାଭାବିକ ଭାବେ ଚର୍ଚ୍ଚା ସୃଷ୍ଟି କରିଛି। ବିଶେଷକରି ଓଡ଼ିଶାରେ ଶାସକ ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ ରାଜନୈତିକ ତାତି ଜାରି ରହିଥିବା ବେଳେ ଉଭୟ ଦଳର ଶୀର୍ଷ ନେତୃତ୍ୱଙ୍କ ଦିଲ୍ଲୀ ଉପସ୍ଥିତି ଉପରେ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ନଜର ରହିଛି।

ତେବେ ନବୀନ ପଟ୍ଟନାୟକଙ୍କ ୭ ଦିନିଆ ଦିଲ୍ଲୀ ରହଣି ସମୟରେ ସେ କୌଣସି ରାଜନୈତିକ ବୈଠକ କରିବେ କି ନାହିଁ, ସେନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ନାହିଁ। ସେହିପରି ମାଝୀଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ସହ ବୈଠକରୁ ଓଡ଼ିଶା ପାଇଁ କେଉଁ ନିଷ୍ପତ୍ତି କିମ୍ବା ପ୍ରତିଶ୍ରୁତି ମିଳୁଛି, ତାହା ଉପରେ ମଧ୍ୟ ନଜର ରହିବ। ଗୋଟିଏ ପଟେ ବିରୋଧୀ ଦଳ ନେତାଙ୍କ ଦୀର୍ଘ ଦିଲ୍ଲୀ ରହଣି, ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦ୍ର ସହ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ଆଲୋଚନାଓଡ଼ିଶାର ରାଜନୀତି ଓ ପ୍ରଶାସନିକ ମହଲ ପାଇଁ ମଙ୍ଗଳବାରର ଦିଲ୍ଲୀ ଗସ୍ତ ନିଶ୍ଚିତ ଭାବେ ଗୁରୁତ୍ୱ ବହନ କରୁଛି।

# ଦୁଇ ନିଖୋଜ ନାବାଳିକା ଉଦ୍ଧାର, ବାପା ମାଆ ହତାଶ

ଓଡ଼ଗାଁ ୦୧/୦୯(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳର ନିଖୋଜ ୨ ନାବାଳିକାଙ୍କୁ ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଉଦ୍ଧାର କରି ଆବଶ୍ୟକ ପ୍ରକ୍ରିୟା ପରେ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରିଛନ୍ତି। ଓଡ଼ଗାଁ କଲେଜରେ ୨ ଶ୍ରେଣୀରେ ଅଧ୍ୟୟନ କରୁଥିବା ୨ ନାବାଳିକା ସ୍କଲାରସିପ ଫର୍ମ ଭରିବା ନିମନ୍ତେ ସୋମବାର କଲେଜ ଆସିଥିଲେ।

ହେଲେ ଆଉ ଘରକୁ ଫେରି ନଥିଲେ।ରାତି ପର୍ଯ୍ୟନ୍ତ ନଫେରିବାରୁ ଉଭୟଙ୍କ ଅଭିଭାବକ ଏନେଇ ଓଡ଼ଗାଁ ଆଦର୍ଶ ଥାନାକୁ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ନାବାଳିକା ମାନେ ସାଙ୍ଗରେ ମୋବାଇଲ ନେଇ ନଥିବାରୁ ସେମାନଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା। ତେବେ ସେମାନଙ୍କ ମୋବାଇଲରୁ ନାବାଳିକାଙ୍କ ସାଙ୍ଗ ପାଖକୁ ଫୋନ କରିବା ପରେ ସେମାନେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ତଥା ନୟାଗଡ଼ ଜିଲ୍ଲା ସୀମାବର୍ତ୍ତି କରସିଙ୍ଗ ଅଞ୍ଚଳକୁ ଯାଇଥିବା ଜଣାପଡ଼ିଥିଲା।ଓଡ଼ଗାଁ ପୋଲିସ ଘଟଣାସ୍ଥଳକୁ ଯାଇ ଦୁଇ ନାବାଳିକାଙ୍କୁ ଉଦ୍ଧାର କରି ଆଣିବା ପରେ ସେମାନଙ୍କୁ ପଚରା କରିଥିଲେ।

ସେମାନେ ସାଙ୍ଗର ଜନ୍ମଦିନ ପାଳନ ପାଇଁ ଯାଇଥିବା ନେଇ ପୋଲିସକୁ କହିଥିଲେ। ଓଡ଼ଗାଁ ପୋଲିସ ମଙ୍ଗଳବାର ଉଭୟ ନାବାଳିକାଙ୍କୁ ନେଇ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିଥିଲେ। ଏବଂ ବୟାନ ରେକଡ ପରେ ଓଡ଼ଗାଁ ପୋଲିସ ସେ ଦୁହିଁଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।୨ ଜଣ ଯାକ ନାବାଳିକା ୨ ବନ୍ଧୁ। ଗଲାବେଳେ ଜଣେ କେହିବି ମୋବାଇଲ ନେଇନଥିଲେ। ମୋବାଇଲ ନଥିଲେ ସ୍କଲାରସିପ ପାଇଁ ଅନଲାଇନ ଆବେଦନ କରାଯାଇପାରିବ ନାହିଁ।ଏ କଥା ସେମାନେ ଜାଣିଥିଲେ। ହେଲେ ଘରଲୋକେ ଜାଣି ନଥିଲେ। ଛୁଆଙ୍କୁ ନପାଇ ବାପା ମା ବ୍ୟସ୍ତ ଓ ବିବ୍ରତ ହେବା ଛଡ଼ା ସେମାନଙ୍କ ପାଖରେ ଜାଣିବା ପାଇଁ ଅନ୍ୟ କୌଣସି ସୁଯୋଗ ନଥିଲା। ଅନ୍ୟ ପକ୍ଷରେ ବିଳମ୍ବ ହେବାରୁ ଅଥବା ରାତିରେ ସାଙ୍ଗ ଘରେ ରହିବା ପାଇଁ ଘରକୁ ସୂଚନା ଦେଇ ପାରିଥାନ୍ତେ, କିନ୍ତୁ ଦେଲେ ନାହିଁ।ଯେଉଁଥିପାଇଁ ବାପା ମାଙ୍କୁ ଥାନାର ଆଶ୍ରୟ ନେବାକୁ ପଡ଼ିଲା।

# ସ୍ୱାୟତ୍ତ ଶାସନ ଦିବସରେ 'ଡାକ୍ତର ପିସି ଦାସ ସେବା ସମ୍ମାନ ପାଇଲେ ବରିଷ୍ଠ ଡାକ୍ତର ଉମେଶ ଚନ୍ଦ୍ର ସାହୁ

କେନ୍ଦୁଝର, ୧।୯ (ଆନିସ): କାଲି କେନ୍ଦୁଝର ଅଡ଼ିଟୋରିୟମ ଠାରେ କେନ୍ଦୁଝରଗଡ଼ ନଗରପାଳିକା ପକ୍ଷରୁ ୭୬ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଲାଗି ସ୍ଥାନୀୟ ନଗରପାଳିକା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇ



ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ କାଲି ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅତିଥିମାନଙ୍କ ଉପସ୍ଥିତିରେ ଏହାକୁ ପାଳନ କରାଯାଇ ବିଭିନ୍ନ ପ୍ରତିଯୋଗୀ ଓ ପ୍ରତିଭାଙ୍କୁ ନଗରପାଳିକା ପକ୍ଷରୁ ପୁରସ୍କୃତ କରାଯାଇଛି। ତେବେ ପ୍ରଥମ ଥର ଲାଗି କେନ୍ଦୁଝରଗଡ଼ ନଗରପାଳିକା ପକ୍ଷରୁ ମୌଳିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଷ୍ଠାପର ଉଦ୍ୟମ ଲାଗି 'ଡାକ୍ତର ପିସି ଦାସ ସେବା ସମ୍ମାନ ପ୍ରଦାନ କରାଯାଇଛି। ତେଣୁ ଚଳିତ ବର୍ଷ ପ୍ରଥମେ ଏହି ସମ୍ମାନ ଜିଲ୍ଲାର ବରିଷ୍ଠ ଡାକ୍ତର ଉମେଶ ଚନ୍ଦ୍ର ସାହୁଙ୍କୁ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ କି ଡାକ୍ତର ସାହୁ ଭେଷଜ ବିଶେଷଜ୍ଞ ଭାବେ ଜିଲ୍ଲାରେ ଅନେକ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ରୋଗୀ ସେବା କରି ଲୋକପ୍ରିୟ ହୋଇପାରିଛନ୍ତି। ତାଙ୍କୁ ଏହି ସମ୍ମାନ ମିଳିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ କି ଅବିଭକ୍ତ କଟକ ଜିଲ୍ଲାର ଜଗତସିଂହପୁର ଅନ୍ତର୍ଗତ ଏକ ପଲ୍ଲୀରେ ଜନ୍ମଗ୍ରହଣ କରି ପ୍ରାଥମିକ ଶିକ୍ଷା ସମାପ୍ତ କରି କଟକ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜରୁ ଡାକ୍ତରୀ ପାସ କରି ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ଦାସ କେନ୍ଦୁଝର ସହରକୁ ଆସି ରୋଗୀ ସେବା ଆରମ୍ଭ କରିଥିଲେ। ସେ କିଛି ସମୟ ଲାଗି ସୁନ୍ଦରଗଡ଼ ଓ ମୟୁରଭଞ୍ଜ ଜିଲ୍ଲାରେ ରୋଗୀ ସେବା ପ୍ରଦାନ କରିଥିଲେ ମଧ କେନ୍ଦୁଝର ସହରରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ରୋଗୀ ସେବା ପ୍ରଦାନ କରି ଖୁବ ଲୋକପ୍ରିୟ ହୋଇଥିଲେ। ତେବେ ଚଳିତ ବର୍ଷ ତାଙ୍କର ନିଧନ ପରେ ଲୋକେ ତାଙ୍କୁ ଏବେ ଝୁରି ହେଉଛନ୍ତି।

ତେଣୁ ପ୍ରତିବର୍ଷ ଚିକିତ୍ସା ରୋଗୀ ସେବା କ୍ଷେତ୍ରରେ ନିଷ୍ଠାପର ଜଣେ ବ୍ୟକ୍ତି ବିଶେଷଙ୍କୁ ଏହି ସେବା ସମ୍ମାନ ଦିଆଯିବ ବୋଲି କେନ୍ଦୁଝରଗଡ଼ ନଗରପାଳିକାର ଉପନଗରପାଳ ବରଦା ପ୍ରସନ୍ନ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମଞ୍ଚରେ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ପୌର ଅଧକ୍ଷା ନିକୁ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ସାଂସଦ ଓ ବିଧାୟକଙ୍କ ପ୍ରତିନିଧିଙ୍କ ସହ ସମସ୍ତ ପୌର ପରିଷଦ ପାରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦୁଇ ଖଣ୍ଡ ତାର ପାଳଟିଛି ପରମପାଙ୍ଗ ଲୋକଙ୍କ ଲାଇଫ ଲାଇନ

ଫୁଲବାଣୀ,୧।୯ (ଆନିସ): ମାତ୍ର ଦୁଇ ଖଣ୍ଡ ତାର ପାଲଟିଛି ଲୋକଂକ ଲାଇଫ ଲାଇନ ପିଲା ଠୁ ବୁଢ଼ା ସମସ୍ତେ ତାର



ସାହାଯ୍ୟରେ ନିଜ ଜୀବନକୁ ବାଜି ଲଗାଇ ଭରା ନଈ ପାର ହେଉଛନ୍ତି କେତେବେଳେ ଯେ ଭୁଲ ରେ ହାତ ଖସିଗଲା ତ ଆଉ କେତେବେଳେ ତାର ଛିଡ଼ିଗଲା ତେବେ କଥା ସରିଲା ଏଭଳି ଜିବନ ଜିଉଁଛନ୍ତି କଂଧମାଳ ଜିଲ୍ଲା ବାଳିଗୁଡ଼ା ବ୍ଲକ ଅନ୍ତର୍ଗତ ପରମ ପାଙ୍ଗ ପଂଚାୟତ ଗ୍ରାମ ବାସୀ ମସେ କି ଦୁଇମାସ ନୁହେଁ ଏଭଳି ବର୍ଷ ବର୍ଷ ଧରି ବିପଦ ଜନକ ସ୍ଥିତିରେ ନଦୀ ପାର ହେଉଛନ୍ତି ୫ଟି ଗ୍ରାମର ୫ଶହ ରୁ ଉର୍ଦ୍ଧ୍ୱ ଲୋକ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ପରମ ପାଙ୍ଗା ପଂଚାୟତ ର ପାଜିମହା ନଦୀ ଘାଟରେ ପଞ୍ଚାୟତର କଡ଼ା ମାହ, ଟକ ପଦର, କାମେରି, ବାଲି ମହା, ଡବେଲମାହ, ଆଦି ୫ଟି ଗ୍ରାମର ୫ଶହ ଲୋକ ବସ ବାସ କରନ୍ତି ତେବେ ନଦୀ ଉପରେ ପୋଲ ଟିଏ ନିର୍ମାଣ କରିବାକୁ ବର୍ଷ ବର୍ଷ ଧରି ଦାବୀ କରି ଆସୁଥିଲେ ମଧ ପ୍ରଶାସନ ଏଥି ପ୍ରତୀ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି ସ୍କୁଲ ଛାତ୍ର ଛାତ୍ରୀ ମାନେ ମଧ ଏମିତି ତାର ସାହାଯ୍ୟ ରେ ବିପଦ ସଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି ।

ଦେହ ଖରାପ ହେଲେ କଥା ସରିଲା ଆମ୍ବୁଲାନ୍ସ ଗାଁ କୁ ଯିବା ସମ୍ଭବ ନୁହେଁ ପରିବାର ଲୋକେ ହଣ୍ଡା ରେ ବସାଇ ନଦୀ ପାର କରି ଆମ୍ବୁଲାନ୍ସ କୁ ଆଣିବାକୁ ପଡ଼ିଥାଏ ଏଭଳି ସ୍ଥିତି ରେ ନଦୀ ଉପରେ ଏକ ପୋଲ ନିର୍ମାଣ ଲାଗି ସରକାର ଓ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

# ବିକଟାଳ ଶବ୍ଦ : ୮ଟି ବୁଲେଟ ଜବତ

ପଟ୍ଟାମୁଣ୍ଡାଇ,୧।୯(ଆନିସ): ସମ୍ପ୍ରତି ନୂତନ ଭାବେ ପରବର୍ତ୍ତିତ ସାଇ ଲେନସର ଥାଇ ପ୍ରସ୍ତୁତ ବୁଲେଟ ମୋଟର ସାଇକେଲ ଚାଲିବା ବେଳେ ବିକଟାଳ ଶବ୍ଦ କରୁଥିବାରୁ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇଛି ବିଶେଷ କରି ହୃଦ ରୋଗୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି ଏ ସମ୍ପର୍କ ଅଭିଯୋଗ ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ସଜାଗ ହୋଇଛି ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଆଇ ଆଇ ସି ମାନସ ରଞ୍ଜନ ମଲ୍ଲିକ ବାଇକ ତନଖି କରୁଥିବା ବେଳେ ଏଭଳି ବୁଲେଟ ମୋଟର ସାଇକେଲ ତାଙ୍କ ହାବୁଡ଼ରେ ପଡିଥିଲା ଆଇ ଆଇ ସି ଶ୍ରୀମଲ୍ଲିକ ୮ଟି ବୁଲେଟ ମୋଟର ସାଇକେଲ ଜବତ କରି ଥାନାରେ ଅଟକ ରଖିଛନ୍ତି ପଟ୍ଟାମୁଣ୍ଡାଇ ଆଇ ଆଇ ସିଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି

# ନାବାଳିକା ଦୁଷ୍କର୍ମ ମାମଲା, ଅଭିଯୁକ୍ତ କୁ ୧୦ବର୍ଷ ଜେଲ

ଫୁଲବାଣୀ, ୧।୯ (ଆନିସ): ଫୁଲବାଣୀ ଟାଉନ ଥାନା ଅଞ୍ଚଳ ର ଏକ ନାବାଳିକା ଦୁଷ୍କର୍ମ ମାମଲା ର ଶୁଣାଣୀ କରି ସ୍ୱତନ୍ତ୍ର ପୋକ ସୋ ଅଦାଲତ ଅଭିଯୁକ୍ତ ଫୁଲବାଣୀ ର ସୋନ୍ତଶ କୁମାର ସ୍ୱାଇଁ କୁ ୧୦ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି ଏଥି ସହ ୨୦ହଜାର ଟଂକା ଜୋରିମାନା ଆଦେଶ ଦେଇଛନ୍ତି ଜୋରିମାନା ଅନାଦେୟ ଅଧିକ ୪ମାସ ଜେଲ ଦଣ୍ଡ ଭୋଗିବକୁ ଆଦେଶ ଦେଇଛନ୍ତି ସୂଚନା ଯୋଗ୍ୟ ଯେ ନାବାଳିକା ଜଣଙ୍କ ୨୦୧୭ମସିହାରେ ଫୁଲବାଣୀ ରୁ ଫିରିଙ୍ଗିଆ ବୁଲି ଯାଇଥିଲେ ସେଠାରୁ ଫେରିବା ପରେ ତାଂକ ମୋବାଇଲ ଫୋନ ସନ୍ତୋଷ ଘରେ ଥିବା ଜାଣି ପାରି ଫୋନ ଆଣିବା ପାଇଁ ଯାଇଥିଲେ ଏହି ସମୟରେ ଅଭିଯୁକ୍ତ ସୋନ୍ତଶ ନାବାଳିକା କୁ ଘ ର ଭିତରକୁ ଟାଣି ନେଇ ଦୁଷ୍କର୍ମ କରିଥିଲା ପୀଡ଼ିତା ନାବାଳିକା କୌଣସି ମତେ ରାସ୍ତା କୁ ଆସି ସାହାଯ୍ୟ ମାଗିବା ବେଳେ ପୋଲିସ ପେଟ୍ରୋଲିଂ ଗାଡି କୁ ଦେଖି ସମସ୍ତ ବିଷୟ କହିଥିଲା ପୋଲିସ ତୁରଂତ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଶୋନ୍ତୋଷ କୁ ଗିରଫ କରିଥିଲା ଆଜି ଉକ୍ତ ମାମଲା ର ସାକ୍ଷ୍ୟ ପ୍ରମାଣ କୁ ଭିତ୍ତି କରି ପୋକ ସୋ କୋର୍ଟ ବିଚାରପତି ମନୋରଂଜନ ଦାଶ ଉପୋରକ୍ତ ରାୟ ଶୁଣାଇଛନ୍ତି ଏଥି ସହ ଦେଢ଼ ଲକ୍ଷ ଟଙ୍କା କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଆଇନ ସେବା ପ୍ରାଧିକରଣ କୁ ନିର୍ଦ୍ଦେଶ ଦେଇଛନ୍ତି ବରିଷ୍ଠ ଆଇନଜୀବି ତଥା ପିପି ରମେଶ ଚନ୍ଦ୍ର ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ

# ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ

କେନ୍ଦୁଝର, ୧।୯(ଆନିସ): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ସାହାଣୀ କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ନାମେଣ୍ଟ ପାଇଁ ଜିଲ୍ଲା ଦଳ ଚୟନ ଆସନ୍ତା ୩ ସେପ୍ଟେମ୍ବର ଗୁରୁବାର ଦିନ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଆଗ୍ରହୀ ପୁରୁଷ ଖେଳାଳି ନିଜର ପ୍ରମାଣ ପତ୍ର (ଜନ୍ମ ସାର୍ଟିଫିକେଟ / ହାଇ ସ୍କୁଲ ସାର୍ଟିଫିକେଟ / ଆଧାର କାର୍ଡ) ସହ ନିଜର ଖେଳ ଉପକରଣ ଧରି ଫୁଟବଲ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀଙ୍କ ନିକଟରେ ଜିଲ୍ଲା କ୍ରୀଡା ସଂସ୍ଥା କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୯ ଘଟିକା ସମୟରେ ନାମ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ସବିଶେଷ ବିବରଣୀ ପାଇଁ ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ ମୋବାଇଲ ନମ୍ବର ୯୯୩୭୧୨୮୨୦୦ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଫୁଲବାଣୀରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



ଫୁଲବାଣୀ,୧।୯ (ଆନିସ): ଫୁଲବାଣୀ ପୌର ପରିଷଦ ପକ୍ଷରୁ ମହା ସମାରୋହ ରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ ଫୁଲବାଣୀ ପୌର ପରିଷଦ ସହର ର ଜନସାଧାରଣ ଙ୍କ ପାଇଁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦେଇ ଲୋକଂକ ଅସ୍ଥା ଭାଜନ ହୋଇଥିବାରୁ ପ୍ରଶଂସା କରିଥିଲେ ଆଗକୁ ଅନେକ ବିକାଶ ମୂଳକ କାର୍ଯ୍ୟ ହାତକୁ ନିଆଯିବ ବୋଲି କହିଥିଲେ ପୌରଧକ୍ଷା ଶ୍ରୀମତୀ ପାୟଲ ବେହେରା ଓ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା ଯୋଗୁଁ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ର ସଫଳ ରୂପାୟନ ହୋଇପାରି ଥିବା କୁହାଯାଉଛି ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ମଲିକ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ଦ୍ୱାରା ଭିଡ଼ିଓ କନ ଫେ ରେ ସିଂ ଦ୍ୱାରା ବଡ ବନ୍ଧ ର ଉନ୍ନତୀ ଓ ସୌନ୍ଦର୍ଯ୍ୟ କରଣର ଭିତ୍ତି ପ୍ରସ୍ତର ସ୍ଥାପନ, ସହ ଦୁଇଟି ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ, (ବାପୁଜୀ ବସଷ୍ଟାଣ୍ଡ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟପରିସର ରେ) ଓ ଗାନ୍ଧୀ ଛକ ରେ ଅତ୍ୟାଧୁନିକ ଯାତ୍ରୀ ପ୍ରତିକ୍ଷାଳୟ ର ଶୁଭ ଉଦଘାଟନ କରିଥିଲେ ସେହିପରି ଏହି ଅବସରରେ ଆୟୋଜିତ ବନ୍ଧୁତ୍ୱ ପୂର୍ଣ୍ଣ ଫୁଟବଲ ମ୍ୟାଚ ରେ ଉପସ୍ଥିତ ରହି ବିଧାୟକ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ କର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ, କାଉନସିଲର ମାନେ, ବୁଦ୍ଧିଜୀବି ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ସଂଧ୍ୟାରେ ସୁନାମ ଧନ୍ୟ କଳାକାର ଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# ଚାକିରିର ଶେଷ ଦିନରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ



ବାରିପଦା, ୧।୯ (ଆନିସ): ଅବସର ଦିନରୁ ହିଁ ପେନସନ୍ ପ୍ରଦାନ କରି ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ପ୍ରତି ସମ୍ମାନ ଓ ସମ୍ବେଦନଶୀଳ ପ୍ରଶାସନର ଏକ ଉଦାହରଣ ସୃଷ୍ଟି କରିଛି ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ। ଗତ କାଲି ୩୧ ଅଗଷ୍ଟ ୨୦୨୬, ଚାକିରିର ଶେଷ ଦିନରେ ଜିଲ୍ଲା ଶିକ୍ଷା ଅଧିକାରୀ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ ଅବସରଗ୍ରହଣ କରୁଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ସେମାନଙ୍କ ପେନସନ୍ ପ୍ରଦାନ କରାଯାଇଛି। ଏହି ଅବସରରେ ଭୁରୁଙ୍ଗାସୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଏସଇଏସ ପ୍ରଧାନଶିକ୍ଷକ ସଦାଶିବ ନାୟକ, ଖୁଣ୍ଟାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ କୁମାର ଘରାଇ, ବିଏନ ସରକାରୀ ଉଚ୍ଚ ବିଦ୍ୟାଳୟ, ପାଲସମୁଣ୍ଡଳୀର ପିଇଟି ପ୍ରଦୀପ କୁମାର ଦାସ, ଏବଂ ଅନ୍ୟ ଅବସରପ୍ରାପ୍ତ କର୍ମଚାରୀ ନରେନ୍ଦ୍ର ମୋହନ ରାଉତ (ପିଅନ୍, ଏଲବି ସରକାରୀ ଉଚ୍ଚ ବିଦ୍ୟାଳୟ, ନୁଦଡିହା), ବସନ୍ତ କୁମାର ଧଳ (କନିଷ୍ଠ କିରାଣୀ, ଧାଟକିଆ ଉଚ୍ଚ ବିଦ୍ୟାଳୟ) ଓ କୁଞ୍ଜଲତା ବିଶୋଇ (ପିଅନ୍, ଶରତଚନ୍ଦ୍ର ବିଦ୍ୟାପୀଠ, ବାରିପଦା)ଙ୍କୁ ପେନସନ୍ ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ଶିକ୍ଷା ବିଭାଗରେ ନିଷ୍ଠାର ସହ ସେବା ପ୍ରଦାନ କରିଥିବାରୁ ଅବସର ଦିନରେ ହିଁ ସେମାନଙ୍କ ପେନସନ୍ ସୁନିଶ୍ଚିତ କରାଯିବା ପଦକ୍ଷେପକୁ ସ୍ୱାଗତ କରାଯାଇଛି। ଏହା ଦ୍ୱାରା ଅବସର ପରବର୍ତ୍ତୀ ଆର୍ଥିକ ସୁରକ୍ଷା ଓ ସମ୍ମାନଜନକ ଜୀବନଯାପନ ପ୍ରତି ପ୍ରଶାସନର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି।

### ଦ୍ୱାରଶୁଣୀ ଘାଟି ରାସ୍ତା କଟକଣା ଅବଧି ବୃଦ୍ଧି

# ସେପ୍ଟେମ୍ବର ୩୦ ଯାଏଁ ୫ ଘଣ୍ଟା ବନ୍ଦ ରହିବ

ବାରିପଦା, ୧।୯ (ଆନିସ): ଦ୍ୱାରଶୁଣୀ ଘାଟି ମଧ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଅବଧିକୁ ଚଳିତ ମାସ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୁପ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ ବୁଧବାରରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ଏହି ରାସ୍ତା ମଧ ଦେଇ ଯିବାଆସିବା ବନ୍ଦ ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଯାନବାହାନ(ଦୁଇ ଚକିଆରୁ ଉର୍ଦ୍ଧ୍ୱ ସମସ୍ତ ଯାନ) ଓ ପଥଚାରୀ ମାନେ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ । ଏହାସହ ଘାଟୀ ଆଖପାଖରେ ଗାଇଛେଳି ଚାରଣ କରାଇବା ମଧ ବାରଣ କରାଯାଇଛି । ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ । କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟତ ପାଇଁ ଛଡାଯିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବିଶୋଇ–ଅର୍ଗଳବିନ୍ଧା–ଶଙ୍ଖାଭଙ୍ଗା–ଯୋକା–ଚନ୍ଦନପୁର–କତରା ଛକକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ । ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୋଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲା ପ୍ରଶାସନ ତରଫରୁ ଅବଗତ କରାଯାଇଛି ।

# ପଟ୍ଟାମୁଣ୍ଡାଇରେ ସ୍ୱାୟତ୍ତଶାସନ ଦିବସରେ ବଡ଼ ଲକ୍ଷ୍ୟ



## ବନ୍ୟା, ଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ

## ଚୋରୀ ଓ ଗଣ୍ଡଗୋଳ ରୋକିବାକୁ ସିସିଟିଭି

## ପୋଖରୀ ଉନ୍ନତି ଓ ସୌଧର୍ଯ୍ୟକରଣ ଶିଳାନ୍ୟାସ

## ରକ୍ତଦାନ ଶିବିର ଓ କୃତି ପ୍ରତିଭାକୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୧।୯ (ଆନିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଧୋୟାଞ୍ଚଳର ବନ୍ୟା ସମସ୍ୟା ଓ ସହରର ବିଭିନ୍ନ ୱାର୍ଡରେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବା ସହିତ ସହରରୁ ଚୋରୀ ଓ ଗଣ୍ଡଗୋଳ ରୋକିବା ପାଇଁ ବିଧାୟକ ପାଣ୍ଠିର ସହର ମଧ୍ୟରେ ସି ସି ଟି ଭି ବ୍ୟବସ୍ଥା କରାଯାଇଛି ବୋଲି ଆଜି ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ପୌର ପରିଷଦ ପ୍ରେକ୍ଷାଳୟ ଠାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ବିଧାୟକ ଶ୍ରୀସାହୁ କହିଲେ ବନ୍ୟା ନିୟନ୍ତ୍ରଣ ପାଇଁ ରିଂବନ୍ଧ ନିର୍ମାଣ ଓ ଜଳନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ ନିର୍ମାଣ ସହ ବର୍ଷାଜଳକୁ ଗୋବରୀ ନଦୀରେ ଛଡା ଯିବା ପାଇଁ ପଦକ୍ଷେପ ନିଆଯାଉଛି ପଟ୍ଟାମୁଣ୍ଡାଇ ସହରରୁ ଚୋରୀ ଓ ଗଣ୍ଡଗୋଳ ରୋକିବା ପାଇଁ ବିଧାୟକ ପାଣ୍ଠିରୁ ଏସ ଡି ପି ଓ ଅଫିସ ଠାରୁ ପୋଲ ପାଖ ମହାବୀର ବଜାର ପର୍ଯ୍ୟନ୍ତ ସି ସି ଟି ଭି କାର୍ଯ୍ୟକ୍ରମ ଲୋକାର୍ପଣ କରାଯାଇଛି ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ନିର୍ମାଣ, ପ୍ରଶାସନିକ ଭବନ ଓ ଡାକ୍ତର କ୍ୱାଟର ନିର୍ମାଣ ପାଇଁ ପ୍ରାୟ ୧୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ପଟ୍ଟାମୁଣ୍ଡାଇ ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା ଏହାକୁ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ପଟ୍ଟାମୁଣ୍ଡାଇ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ପୌର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ କାଉନସିଲର ସର୍ବଶ୍ରୀ ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ମଳୟ ଓଝା ମୃତ୍ୟୁଞ୍ଜୟ ପାଢ଼ୀ ସମ୍ରାଟ ଜେନା ସାନିଆ ପରମିନ ସାହେବା, ରୀନାରାଣୀ ମଲିକ ପ୍ରମୁଖ ବହୁ କାଉନସିଲର ମଞ୍ଚାସୀନ ଥିଲେ ଏଇ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହଯୋଗ ଯୋଜନାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୌର ପରିଷଦ ସି ଓ ତପସ୍ୱିନୀ ଦାଶଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଓ ବିଭିନ୍ନ ସ୍କୁଲ କଲେଜର କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା ସଭା ପୂର୍ବରୁ ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ଠାରେ ପତାକା ଉତ୍ତୋଳନ କରାଯିବା ସହିତ ଏମ ଏନ ହାଇସ୍କୁଲ ନିକଟରେ ପୋଖରୀ ଉନ୍ନତି ସୌନ୍ଦର୍ଯ୍ୟ କରଣ ଶିଳାନ୍ୟାସ ଓ ଅଳଭା ଠାରେ ପୋଖରୀ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଶିଳାନ୍ୟାସ ଓ ପଟ୍ଟାମୁଣ୍ଡାଇ ସହରରେ ସି ସି ଟିଭି କାର୍ଯ୍ୟକ୍ରମ ଲୋକାର୍ପଣ, ମାଟିଆପାଳରେ ଏଫ ଏସ ଟି ପ୍ଲାଣ୍ଟ ଗୃହ ଉଦଘାଟନ ସହିତ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଏଥିରେ ବିଧାୟକ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ପୌର ଅଧକ୍ଷ ନିର୍ବାହୀ ଅଧିକାରୀ ଓ କାଉନସିଲର ମାନେ ଯୋଗ ଦେଇଥିଲେ ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା ତପସ୍ୱିନୀ ଦାଶ ପ୍ରଫୁଲ୍ଲ ଦାଶ, ମନୋରଞ୍ଜନ ଦାଶ ଗଙ୍ଗାଧର ନାୟକ ଗଣେଶ ପାତ୍ର ଓ ହୃଷିକେଶ ନାଥ ପରିଚାଳନା କରିଥିଲେ

# ବାଇକ ଦୁର୍ଘଟଣା, ଦୁଇ ଆହତଙ୍କୁ ବୁର୍ଲା ସ୍ଥାନାନ୍ତରିତ

ବିନିକା, ୧/୯ (ଆନିସ ) : ଆଜି ବିନିକା ଷ୍ଟେଟ ବ୍ୟାଙ୍କ ଶମ୍ମୁଖରେ ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଛି ସୂଚନା – ବିନିକା ଷ୍ଟେଟ ବ୍ୟାଙ୍କରୁ ନିଜ କାମ ସାରି ଜଣେ ବୃଦ୍ଧ ମହିଳା ରାସ୍ତାପାରି ହେଉଥିବା ବେଳେ ଓର ୧୭ କେ ୦୬୯୯ ବିଶିଷ୍ଟ ଡିଷକଭର ବାଇକରେ ଜଣେ ଯୁବକ ଦ୍ରୁତଗତିରେ ଆସି ବୃଦ୍ଧ ମହିଳାଙ୍କୁ ଧକ୍କା ଦେଇଥିଲା ଫଳରେ ମହିଳା ଜଣକ ଛିଟିକି ପଡି ଗୁରୁତର ହୋଇଥିବା ବେଳେ ବାଇକ ଚାଳକ ରାସ୍ତା ମଝିରେ ଥିବା ଡିଭାଇଡ଼ରରେ ପିଟି ହୋଇ ଗୁରୁତର ହୋଇଥିଲେ ସ୍ଥାନୀୟ ଲୋକେ ଉଭୟଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଉଭୟଙ୍କ ଗୁରୁତର ଥିବାରୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସେମାନଙ୍କର ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ ବୁର୍ଲା ବଡ଼ ମେଡିକାଲ କୁ ପଠାଇ ଦେଇଛନ୍ତି ଆହତ ଦ୍ବୟଙ୍କ ପତ୍ତା ମିଳିଛି ବୃଦ୍ଧ ମହିଳା ଜଣକ ହେଉଛନ୍ତି ବିନିକା ମନହରୀପଡା ବୈତ ମଲ୍ଲିକ (୬୫) ଓ ବୈଠକ ଚାଳକ ଜଣକ ବିନିକା କଂସାରୀପଡା ବିକାଶ ସାହୁ (୨୫) ବୋଲି ଜଣା ପଡିଛି ବିନିକା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବାଇକକୁ ଜବତ କରିବା ସହିତ ଅଧିକ ତଦନ୍ତ ଚଳାଇଛନ୍ତି

# ଗଞ୍ଜାମ ଏନ୍ଏସିରେ ସ୍ୱାୟତ୍ତ ଶାସନ ଦିବସ

## ଅଧ୍ୟକ୍ଷାଙ୍କ କାର୍ଯ୍ୟକୁ ସାଂସଦଙ୍କ ପ୍ରଶଂସା, ୧୦୪ ଷ୍ଟ୍ରିଟ୍ ଲାଇଟ୍‌ର ଉଦ୍‌ଘାଟନ



ଗଞ୍ଜାମ, ୧୯(ଆନିସ): ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ପକ୍ଷରୁ ସୋମବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉତ୍ସାହର ସହ ପାଳିତ ହୋଇଛି। ପୁରୁଣା ଏନ୍ଏସି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ପ୍ରତିଭା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସାଂସଦ ଡ. ପାଣିଗ୍ରାହୀ ଏନ୍ଏସି ଅଧ୍ୟକ୍ଷାଙ୍କ କାର୍ଯ୍ୟଧାରା ଓ ସହରର ବିକାଶ ପାଇଁ ହୋଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଅଧ୍ୟକ୍ଷା, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନପ୍ରତିନିଧିଙ୍କ ସମନ୍ୱିତ ପ୍ରୟାସରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଆଗକୁ ବଢ଼ିଥିବା ସେ କହିଥିଲେ। ଗଞ୍ଜାମର ସାମଗ୍ରିକ ବିକାଶରେ ଅଞ୍ଚଳବାସୀ ଏକତାର ସହ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ।

ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ଗତ ୪ ବର୍ଷ ମଧ୍ୟରେ ରାସ୍ତାଘାଟ, ପୋଖରୀ ପୁନରୁଦ୍ଧାର, ଆଲୋକୀକରଣ, ପାର୍କ, ଶ୍ମଶାନଘାଟ ଓ କଲ୍ୟାଣୀ ମଣ୍ଡପ ଆଦି କ୍ଷେତ୍ରରେ ହୋଇଥିବା ବିକାଶ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏନ୍ଏସିର ନିଜସ୍ୱ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

ସହରର ଯାତାୟାତ ସମସ୍ୟା ଦୂର ପାଇଁ ଛତ୍ରପୁର-ପୋଡ଼ପଦର ମଧ୍ୟରେ ଥିବା ପୁରୁଣା ବ୍ରିଜ୍‌ର ନବୀକରଣ ସହ ଗଞ୍ଜାମ ସହରରେ ବସ୍‌ଷ୍ଟାଣ୍ଡ ପାଇଁ ଜାଗା ଚିହ୍ନଟ କରିବାକୁ ଅଧ୍ୟକ୍ଷା ଦାବି ରଖିଥିଲେ। ଏହି ଦୁଇଟି କାର୍ଯ୍ୟ ଖୁବ୍ କମ୍ ଦିନ ମଧ୍ୟରେ କରାଯିବ ବୋଲି ସାଂସଦ ଆଶ୍ୱାସନ ଦେଇଥିଲେ।

ଏହି ଅବସରରେ ଗଞ୍ଜାମ ସହରରେ ୧୦୪ଟି ନୂଆ ଷ୍ଟ୍ରିଟ୍ ଲାଇଟ୍‌ର ଉଦ୍‌ଘାଟନ କରାଯାଇଥିଲା। ଏଥିସହ ବଡ଼ବଜାରଠାରୁ ଷ୍ଟେସନ ରୋଡ୍ ପର୍ଯ୍ୟନ୍ତ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏବଂ ହାଇସ୍କୁଲ ଛକରୁ ପଣ୍ଡା ସାହି ଓ ମେଡିକାଲ ଛକରୁ ପୋତାଗଡ଼ ପର୍ଯ୍ୟନ୍ତ ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲେଖାଏଁ ବ୍ୟୟରେ ପିଡବ୍ଲ୍ୟୁଡି ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ ପାଇଁ ଶିଳାନ୍ୟାସ କରାଯାଇଥିଲା।

ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣା ଡାଙ୍ଗୁଆ ବାର୍ଷିକ ବିବରଣୀ ପାଠ କରି ଏନ୍ଏସି ପକ୍ଷରୁ ବିଭିନ୍ନ ସରକାରୀ ଯୋଜନାର ରୂପାୟଣ ସହ ସାମାଜିକ ବିକାଶ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ହୋଇଥିବା କାର୍ଯ୍ୟର ବିବରଣୀ ଦେଇଥିଲେ।

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଗଞ୍ଜାମର ଭବିଷ୍ୟତ ବିକାଶ ନେଇ ମତ ରଖିବା ସହ ନିଜକୁ ବିଧାୟକ ନୁହେଁ, ଜନସାଧାରଣଙ୍କ ସେବକ ଭାବେ କାମ କରିବାକୁ ଚାହୁଁଥିବା କହିଥିଲେ।

କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଏବଂ ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବରିଷ୍ଠ ନାଗରିକ ଓ ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

କାର୍ଯ୍ୟକ୍ରମରେ ଏନ୍ଏସିର ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି, ସମସ୍ତ କାଉନସିଲର, କର୍ମଚାରୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ହାତରୁ ପୁରସ୍କାର ପାଇଲା ଗଞ୍ଜାମ ଏନ୍ଏସି

ଗଞ୍ଜାମ,୧୯(ଆନିସ): ନିଜସ୍ୱ ରାଜସ୍ୱ ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ଗଞ୍ଜାମ ଏନ୍ଏସିକୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର 'କୃଷି ଶିକ୍ଷା ସଦନ' ସଭାଗୃହରେ ଆୟୋଜିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ଏହି ସମ୍ମାନ ଦିଆଯାଇଛି।




ରାଜ୍ୟର ୧୫ଟି ଏନ୍ଏସି ଓ ପୌରସଂସ୍ଥାକୁ ଏହି ପୁରସ୍କାର ପାଇଁ ଚୟନ କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲାରୁ ଏକମାତ୍ର ଗଞ୍ଜାମ ଏନ୍ଏସି ଏଥିରେ ସ୍ଥାନ ପାଇଛି। ପୁରସ୍କାର ସହ ଏନ୍ଏସିକୁ ୨ କୋଟି ଟଙ୍କାର ଅର୍ଥରାଶି ମଧ୍ୟ ମିଳିଛି। ମୁଖ୍ୟମନ୍ତ୍ରୀ ଚୟନ ହୋଇଥିବା ପୌରସଂସ୍ଥାଗୁଡ଼ିକୁ ପୁରସ୍କୃତ କରିଥିଲେ।

ଗଞ୍ଜାମ ଏନ୍ଏସି ପକ୍ଷରୁ ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପନା ଡାଙ୍ଗୁଆଙ୍କ ପୁରସ୍କାର ଗ୍ରହଣ କରିଥିଲେ। ଏହି ସମ୍ମାନ ପାଇବା ପରେ ଗଞ୍ଜାମ ସହରବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ, ସ୍ୱଚ୍ଛତା କ୍ଷେତ୍ରରେ ମଧ ଗଞ୍ଜାମ ଏନ୍ଏସି ସଫଳତା ହାସଲ କରିଛି। ୨୦୨୪ ଓ ୨୦୨୫ରେ ଏନ୍ଏସି ୧-ଷ୍ଟାର ଓଡିଏଫ୍ ଜାତୀୟ ମାନ୍ୟତା ପାଇଥିଲା। ଏବେ ନିଜସ୍ୱ ରାଜସ୍ୱ ସଂଗ୍ରହରେ ରାଜ୍ୟସ୍ତରୀୟ ପୁରସ୍କାର ସହ ୨ କୋଟି ଟଙ୍କା ପାଇବା ଏନ୍ଏସି ପାଇଁ ଆଉ ଏକ ବଡ଼ ବଡ଼ ସଫଳତା ହୋଇଛି।

# ରମ୍ଭା ଏନଏସିରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଗଞ୍ଜାମ,୧୯(ଆନିସ): ରମ୍ଭା ଏନ. ଏ. ସିରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ଅଧ୍ୟକ୍ଷତରେ କଲ୍ୟାଣ ମଣ୍ଡପ ପରିସରରେ ପାଳନ ହୋଇଯାଇଛି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପଠନ କରିଥିଲେ ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ପୂର୍ବତନ ନଗରପାଳ ତଥା ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ରଞ୍ଜନ କୁମାର ଦାଶ ଏନ. ଏ. ସି. ପରିସରରେ ଜାତୀୟ ପତକା ଉତ୍ତୋଳନ କରିଥିଲେ ସାମୁହିକ ଭାବେ ଜାତୀୟ ସଂଗୀତ ସହ ବନ୍ଦେ ମାତରଂ ଗାନ କରାଯାଇଥିଲା ରମ୍ଭା ଅଞ୍ଚଳରେ ଥିବା




ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏଥି ସହିତ ସଭା ସ୍ଥଳରେ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଅତିଥି ମାନଙ୍କୁ ଫୁଲତୋଡ଼ା ସହ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା କାର୍ଯ୍ୟକ୍ରମକୁ ଡ଼. ସରୋଜ ଦାଶ, ସର୍ବନାମ ଦାଶ, ଦୀପକ କୁମାର ବିଶୋଇ, ପରିଚାଳନା କରିଥିଲେ ଏବଂ ସି. ଓ ପ୍ରଭାସିନୀ ନାୟକ, ଚିକାଲା ଲୋକେଶ୍ୱରୀ, କେ. ଜ୍ୟୋତି ଦୋରା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ ରମ୍ଭାର ସମସ୍ତ ୱାର୍ଡର କାଉସିଲର ସଦସ୍ୟ, ସଦସ୍ୟା, ସ୍ୱଚ୍ଛସାଥୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଶିକ୍ଷାବିତ, ବୁଦ୍ଧିଜୀବୀ, ଦଳୀୟ କର୍ମୀ, ଯୁବ ଗୋଷ୍ଠୀ, ବିଧାୟକ ପ୍ରତିନିଧି ସିମାଞ୍ଚଳ ବାତତ୍ୟା, ମଣ୍ଡଳ ସଭାପତି ଘନଶ୍ୟାମ ବେହେରା, କାହ୍ନା ସ୍ୱାଇଁ, ବିବେକାନନ୍ଦ ପଟ୍ଟନାୟକ, ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ ରମ୍ଭା ଏନ. ଏ. ସିର କର୍ମରତ କର୍ମଚାରୀ ହେମନ୍ତ ରାଉତ, ଶ୍ରୀବତ୍ସ ମହାନ୍ତି, ରାକେଶ କୁମାର ସ୍ୱାଇଁ, ଅମ୍ବାନନ୍ଦ ସେଠୀ, ରାକେଶ ଚନ୍ଦ୍ର ନାୟକ, ମନୋଜ କୁମାର ସେନାପତି, ମନୋଜ ପାଇକରାୟ, ବୀଣା ରାଉଳ, ପ୍ରଶାନ୍ତ ନାୟକ, ନିରଞ୍ଜନ ନାୟକ , ଦଣ୍ଡପାଣି, ରଞ୍ଜିତ, ବୁଲୁ ସମ୍ପୂର୍ଣ ସହଯୋଗ କରିଥିଲେ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରି ସମସ୍ତଙ୍କୁ ଖୁସି କରାଇଥିଲେ ଅତିଥି ମାନଙ୍କ ଦ୍ୱାରା ସମସ୍ତ ସ୍କୁଲର ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ତତ ସହିତ ଏନ ଏ ସି କର୍ମଚାରୀ ମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା ଦୁର୍ଯ୍ୟୋଧନ ଗୌଡ଼ଙ୍କ ମେଜିକରେ ଦର୍ଶକଙ୍କ ମନ ମୋହିଥିଲେ ଏଲ. ଇ. ଡ଼ି ଟିଭି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାୟତ୍ତ ଶାସନ କାୟ୍ୟକ୍ରମକୁ ଦର୍ଶକ ଉପଭୋଗ କରିଥିଲେ କାର୍ଯ୍ୟକ୍ରମ ଶେଷରେ ହେମନ୍ତ କୁମାର ରାଉତଙ୍କୁ ରମ୍ଭା ଏନ. ଏ ସିରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ରାକେଶ କୁମାର ସ୍ୱାଇଁ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା

## ବଡ଼ ଘାଟିରେ ଓଲଟିଲା କଣ୍ଟେନର ବୋଝେଇ ଟ୍ରଲର

ଖଲ୍ଲିକୋଟ,୧୯(ଆନିସ): ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ଆଜି କଣ୍ଟେନର ବୋଝେଇ ହୋଇଥିବା ଗୋଟିଏ ଟ୍ରଲର ଓଲଟି ପଡିଛି। ବ୍ରହ୍ମପୁର ପଟୁ ଭୁବନେଶ୍ୱର ଆଡକୁ ଯାଉଥିବା ଏହି ଟ୍ରଲର ଉପରେ ଦୁଇଟି କଣ୍ଟେନର ବୋଝେଇ ହୋଇଥିଲା। ବଡ଼ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ବୋଝେଇ ହୋଇଥିବା ଦୁଇଟି କଣ୍ଟେନର ସହିତ ଟ୍ରଲରଟି ଓଲଟି ପଡିଥିଲା। ସାମାନ୍ୟ ଆହତ ହୋଇଥିବା ଟ୍ରଲର ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କେଉଁ ପରିସ୍ଥିତିରେ ଟ୍ରଲରଟି ଓଲଟିଲା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

# ବିଶ୍ୱକର୍ମା ସମାଜ ଯୁବ ସଙ୍ଘର ନିର୍ବାଚନ ଏବଂ ନୂତନ କମିଟି ଗଠନ



ପୋଲସରା,୧୯(ଆନିସ): ଆଠଗଡ଼ ତାଲୁକା, ପୋଲସରା ମୁଠା ବିଶ୍ୱକର୍ମା ସମାଜ ଯୁବ ସଙ୍ଘର ନିର୍ବାଚନ ଏବଂ ନୂତନ କମିଟି ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲସରା ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଠଗଡ଼ ତାଲୁକା ପୋଲସରା ମୁଠା ସଭାପତି ମଦନ ମୋହନ ମହାରାଣା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିକ୍ରମ ମହାରାଣା ସମ୍ପାଦନା କରିଥିଲେ। ଏଥିରେ ଆଠଗଡ଼ ତାଲୁକା ଭିତିରିମୁଠାର ପୋଲସରା ମୁଠା ସମେତ ଖଲାଡ଼ି ମୁଠା, ଘାଟିପାରି ମୁଠା,ବରିଡ଼ା ଖଣ୍ଡ ମୁଠା ଏବଂ ଦକ୍ଷିଣ ଓଡ଼ିଶା ବିଶ୍ୱକର୍ମା ସମାଜ (ବଢ଼େଇକୁଳ) ସହବନ୍ଧିତ ୩୪ ତାଲୁକାର ରାଜଶ୍ରୀ ଦଣ୍ଡପାଟ, ରାଜଶ୍ରୀ ସଭାପତି ଓ କର୍ମକର୍ତ୍ତାଗଣ ଯୋଗଦେଇଥିଲେ। ଏହି ଅବସରରେ ଯୁବ ସଙ୍ଘର ସଦସ୍ୟବୃନ୍ଦଙ୍କ ସର୍ବ ସହମତି କ୍ରମେ ସୀମାଞ୍ଚଳ ମହାରାଣା (ଗୋଠଲି) ଙ୍କୁ ସଭାପତି, ପ୍ରଦୀପ ମହାରାଣା (ପୋଲସରା ମୁଠା) ଙ୍କୁ ସମ୍ପାଦକ, ଟୁନା ମହାରାଣା ଓ ମଙ୍ଗୁଲୁ ମହାରାଣା (ପୋଲସରା ମୁଠା) ଉଭୟଙ୍କୁ ଉପସଭାପତି, ଗୋବର୍ଦ୍ଧନ ମହାରାଣା (ପୋଲସରା ମୁଠା) ଙ୍କୁ ଯୁଗ୍ମ ସମ୍ପାଦକ, ଅରୁଣ ମହାରାଣା (ରାଣୀପଡ଼ା ମୁଠା) ଙ୍କୁ କୋଷାଧ୍ୟକ୍ଷ ଏବଂ ଉପଦେଷ୍ଟା ମଣ୍ଡଳୀରେ ରତ୍ନାକର ମହାରାଣା, ଯୋଗେନ୍ଦ୍ର ମହାରାଣା, ଲକ୍ଷ୍ମୀଧର ମହାରଣା ପ୍ରମୁଖଙ୍କୁ ଚୟନ କରାଯିବାସହ ସନ୍ନ୍ୟାସୀ ମହାରାଣା, ମିଥୁନ ମହାରାଣା, ବୁଦ୍ଧିରାମ ମହାରାଣା, ବସନ୍ତ ମହାରାଣା ଓ ଶଙ୍କର ମହାରାଣା ଏହି ୭ ଜଣଙ୍କୁ ସଦସ୍ୟଭାବେ ଭାବେ ଚୟନ କରାଯାଇଥିଲା। ଏହି ୧୧ ଜଣିଆ ସଦସ୍ୟ ବିଶିଷ୍ଟ ନୂତନ ପରିଚାଳନା କମିଟି ଆଗାମୀ ପାଞ୍ଚ ବର୍ଷ ସକାଶେ ସଂଘର ଉନ୍ନତି ଏବଂ ବିକାଶ ପାଇଁ କାର୍ଯ୍ୟକରିବେ। ପରେ ନୂତନ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କୁ ସଂଘ ତରଫରୁ କରତାଳି ମଧ୍ୟରେ ସ୍ୱାଗତ କରାଯିବା ସହିତ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ସମ୍ବର୍ଦ୍ଧିତ ନୂତନ କର୍ମକର୍ତ୍ତା ଏବଂ ସଦସ୍ୟମାନେ କୁଳ ଇଷ୍ଟ ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ସାକ୍ଷୀ ରଖି ସଂଘର ସର୍ବାଙ୍ଗିନ ଉନ୍ନତି ଏବଂ କଲ୍ୟାଣ ନିମନ୍ତେ ଶପଥ ଗ୍ରହଣ କରିଥିଲେ। ଶେଷରେ ସୀମା ମହାରାଣା ସଂଘ ତରଫରୁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଛାତ୍ରଙ୍କ ମୃତ, କେଲୁଆରେ ଉତ୍ତେଜନା

## ପ୍ରତିଶ୍ରୁତି ପରେ ରାସ୍ତାରୋକ ପ୍ରତ୍ୟାହୃତ



ପାତ୍ରପୁର,୧୯(ଆନିସ): ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡ଼ା ଥାନା ଭୈରପୁର ଗ୍ରାମର ସୁଶାନ୍ତ ପ୍ରଧାନଙ୍କ ପୁଅ ଚନ୍ଦନ ପ୍ରଧାନ(୧୬) ରବିବାର ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି । ଚନ୍ଦନ କେଲୁଆ ନିକଟସ୍ଥ ନାରାୟଣପୁରରେ ମାଉସୀ ଘରେ ରହି ଗୋବିନ୍ଦରାଜପୁ ସରସ୍ୱତୀ ବିଦ୍ୟାମନ୍ଦିରରେ ଦଶମ ଶ୍ରେଣୀରେ ପଢୁଥିଲେ। ରବିବାର ଚନ୍ଦନ ମାଉସୀଙ୍କ ଘର ଛାତ ଉପରକୁ କୌଣସି କାମରେ ଯାଇଥିବା ବେଳେ ଅସାବଧାନତା ହେତୁ ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଜରଡ଼ା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି । ଛାତ୍ର ଜଣକ ମୃତ୍ୟୁ ଘଟିଥିବା ବେଳେ କ୍ଷତିପୂରଣ ପ୍ରଦାନ ସହ ଘର ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ତୁରନ୍ତ ହଟାଇବା ପାଇଁ ଗ୍ରାମବାସୀ ନାରାୟଣପୁର ଓ କେଲୁଆ ଛକରେ ଟାୟାର ଜାଳି ରାସ୍ତାରୋକ କରିଥିବା ଦେଖିବାକୁ ମିଳିଛି। ଏଥି ସହ ବହୁ ମହିଳା ଓ ଶିଶୁ ରାସ୍ତା ଉପରେ ବସି ମୃତ ଛାତ୍ରଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ ପାଇଁ ଗତ ୨ ବର୍ଷ ମଧ୍ୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ଜଣଙ୍କ ଜୀବନ ଗଲାଣି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଚିକିଟୀ ଏସଡିପିଓ ବିଶ୍ୱାମିତ୍ର ହରପାଲଙ୍କ , ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ଅତିରିକ୍ତ ତହସିଲଦାର ସହ ଜରଡ଼ା ପୋଲିସ ଧାରଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ଚାରି ଘଣ୍ଟା ରାସ୍ତାରୋକ ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୫ ଦିନ ମଧ୍ୟରେ ତାର ହଟାଇବା ପାଇଁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା। ଏଥି ସହିତ ଆଗାମୀ ୧୫ ଦିନ ମଧ୍ୟରେ ବିଦ୍ୟୁତ୍ ବିଭାଗ ତରଫରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନକଲେ ପୁଣି ରାସ୍ତାରୋକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ରାସ୍ତାରୋକ ଲାଗି ପ୍ରାୟ ଚାରି ଘଣ୍ଟା ଧରି ଚିକିଟୀ ପାତ୍ରପୁର,ଚିକିଟୀ ସୁରଙ୍ଗୀ ମୁଖ୍ୟ ରାସ୍ତାରେ ଶତାଧିକ ଯାନବାହନ ଅଟକି ରହିଥିଲା। ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା।

# ଛାତ୍ରୀ ନିବାସରେ ଅବ୍ୟବସ୍ଥା ଅଭିଯୋଗ

## ୯୦ ଛାତ୍ରୀଙ୍କ ପାଇଁ ଜଣେ ମାତ୍ର ରୋଷେୟା, ଦୀର୍ଘଦିନ ଧରି ଛୁଟିରେ ୱାର୍ଡେନ୍



କୋଦଳା,୧୯(ଆନିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଜନତା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଜାତି/ଜନଜାତି ଛାତ୍ରୀ ନିବାସରେ ଅବ୍ୟବସ୍ଥା ନେଇ ଅଭିଯୋଗ ଉଠିଛି। ଛାତ୍ରୀ ନିବାସରେ ବର୍ତ୍ତମାନ ପ୍ରାୟ ୯୦ ଜଣ ଛାତ୍ରୀ ରହୁଥିବା ବେଳେ, ସେମାନଙ୍କ ଦେଖାଶୁଣା ଓ ପରିଚାଳନାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁସାରେ, ୧୦୦ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଆବାସିକ ହଷ୍ଟେଲରେ ଜଣେ ୱାର୍ଡେନ୍ ଓ ଦୁଇଜଣ ରୋଷେୟା ରହିବା କଥା। କିନ୍ତୁ ବର୍ତ୍ତମାନ ଜଣେ ମାତ୍ର ରୋଷେୟାଙ୍କ ଉପରେ ୯୦ ଜଣ ଛାତ୍ରୀଙ୍କ ଖାଦ୍ୟ ପ୍ରସ୍ତୁତିର ଦାୟିତ୍ୱ ରହିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ୱାର୍ଡେନ୍ ଦୀର୍ଘଦିନ ଧରି ଛୁଟିରେ ଥିବା ଜଣାପଡ଼ିଛି।

ବ୍ଲକ ତଥା ବ୍ଲକ ବାହାର ଅଞ୍ଚଳରୁ ଆସିଥିବା ଛାତ୍ରୀମାନେ ପରିବାରଠାରୁ ଦୂରରେ ରହି ଶିକ୍ଷା ଗ୍ରହଣ କରୁଛନ୍ତି। ଭଲ ପାଠପଢ଼ା ସହ ଉତ୍ତମ ସୁବିଧା ଓ ସୁରକ୍ଷିତ ପରିବେଶ ମିଳିବ ବୋଲି ଆଶା ରଖିଥିବା ଛାତ୍ରୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ, ହଷ୍ଟେଲ ସମ୍ପର୍କରେ ଆଲୋଚନା ପାଇଁ ୱାର୍ଡେନଙ୍କୁ ଭେଟିବା ସମୟରେ ଉତ୍ତମ ବ୍ୟବହାର ମିଳୁନଥିବା ଅଭିଯୋଗ ହୋଇଛି। ଏପରିକି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶକୁ ମଧ୍ୟ ୱାର୍ଡେନ୍ ଅଣଦେଖା କରୁଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଗୋଟିଏ ଆବାସିକ ହଷ୍ଟେଲରେ ୯୦ ଜଣ ଛାତ୍ରୀ ରହୁଥିବା ବେଳେ ମାତ୍ର ଜଣେ ରୋଷେୟାଙ୍କ ଉପରେ ଏତେ ବଡ଼ ଦାୟିତ୍ୱ ଦିଆଯିବା କେତେଦୂର ଯୁକ୍ତିଯୁକ୍ତ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଛାତ୍ରୀ ନିବାସର ସୁଚାରୁ ପରିଚାଳନା ଓ ଛାତ୍ରୀମାନଙ୍କ ମୌଳିକ ସୁବିଧା ସୁନିଶ୍ଚିତ କରିବା ଦିଗରେ କର୍ତ୍ତୃପକ୍ଷ କାହିଁକି ତୁରନ୍ତ ପଦକ୍ଷେପ ନେଉନାହାନ୍ତି, ତାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ଅଭିଯୋଗଗୁଡ଼ିକର ସତ୍ୟତା ଯାଞ୍ଚ କରି ଛାତ୍ରୀ ନିବାସରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ ସୁବ୍ୟବସ୍ଥିତ ପରିଚାଳନା ପାଇଁ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।

ଏହି ଛାତ୍ରୀ ନିବାସଟି ବେଗୁନିଆପଡ଼ା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଦାୟିତ୍ୱରେ ଥିବା ଜିପିଓ ସୁଧୀର ପ୍ରଧାନଙ୍କ ଦାୟିତ୍ୱରେ ରହିଛି। ଏ ସମାସ୍ୟାକୁ ନେଇ ଜିଲ୍ଲା ମଂଗଳ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିବା ସେ କହିଛନ୍ତି। କେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମାସ୍ୟାର ସମାଧାନ କେବେ ହେଉଛି ତା ଉପରେ ନଜର।


# ଆଞ୍ଚଳିକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ



ପୋଲସରା,୧୯(ଆନିସ): ଆଜି ହାତୀଓଟ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସ ସଭାପତିତ୍ୱ କରିଥିବା ବେଳେ ହାତୀଓଟ ସରପଞ୍ଚ ପ୍ରତନିଧି ତଥା ଯୁବ ଆଇନଜୀବୀ ସୁଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଓ ବରିଷ୍ଠ ଶିକ୍ଷାବିତ୍ ମୂରଲୀଧର ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ବ୍ଲକ୍ କ୍ରୀଡ଼ା ସମ୍ପାଦକ ଜ୍ଞାନ ରଞ୍ଜନ ଜାଲି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସାହୁ, ସମିତି ସଭ୍ୟ କାହ୍ନୁ ଚରଣ ସାହୁ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ଜେନା, ନିକଟସ୍ଥ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁଟୁ କୁମାର ନାଏକ, ବାଲ୍ମୀକି ପ୍ରଧାନ, ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ ଆଦି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ନିରାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶୁଭକାନ୍ତ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ମହୋଦୟ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ଆଞ୍ଚଳିକ ସ୍ତରର ୧୫ଟି ବିଦ୍ୟାଳୟର ଚଉଦ ବର୍ଷରୁ କମ୍ ବର୍ଗରେ ୫୨ଜଣ ବାଳକ ୪୬ଜଣ ବାଳିକା ଏବଂ ୧୭ବର୍ଷରୁ କମ୍ ବର୍ଗରେ ୧୨୧ଜଣ ବାଳକ ଓ ୩୧ଜଣ ବାଳିକା ଏପରି ମୋଟ ୨୫୦ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ରୀଡ଼ାରେ ନିଜର ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଉକ୍ତ ବିଦ୍ୟାଳୟ ମାନଙ୍କର କ୍ରୀଡ଼ା ଶିକ୍ଷକମାନେ କ୍ରୀଡ଼ା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ତଥା ଆଞ୍ଚଳିକ ସ୍ତରୀୟ କ୍ରୀଡ଼ା ସମ୍ପାଦକ ସମିର କୁମାର ଦଳାଇ ସମସ୍ତେ କ୍ରୀଡ଼ା ପରିଚାଳନାର ତଦାରଖ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶଙ୍କର ପ୍ରଧାନ, ରମେଶ ଚନ୍ଦ୍ର ସ୍ବାଇଁ, ସୁଶାନ୍ତ କୁମାର ସ୍ବାଇଁ, ଗଣପତି ସାହୁ, ସୂର୍ଯ୍ୟମଣି ସାହୁ, ଶିକ୍ଷୟିତ୍ରୀ ସୁନିତା କୁମାରୀ ବଡ଼ଜେନା, ସୁଚିସ୍ମିତା ପାତ୍ର, ସବିତା ରାଉତ, ଜ୍ୟୋତିର୍ମୟୀ ସାହୁ କର୍ମଚାରୀ ଆଶିଷ କୁମାର ପାତ୍ର, ଦୀପକ ପ୍ରଧାନ, କିରଣ କୁମାର ପଲେଇ, ସ୍ବରାଜ ନାଏକ ଶୃଙ୍ଖଳା ରକ୍ଷା ପୂର୍ବକ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ବିଦ୍ୟାଳୟର ଏନ୍‌ସିସି, ଜେଆର୍ସି, ସରକାରଙ୍କର, ଗାଇଡ୍ ଛାତ୍ରଛାତ୍ରୀମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିଲେ।

# ପୋଲସରାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

## ସମସ୍ତଙ୍କ ଦାୟିତ୍ୱ ହିଁ ପୋଲସରାର ବିକାଶର ସ୍ଥାୟୀତ୍ୱ : ମନ୍ତ୍ରୀ



ପୋଲସରା,୧୯(ଆନିସ): ପୋଲସରା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ମ୍ୟୁନସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଯୋଗଦେଇ ପୋଲସରା ସହରର ସାମଗ୍ରିକ ବିକାଶ ସହ ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ ଓ ନାଗରିକ ସେବାକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀ ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପ୍ରଧାନ , ମ୍ୟୁନସିପାଲିଟି ଅଧ୍ୟକ୍ଷା ସଙ୍ଗୀତା ବେହେରା , ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା , ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ , ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ , ପ୍ରଭାକର ପଣ୍ଡା , ଦୀପକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହର ବିକାଶ ମୂଳକ କାର୍ଯ୍ୟ ଏବଂ ସ୍ୱ- ଶାସନର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ପୋଲସରା ମ୍ୟୁନସିପାଲିଟିର ନୂତନତା ଆଣିବା ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମ ପୋଲସରା ଏକ ସେଲଫି ପଏଣ୍ଟକୁ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା । ସହରର ବିକାଶ ପାଇଁ ରାସ୍ତାଘାଟର ଉନ୍ନତି, ଡ୍ରେନେଜ୍ ବ୍ୟବସ୍ଥାର ସୁଧାର, ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ସହ ବିଭିନ୍ନ ମୌଳିକ ନାଗରିକ ସେବାର ଉନ୍ନତି ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଏଥିସହ ପୋଲସରାକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସହର ଭାବେ ଗଢ଼ିତୋଳିବା ପାଇଁ ପୌର ପ୍ରଶାସନର ବିକାଶମୂଳକ ପଦକ୍ଷେପକୁ ଆହୁରି ଗତିଶୀଳ କରିବା ଉପରେ ସେ ମତ ରଖିଥିଲେ। ପୌରାଞ୍ଚଳର ବିଭିନ୍ନ ସ୍ଥାନର ସୌନ୍ଦର୍ଯ୍ୟକରଣ, ରାସ୍ତାକଡ଼ରେ ସବୁଜିମା ସୃଷ୍ଟି, ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା, ସାର୍ବଜନୀନ ସ୍ଥାନର ଉନ୍ନତି ଓ ସ୍ୱଚ୍ଛତାକୁ ନେଇ ଗ୍ରହଣ କରାଯାଉଥିବା ପଦକ୍ଷେପ ସହରର ଚେହେରା ବଦଳାଇବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ତେବେ ବିକାଶମୂଳକ କାର୍ଯ୍ୟ କେବଳ ପୌର ପ୍ରଶାସନର ଦାୟିତ୍ୱ ନୁହେଁ, ଏଥିପାଇଁ ସହରବାସୀଙ୍କ ସକ୍ରିୟ ସହଯୋଗ ଓ ସଚେତନତା ମଧ୍ୟ ଆବଶ୍ୟକ ବୋଲି ମନ୍ତ୍ରୀ ମତ ଦେଇଥିଲେ। ସେ କହିଥିଲେ, ପୋଲସରାର ବିକାଶ ପାଇଁ ସରକାର ଓ ପୌର ପ୍ରଶାସନ ନିଜ ନିଜ ସ୍ତରରେ କାର୍ଯ୍ୟ କରୁଛନ୍ତି। ହେଲେ ବିକାଶର ଧାରାକୁ ଦୀର୍ଘସ୍ଥାୟୀ କରିବାକୁ ହେଲେ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱବୋଧ ଓ ସହଯୋଗ ଜରୁରୀ। ସହରକୁ ସ୍ୱଚ୍ଛ ରଖିବା, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା କରିବା ଏବଂ ପୌରପାଳିକାର ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବା ଦ୍ୱାରା ଏକ ସୁନ୍ଦର ଓ ବିକଶିତ ପୋଲସରା ଗଠନ ସମ୍ଭବ। ସ୍ୱାୟତ୍ତ ଶାସନ ଦିବସ କେବଳ ଉତ୍ସବ ପାଳନର ଅବସର ନୁହେଁ, ବରଂ ପୌରାଞ୍ଚଳର ବିକାଶକୁ ସମୀକ୍ଷା କରି ଆଗାମୀ ଦିନ ପାଇଁ ନୂଆ ସଂକଳ୍ପ ନେବାର ଏକ ଅବସର ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ପୋଲସରା ସହରର ସାମଗ୍ରିକ ବିକାଶକୁ ନେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନ ଓ କିଛି ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ଉତ୍ସାହିତ କରାଯିବା ସହ ସେମାନଙ୍କୁ ଉପଢୌକନ ମାନପତ୍ର ଦେଇ ଟ୍ରଫି ପ୍ରଦାନ କରିଥିଲେ । ପରିଶେଷରେ ସହରର ପରିମଳ ଓ ସ୍ୱଚ୍ଛତାକୁ ନେଇ ବିଭିନ୍ନ ସ୍କୁଲ କଲେଜରରୁ ଆସିଥିବା କୁନି କୁନି ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

## ଦାଦନର ଦୁଃଖରୁ ଶ୍ରମିକଙ୍କ ଅଧିକାର ପର୍ଯ୍ୟନ୍ତ: ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ବୈଧ ଶ୍ରମିକ ପରିଚୟପତ୍ର ବାଧ୍ୟତାମୂଳକ ହେଉ

କେନ୍ଦୁଝରର ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ଅଞ୍ଚଳର ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ଯୁବକ ଯୁବତୀମାନେ ଜୀବିକାର ସନ୍ଧାନରେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି। ସେମାନଙ୍କ ହାତରେ ଥାଏ କେବଳ ଦୁଇମୁଠା ଅନ୍ନର ସ୍ୱପ୍ନ, ହୃଦୟରେ ପରିବାର ପାଇଁ କିଛି କରିବାର ଆଶା। କିନ୍ତୁ ଦୁର୍ଭାଗ୍ୟବଶତଃ ଅନେକଙ୍କ ପାଇଁ ସେହି ଯାତ୍ରା ଜୀବନର ଶେଷ ଯାତ୍ରା ପାଲଟିଯାଉଛି। କେହି ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି, କେହି ଅସୁସ୍ଥତାରେ ମୃତ୍ୟୁବରଣ କରୁଛନ୍ତି, ଆଉ କେହି ନିଖୋଜ ହୋଇ ଚିରଦିନ ପାଇଁ ଅନ୍ଧକାରରେ ହଜିଯାଉଛନ୍ତି। ପଛରେ ରହିଯାଉଛି କେବଳ କାନ୍ଦୁଥିବା ମା, ବିଧବା ପତ୍ନୀ, ଅନାଥ ସନ୍ତାନ ଓ ଭାଙ୍ଗିପଡ଼ିଥିବା ଏକ ପରିବାର।

ଏହି ଘଟଣାଗୁଡ଼ିକ କେବଳ ଖବରକାଗଜର ଶୀର୍ଷକ ନୁହେଁ। ଏଗୁଡ଼ିକ ଆମ ପ୍ରଶାସନିକ ବ୍ୟବସ୍ଥାର ଦୁର୍ବଳତା, ଶ୍ରମିକ ସୁରକ୍ଷା ବ୍ୟବସ୍ଥାର ଅପୂର୍ଣ୍ଣତା ଏବଂ ସମାଜର ସାମୂହିକ ବିଫଳତାର ନିରବ ସାକ୍ଷୀ।

ଦାଦନ ସମସ୍ୟା ଆଜିର ନୁହେଁ। ବର୍ଷ ବର୍ଷ ଧରି ଦାରିଦ୍ର୍ୟ, ବେକାରି ଓ ସ୍ଥାନୀୟ ସ୍ତରରେ କାମର ଅଭାବ ହଜାର ହଜାର ଶ୍ରମିକଙ୍କୁ ବାହାର ରାଜ୍ୟକୁ ଯିବାକୁ ବାଧ କରୁଛି। ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ଗୁଜରାଟ ପରି ରାଜ୍ୟରେ ସେମାନେ କାମ କରୁଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ କୌଣସି ସରକାରୀ ପଞ୍ଜୀକରଣ ନାହିଁ, ଶ୍ରମିକ ପରିଚୟପତ୍ର ନାହିଁ, ବୀମା ନାହିଁ, ଆଇନଗତ ସୁରକ୍ଷା ନାହିଁ। ତେଣୁ ବିପଦ ଆସିଲେ ସେମାନେ ଆଇନର ନୁହେଁ, ଭାଗ୍ୟର ଭରସାରେ ରହିଯାଆନ୍ତି।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଜଣେ ଶ୍ରମିକର ମୃତ୍ୟୁ ପରେ ତାଙ୍କ ପରିବାରର ଭବିଷ୍ୟତ କିଏ ବହନ କରିବ? ଯେଉଁ ବ୍ୟକ୍ତି ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ, ତାଙ୍କ ଅନୁପସ୍ଥିତିରେ ସେହି ପରିବାର କେମିତି ବଞ୍ଚିବ? ଏହି ପ୍ରଶ୍ନର ଉତ୍ତର କେବଳ ସମବେଦନା ନୁହେଁ, ବରଂ ସୁଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଏକ ଐତିହାସିକ ପଦକ୍ଷେପ ନେବାର ସମୟ ଆସିଛି। ରାଜ୍ୟର ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ବାଧ୍ୟତାମୂଳକ ବୈଧ ଶ୍ରମିକ ପରିଚୟପତ୍ର ( ) ଓ ସମ୍ପୂର୍ଣ୍ଣ ଡିଜିଟାଲ ପଞ୍ଜୀକରଣ କରାଯିବା ଆବଶ୍ୟକ। ଏହା କେବଳ ଏକ କାର୍ଡ ନୁହେଁ, ଏହା ହେବ ଜଣେ ଶ୍ରମିକଙ୍କ ସୁରକ୍ଷା କବଚ।

ଏକ ବୈଧ ଶ୍ରମିକ କାର୍ଡ ଥିଲେ ସରକାରଙ୍କ ପାଖରେ ସେହି ଶ୍ରମିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ରହିବ। ସେ କେଉଁ ଜିଲ୍ଲାର, କେଉଁଠି କାମ କରୁଛନ୍ତି, କେଉଁ ଠିକାଦାରଙ୍କ ଅଧୀନରେ କାମ କରୁଛନ୍ତି, ତାଙ୍କ ପରିବାରର ସଦସ୍ୟ କିଏ, ଜରୁରୀ ସମୟରେ କାହାକୁ ଯୋଗାଯୋଗ କରିବା ଦରକାର, ସମସ୍ତ ସୂଚନା ଉପଲବ୍ଧ ରହିବ। ଫଳରେ ଦୁର୍ଘଟଣା କିମ୍ବା ମୃତ୍ୟୁ ଘଟିଲେ ତୁରନ୍ତ ପରିବାରକୁ ସୂଚନା ମିଳିପାରିବ ଓ ସହାୟତା ପହଞ୍ଚିପାରିବ।

ଏହି ଶ୍ରମିକ କାର୍ଡ ସହ ସ୍ୱୟଂଚାଳିତ ଭାବେ ଦୁର୍ଘଟଣା ବୀମା, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ପିଲାମାନଙ୍କ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ଆର୍ଥିକ ଅନୁଦାନ, ଅସ୍ଥାୟୀ ଭତ୍ତା, ବୃଦ୍ଧାବସ୍ଥା ପେନସନ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନାକୁ ସଂଯୋଗ କରାଯିବା ଉଚିତ। ଯଦି ଜଣେ ଶ୍ରମିକ କାମ କରୁଥିବା ସମୟରେ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ପରିବାରକୁ ବିନା ବିଳମ୍ବରେ ଆର୍ଥିକ ସହାୟତା ମିଳିବା ଦରକାର।

ଆଜି ବହୁ ପରିବାର ଏହି ସହାୟତାରୁ ବଞ୍ଚିତ ହେଉଛନ୍ତି କାରଣ ମୃତ ବ୍ୟକ୍ତିଙ୍କ ଶ୍ରମିକ ଭାବେ କୌଣସି ସରକାରୀ ପରିଚୟ ନାହିଁ। ପ୍ରମାଣ ଅଭାବରୁ ମାସ ମାସ ଧରି କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ୁଛି। କେହି ସହାୟତା ପାଉଛନ୍ତି, କେହି ପାଉନାହାନ୍ତି।

ଏହା ସହିତ ଦଲାଲ ପ୍ରଥା ଉପରେ କଡ଼ା ନିୟନ୍ତ୍ରଣ ଆଣିବା ଆବଶ୍ୟକ। ବିନା ଲାଇସେନ୍ସରେ କୌଣସି ବ୍ୟକ୍ତି ଶ୍ରମିକ ନେଇ ବାହାର ରାଜ୍ୟକୁ ଯାଇପାରିବେ ନାହିଁ। ପ୍ରତ୍ୟେକ ଶ୍ରମିକଙ୍କ ଯାତ୍ରା ପୂର୍ବରୁ ଅନଲାଇନ ପଞ୍ଜୀକରଣ, ଚୁକ୍ତିପତ୍ର, ମଜୁରୀର ବିବରଣୀ, କାର୍ଯ୍ୟସ୍ଥଳର ଠିକଣା ଏବଂ ନିଯୁକ୍ତିଦାତାଙ୍କ ସୂଚନା ଶ୍ରମ ବିଭାଗ ପାଖରେ ରହିବା ଉଚିତ।

ଗ୍ରାମ ପଞ୍ଚାୟତ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ୱାର୍ଡ ସଦସ୍ୟ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କୁ ଏହି ଅଭିଯାନରେ ସାମିଲ କରାଯିବା ଆବଶ୍ୟକ। ପ୍ରତ୍ୟେକ ଗାଁରେ କେତେ ଶ୍ରମିକ ବାହାର ରାଜ୍ୟକୁ ଯାଉଛନ୍ତି ତାହାର ଏକ ଅଦ୍ୟତନ ତାଲିକା ରହିବା ଦରକାର।

ଶ୍ରମ ବିଭାଗର ଅଧିକାରୀମାନେ କେବଳ କାର୍ଯ୍ୟାଳୟରେ ବସି କାଗଜପତ୍ର ଦେଖିଲେ ଚାଲିବ ନାହିଁ। ସେମାନଙ୍କୁ ନିୟମିତ ଭାବେ ଗାଁକୁ ଯାଇ ଲୋକଙ୍କ ସହ ମିଶିବାକୁ ପଡ଼ିବ। ସଚେତନତା ଶିବିର କରିବାକୁ ପଡ଼ିବ। ଶ୍ରମିକଙ୍କୁ ତାଙ୍କ ଅଧିକାର ବିଷୟରେ ବୁଝାଇବାକୁ ପଡ଼ିବ। କାରଣ ଆଇନ ବିଷୟରେ ଜ୍ଞାନ ନଥିଲେ ଅଧିକାର କେବଳ କାଗଜରେ ସୀମିତ ରହିଯାଏ।

ସରକାରଙ୍କ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାମ ହେଉଛି ସ୍ଥାନୀୟ ସ୍ତରରେ ରୋଜଗାର ସୁଯୋଗ ବଢ଼ାଇବା। ଯଦି ଗାଁରେ ପର୍ଯ୍ୟାପ୍ତ କାମ, ଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ ଓ ଜୀବିକାର ସୁଯୋଗ ସୃଷ୍ଟି ହେବ, ତେବେ ଦାଦନ ପ୍ରଥା ସ୍ୱାଭାବିକ ଭାବେ କମିଯିବ।

ଏକ ସଭ୍ୟ ସମାଜର ପରିଚୟ କେବଳ ବଡ଼ ବଡ଼ କୋଠା, ଚଉଡ଼ା ରାସ୍ତା କିମ୍ବା ଉଚ୍ଚ ଅଟ୍ଟାଳିକା ନୁହେଁ। ସେହି ସମାଜରେ ସବୁଠାରୁ ଦୁର୍ବଳ ଲୋକଟି କେତେ ସୁରକ୍ଷିତ, ତାହା ହିଁ ପ୍ରକୃତ ବିକାଶର ମାପକାଠି।

ଦିନେ ଦିନେ ଆମେ ବିକାଶର କଥା କହୁଛୁ। କିନ୍ତୁ ଯଦି ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଭୋକରେ ଦିନ କାଟେ, ପିଲା ପାଠ ପଢ଼ା ଛାଡ଼ିଦିଏ, ବୃଦ୍ଧ ମାତାପିତା ଔଷଧ ନ ପାଇ କଷ୍ଟ ପାଆନ୍ତି, ତେବେ ସେହି ବିକାଶର ଅର୍ଥ କଣ?

ଜଣେ ଶ୍ରମିକ କେବଳ ଶ୍ରମ ବିକ୍ରି କରୁନାହାନ୍ତି। ସେ ନିଜ ପରିବାରର ସ୍ୱପ୍ନ, ସନ୍ତାନର ଭବିଷ୍ୟତ ଓ ସମାଜର ଅର୍ଥନୀତିକୁ ବହନ କରୁଛନ୍ତି। ସେଥିପାଇଁ ତାଙ୍କ ସୁରକ୍ଷା କେବଳ ସରକାରର ନୁହେଁ, ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ।

ଆଜି ସମୟ ଆସିଛି କେବଳ ଦୁଃଖ ପ୍ରକାଶ କରିବାର ନୁହେଁ, ବରଂ ସ୍ଥାୟୀ ସମାଧାନ ଆଣିବାର। ଓଡ଼ିଶାର ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ବୈଧ ଶ୍ରମିକ କାର୍ଡ, ବାଧ୍ୟତାମୂଳକ ପଞ୍ଜୀକରଣ, ଦୁର୍ଘଟଣା ବୀମା, ପରିବାର ସୁରକ୍ଷା ଓ ଦ୍ରୁତ କ୍ଷତିପୂରଣ ବ୍ୟବସ୍ଥାକୁ ଆଇନଗତ ଭାବେ ସୁନିଶ୍ଚିତ କରିବା ଆବଶ୍ୟକ।

କୌଣସି ମା ତାଙ୍କ ପୁଅର ମୃତଦେହକୁ ଚିହ୍ନିବା ପାଇଁ ମାସ ମାସ ଅପେକ୍ଷା ନ କରନ୍ତୁ। କୌଣସି ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁ ପରେ ସରକାରୀ ସହାୟତା ପାଇଁ କାର୍ଯ୍ୟାଳୟ ଦୁଆରେ ଘୁରିବାକୁ ବାଧ ନ ହୁଅନ୍ତୁ। କୌଣସି ଶିଶୁ କେବଳ ବାପାଙ୍କ ପରିଚୟପତ୍ର ନ ଥିବାରୁ ଶିକ୍ଷାରୁ ବଞ୍ଚିତ ନ ହେଉ।

ପ୍ରତ୍ୟେକ ଶ୍ରମିକଙ୍କ ହାତରେ ଏକ ବୈଧ ଶ୍ରମିକ କାର୍ଡ ଥାଉ। କାରଣ ସେହି କାର୍ଡ କେବଳ ଏକ ପରିଚୟପତ୍ର ନୁହେଁ, ଏହା ଏକ ପରିବାରର ଭବିଷ୍ୟତ, ଏକ ଶିଶୁର ସ୍ୱପ୍ନ ଏବଂ ଜଣେ ଶ୍ରମିକଙ୍କ ସମ୍ମାନ ଓ ସୁରକ୍ଷାର ଜୀବନରେଖା।

**ସୌଜନ୍ୟ କୁମାର ପରିଡା**
**ବାରୋ ଛକ, ବାରୋ, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା**

# ବିନ୍ଧାଣୀ

ଜୀନ ଆରପାରିରେ କଣ ଅଛି ଉତ୍ତରରେ ମନକୁ ଆସେ ଯମପୁରୀ । ସେହି ଯମପୁରୀ ଖାଲି ଯନ୍ତ୍ରଣା ଆଉ କ୍ଲୀଷ୍ଟ ପ୍ରଦାନ କରିଥାଏ କିନ୍ତୁ ସତରେ କଣ ଜୀନ ଆରପାରିରେ ଯମପୁରୀ ଅଛି ଓ ତା ସହିତ ଯମଯନ୍ତ୍ରଣା ଏମିତି ଅନେକ କଥା ମନକୁ ଆସେ ସ୍ୱପ୍ନା ଦ୍ବିବେଦୀଙ୍କର । କର୍ମଫଳ ଅନୁଯାଇ ଯମଦଣ୍ଡ ମିଳେ ବୋଲି ବିଶ୍ୱାସ କରୁଥିବା ସ୍ୱପ୍ନା ତେଣୁ ନିଜ କର୍ମକୁ ସୁଚାରୁ ରୂପେ କରିବାକୁ ଯାଇ ଭିଜିଲାନ୍ସ ଡିପାର୍ଟମେଣ୍ଟରେ ଚାକିରୀ କରୁଥିବା ବେଳେ କେତେ କେତେ କୋଠା ସିଜ କରିବା ସହ କେତେ କେବେ କେତେ ଲୋକଙ୍କୁ ରାଜାରୁ ଭିକାରୀ କଲାବେଳେ ତାଙ୍କ ଲୁହ ନିଶ୍ୱାସ ପଡୁଥିବ କି ଭାବି ଡରିଯାଆନ୍ତି ଥରେ ଥରେ ସ୍ୱପ୍ନା । ପୁଣି ନିଜ କର୍ତ୍ତବ୍ୟ କରିବାକୁ ଯାଇ ଯଦି କିଛି ନିଷ୍ଠୁର କାମ କରିବାକୁ ପଡୁଛି ତେବେ ସେଥିରେ ତାଙ୍କର କି ଭୁଲ ବୋଲି ଭାବି ଠିକ ଠାକ କର୍ତ୍ତବ୍ୟ କରୁ କରୁ କେ କିଏ ଲାଞ୍ଚ ଦିଏ ତ କେ କିଏ ଗୋଡ଼ତଳେ ପଡି ଅନୁରୋଧ କରେ ଛାଡ଼ିଦେବା ପାଇଁ । ପୁଣି କେ କିଏ ଧମକାଇ ଥାଏ ତ କେ କିଏ ଟେଲିଫୋନରେ ଡର ଭୟ ଦେଖାଇଥାଏ । ସେସବୁକୁ ଭ୍ରୁକ୍ଷେପ ନକରି କର୍ତ୍ତବ୍ୟ ପଥରେ କଣ୍ଟା ଆସିଲେ କଣ୍ଟାକୁ କଣ୍ଟାରେ କାଢି ଆଜିଯାଏଁ ନିଜ ରାସ୍ତାରେ ଚାଲୁ ଚାଲୁ ବେଳେ ବେଳେ ସେସବୁ ବଡ଼ ବଡ଼ ଘରର କେହି ବୟସ୍କ ବା ବୟସ୍କା ଅର୍ଥାତ ବୃଦ୍ଧ ବା ବୃଦ୍ଧାଙ୍କ ଆକ୍ରୋଶ ମୂଳକ କଥାରେ ଜୀନର କାଚଘର ଝଣ ଝଣ କରି ଭାଙ୍ଗିଗଲା ପରି ମନେହୁଏ । କିଏ କହୁଥାଏ ସେଇଥିପାଇଁ ପରିବାର ସୁଖ ନାହିଁ ତୁମ ଭାଗ୍ୟରେ ତ କିଏ କହେ ନାରୀ ହୋଇ ମୁଣ୍ଡରେ ସିନ୍ଦୁର, ହାତରେ ଶଙ୍ଖା ପିନ୍ଧିନଥିବା କି ସନ୍ତାନ ସୁଖ ପାଇନଥିବା ସ୍ତ୍ରୀ ଲୋକ କୁଆଡୁ ବୁଝିବ ବେଘର ହେବାର ଦୁଃଖ! ଘର ଖାନତଲାସୀ ପରି ଅମର୍ଯ୍ୟାଦା ପୁଣି ଘର ସିଜ ହେଲେ କେମିତି ଲାଗେ ର ଅନୁଭବ!ଯାହାର ନିଜର ଘର ନାହିଁ, ପରିବାର ନାହିଁ, ପିଲାଛୁଆ ନାହିଁ ସେ ନାରୀ ଭିତରେ ମମତାର ନଈରେ ସ୍ନେହ ସରାଗର ଫଲ୍ଗୁ ଆଶା କରିବା ବୃଥା କହି କିଏ କେତେ କଥା କହିଲେ ମଧ୍ୟ ବିଚଳିତ ହୁଅନ୍ତି ନାହିଁ ସ୍ୱପ୍ନା ।

ସେଦିନ ଯେଉଁ ବଡ଼ବ୍ୟବସାୟୀଙ୍କ ଘରେ ପଶିଲେ ସ୍ୱପ୍ନା ମ୍ୟାଡାମ, ଆଗରୁ ଏମିତି ବଡଘର ଦେଖିନଥିଲେ ଜୀବନରେ କେ କୋଉଠି । ଟ୍ୟାକ୍ସ ଫାଙ୍କି, ଖଜଣା ନଦେବା ଇତ୍ୟାଦି ସଂଗୀନ ଦଫା ଭିତରେ ଘରକୁ ପଶି ଗଲା ବେଳକୁ ଅନା ବନା ଗଛ ସାଙ୍ଗକୁ କାନ୍ଥରେ ବରଗଛ ଓସ୍ତଗଛ ଉଠି କାନ୍ଥ ଫାଟି ଯାଇଛି । ତା ଭିତରୁ ଚେମେଣୀମାନେ ଉଡିଆସି ଦେହ ମୁଣ୍ଡରେ ବାଜିଲେ ସ୍ୱପ୍ନାଙ୍କ ଟିମରେ ଥିବା ଟାଣୁଆ ଅଫିସରମାନଙ୍କ ଦେହ ମୁଣ୍ଡରେ ତ ସେମାନଙ୍କ ଭିତରୁ ପିଅନ ଉଦ୍ଧବ କହୁଥାଏ ଯୋଉଠି ଯେତେ ଧନ ସମ୍ପତ୍ତି ଗଛିତ ଥାଏ ସେଇଠି ସେତେ ଚେମେଣୀ । ଦେଖିଲେନି ପୁରୀ ବଡ଼ ମନ୍ଦିର ରତ୍ନଭଣ୍ଡାର ଚାବି ଫିଟିଲା ବେଳେ କେତେ ଚେମେଣୀ ଚଟିଥିଆ!ଉଦ୍ଧବ କଥାକୁ ଗୁରୁତ୍ୱ ନଦେଇ ଜୋତା ମଚ ମଚ ଶବ୍ଦରେ ଫାଟି ପଡୁଥିଲା ସୁଉଚ୍ଚ ତ୍ରିତଳ ପ୍ରସାଦ । କିନ୍ତୁ ଏତେ ବଡ଼ ଘରେ ପୁରୁଣା ଆସବାସ ଛଡା ମଣିଷ ନଥିଲେ କେହି । ଶେଷରେ ଜଣାଅପଡ଼ିଲା ଭିଜିଲାଆନ୍ସ ଚଢ଼ଉ ହେବାର ଶୁଣି ନିଶ୍ଚୟ ସମସ୍ତେ ଆତ୍ମଗୋପନ କରିଛନ୍ତି । ରିପୋର୍ଟ ଲେଖା ସରିଲା ବେଳକୁ ଉଦ୍ଧବ ଆସି ଜଣେଇଲା ସବା ଉପର ଘରେ ବୁଢ଼ୀ ବସିଛି । ଚାବି ପଡି ଥିବା ସିନ୍ଦୁକକୁ ଫିଟେଇବା ଦୂରର କଥା ଛୁଆଇଁ ଦେଲାନି ବୁଢ଼ୀ । ସବୁ ମାଲମତ୍ତା ନିଶ୍ଚୟ ସେଇଠି ଅଛି । ଦୌଡିଲେ ଖେପା ମାରି ସ୍ୱପ୍ନା ମ୍ୟାଡାମ ଓ ତାଙ୍କ ପଛେ ପଛେ ଟିମ ଅଫିସରମାନେ । ବୁଟ ମାଡରେ ଦୁଆର ଖୋଲିଗଲା । ଅଧା ନିଦ୍ରିତ ଅବସ୍ଥାରୁ ଯେଉଁ ବୃଦ୍ଧା ଉଠିଲେ ତାଙ୍କୁ ଦେଖି ସ୍ୱପ୍ନା ଭାବିଲେ କିଛି ଚେମେଣୀଙ୍କ ସମଷ୍ଟିରେ ଏହି ବୃଦ୍ଧାଙ୍କ ଶରୀର ଅବସ୍ଥା ଯେମିତି । କେତେ ବୟସ ହେବ ଆଙ୍କୁ ବୃଦ୍ଧା କିନ୍ତୁ ସ୍ପଷ୍ଟ ଜଣେଇ ଦେଇଥିଲେ ଅନ୍ୟମାନେ ଫେରିଯାଆନ୍ତୁ ସେ ସ୍ୱପ୍ନା ମ୍ୟାଡାମଙ୍କୁ ତାଙ୍କ ସିନ୍ଦୁକ ଖୋଲି ଦେଖେଇଦେବେ । ସେୟା ହେଲା । ଭିତରପଟୁ ଦୁଆର ଦେଇ ବୃଦ୍ଧା ସିନ୍ଦୁକ ଖୋଲିବାକୁ ଅନୁମତି ଦେଲେ କିନ୍ତୁ ଏ କଣ ଦେଖୁଛନ୍ତି ସ୍ୱପ୍ନା!କିଛି ପୁରୁଣା ଛୀର୍ଣ୍ଣ ପାଟ ଶାଢ଼ୀ, କାଗଜ, ଚିଠି ଭିତରେ ଟିଫିନରେ କିଛି ରୁଟି । ବୃଦ୍ଧା କହୁଥିଲେ ସମସ୍ତଙ୍କୁ ହରାଇ ସାରିବା ପରେ ଏଇ ମୋର ଶେଷ ସମ୍ବଳ । ପାରୁଛନ୍ତି ତ ସିନ୍ଦୁକଟିକୁ ନେଇଯିବେ ଯଦି ନେଇଯାଆନ୍ତୁ । ଅନେକ ପ୍ରଶ୍ନ ମନକୁ ଆନ୍ଦୋଳିତ କରୁଥିଲେ ମଧ୍ୟ କିଛି ନପଚାରି ଫେରିଆସିଥିଲେ ସ୍ୱପ୍ନା ତଳକୁ । ଅଫିସରମାନେ ବେଢ଼ିଯାଇ ପଚାରୁଥିଲେ ସୁନା ରୁପା ହୀରା ଲୀଳା କଣ କେତେ ଅଛି ଆଜି ସ୍ୱପ୍ନାଙ୍କ ଆଖିରେ ଆଷାଢ଼ୀ ଓ ଶ୍ରାବଣୀ ଧାର ଦେଖି କେହି କିଛି ବୁଝିନପାରି ପୁଣି ପଚାରୁଥିଲେ ସିନ୍ଦୁକ ଭିତରେ ଚେମେଣୀ ମାଡ଼ ହେଲାକି ମ୍ୟାଡ଼ାମତଥାପି ସ୍ୱପ୍ନା ନିରୁତ୍ତର ନରହି କହୁଥିଲେ ଜୀନ ଆରପାରିରେ । । ହଁ ମ୍ୟାଡାମ କୁହନ୍ତୁ କୁହନ୍ତୁ ଜୀନ ଆରପାରିରେ ବି ବୃଦ୍ଧାଙ୍କର ଲୋଭ ଛାଡ଼ିନି ନାସ୍ୱପ୍ନା ଏଥର ଭୋ ଭୋ କାନ୍ଦି ପକେଇଥିଲେ ତ କେହି କିଛି ବୁଝି ପାରୁନଥିଲେ ।

ଦୁଇ ତିନି ଦିନ ଜ୍ୱର ହେଲା, ଔଷଧ ଖାଇ ନ ଥିଲେ ମଧ ଚଳି ଥାଆନ୍ତା, କିଛିଦିନ ମଧ୍ୟରେ ସୁସ୍ଥ ହୋଇପାରିଥାଅନ୍ତେ, କିନ୍ତୁ ଆପଣ ଡାକ୍ତରଙ୍କ ପାଖକୁ ଗଲେ ।ଡାକ୍ତରବାବୁ ଟିକିଏ ପଚରା ଉଚୁରା କରି ଆଗ ତିନୋଟି ପରୀକ୍ଷା କରିବାପାଇଁ କହିଲେ ।

ରିପୋର୍ଟରେ ଜ୍ୱରର କାରଣ ବୁଝା ନ ଗଲେ ମଧ କୋଲେଷ୍ଟ୍ରାଲ ଏବଂ ବ୍ଲଡ଼ ସୁଗାର ଲେବୁଲ ଟିକିଏ ଅଧିକ ଦେଖାଗଲା, ଯାହା ସାମାନ୍ୟ ଏପଟ ସେପଟ ବି ହୋଇପାରେ, କିଛିଦିନ ଜ୍ୱର ହେବା ପରେ ।ବର୍ତ୍ତମାନ କିନ୍ତୁ ଆପଣ ଆଉ ଜ୍ୱରର ରୋଗୀ ନୁହନ୍ତି । ଡାକ୍ତରବାବୁ ବୁଝାଇଲେ ଯେ କୋଲେଷ୍ଟ୍ରଲ ଟିକିଏ ଅଧିକ ଅଛି ଏବଂ ଆପଣଙ୍କର ଡ଼ାଇବେଟିସ ଆରମ୍ଭ ହୋଇଯାଇଛି ।ଆପଣଙ୍କୁ ଏବେଠାରୁ କୋଲେଷ୍ଟ୍ରାଲ ନିୟନ୍ତ୍ରଣ କରିବା ପାଇଁ ଔଷଧ ଖାଇବାକୁ ହେବ, ଏବଂ ଅନେକ କିଛି ଖାଦ୍ୟ ଖାଇବାରେ ସଂଯମ ରକ୍ଷା କରିବାକୁ ହେବ ।ଖାଇବାର ନିଷେଧାଜ୍ଞା ନ ମାନିଲେ ମଧ ରୀତିମତ ଔଷଧ ଖାଇବାରେ ଯେପରି ବ୍ୟତିକ୍ରମ ନ ହୁଏ ।ଏହିପରି ତିନିମାସ ବିତିଯିବା ପରେ ପୁଣିଥରେ ଟେଷ୍ଟ ।ଏବେ ଦେଖାଗଲା ଯେ କୋଲେଷ୍ଟ୍ରାଲ ମାତ୍ରା କିଛିଟା କମିଛି, କିନ୍ତୁ ରକ୍ତଚାପ କିଛିଟା ବଢି ଯାଇଛି । ଯାହାକୁ ନିୟନ୍ତ୍ରଣ କରିବାପାଇଁ ଆଉ ଗୋଟିଏ ଔଷଧ ଖାଇବାକୁ କହିଲେ । ଏବେ ଆପଣଙ୍କ ଔଷଧର ସଂଖ୍ୟା ହେଲା ଦୁଇଟି । କେତେବେଳେ କ'ଣ ହେଇଯିବ । ଏବେସୁଧା କିଛି ଠିକ୍ ଠାକ୍ କରା ଯାଇପାରିନାହିଁ---------ସମସ୍ତ ଦାୟିତ୍ୱ ଶେଷ ହୋଇନାହିଁ ।ଏହି ଦୁଃଶ୍ଚିନ୍ତାରେ ରାତିରେ ଠିକ୍ ନିଦ ମଧ ହେଉନାହିଁ ।ଫଳରେ ଡାକ୍ତରବାବୁଙ୍କ ପରାମର୍ଶ କ୍ରମେ ଏବେ ନିଦପାଇଁ ଔଷଧ ଖାଇବାକୁ ଆରମ୍ଭ ହେଲା ।ଏବେ ଆପଣଙ୍କ ଔଷଧର ସଂଖ୍ୟା ହେଲା ତିନି ।ଏତେଗୁଡ଼ିଏ ଔଷଧ ଖାଇବାରେ ଆପଣଙ୍କର ପେଟ ଓ ଛାତିରେ ଜଳାପୋଡ଼ା ଆରମ୍ଭ ହେଲା । ଡାକ୍ତରବାବୁ କହିଲେ, ଚିନ୍ତା କରିବାର କିଛି ନାହିଁ, ଖାଇବା ପୂର୍ବରୁ ଖାଲିପେଟରେ ଦୁଇବେଳା ଦୁଇଟି ଲେଖାଏଁ ଗ୍ୟାସର ଔଷଧ ଖାଇବାକୁ ହେବ ।ଏବେ ଆପଣଙ୍କ ଔଷଧର ସଂଖ୍ୟା ହେଲା ଚାରି ।

ଏହିପରି ପ୍ରାୟ ବର୍ଷଟିଏ ଯିବା ପରେ ଆପଣ ଛାତିରେ ଯନ୍ତ୍ରଣା ଅନୁଭବ କରିବାରେ ପରିବାର ଲୋକମାନେ ଆପଣଙ୍କୁ ଡାକ୍ତରଖାନାରେ ଜରୁରୀକାଳୀନ ଭିତ୍ତିରେ ଭର୍ତ୍ତି କରାଇଲେ । ଡାକ୍ତରବାବୁ ସବୁକିଛି ପରୀକ୍ଷା ନିରୀକ୍ଷା କରିବାପରେ କହିଲେ, ''ଠିକ୍ ସମୟରେ ଆସିଯାଇଥିବାରୁ ବିରାଟ ବଡ ବିପଦକୁ ଏଡାଇ ଦେଇହେଲା, ନଚେତ ଟିକିଏ ଡେରି ହୋଇଥିଲେ ସର୍ବନାଶ ଯାଇଥାଆନ୍ତା ।ଏହାପରେ କିଛି ବିଶେଷ ପରୀକ୍ଷା କରିବାକୁ ପରାମର୍ଶ ଦେଲେ ।ଅନେକ ଗୁଡିଏ ଦାମୀ ଦାମୀ ପରୀକ୍ଷା କରିବାପରେ ଡାକ୍ତରବାବୁ କହିଲେ ଯେ, ''ଯେଉଁ ଯେଉଁ ଔଷଧ ଆଗରୁ ଖାଉଛନ୍ତି ସେ ଗୁଡିକ ସହିତ ହାର୍ଟ ପାଇଁ ଆଉ ଦୁଇଟି ଔଷଧ ଖାଇବାକୁ ହେବ ଏବଂ ଅବିଳମ୍ବେ ଜଣେ ଏଣ୍ଡୋକୋନୋଲୋଜିଷ୍ଟ ବା ହରମୋନ ସ୍ପେସିଆଲିଷ୍ଟଙ୍କ ସହିତ ପରାମର୍ଶ କରିବାକୁ ହେବ ।ଏବେ ଆପଣଙ୍କ ଔଷଧର ସଂଖ୍ୟା ବଢିକରି ହେଲା ଛଅ ।ଆପଣ ଜଣେ ହର୍ମୋନେ ସ୍ପେସିଆଲିଷ୍ଟଙ୍କ ସହିତ ଦେଖାକରିବାପରେ ସେ ପୂର୍ବ ସମସ୍ତ ଔଷଧ ସହିତ ଡାଇବେଟିସ ପାଇଁ ଗୋଟିଏ ଔଷଧ ଏବଂ ଥାଇରଏଡ଼ ପାଇଁ ଗୋଟିଏ ଔଷଧ ଖାଇବାକୁ କହିଲେ ।ବର୍ତ୍ତମାନ ଆପଣଙ୍କ ଔଷଧର ସଂଖ୍ୟା ବଢିକରି ହେଲା ଆଠ ।ଏବେ ଆପଣ ମନେ ମନେ ଜାଣିଲେ ଏବଂ ଭାବିଲେ ଯେ ଆପଣ ଜଣେ ରୋଗାକ୍ରାନ୍ତ ବ୍ୟକ୍ତି ।ଆପଣ ହୃଦ୍ ରୋଗ, ମଧୁମେହ, ଅନିଦ୍ରା, ଗ୍ୟାଷ୍ଟ୍ରିକ,ଥାଇରଏଡ଼ , କିଡ଼ନୀ ଇତ୍ୟାଦି ରୋଗରେ ରୋଗଗ୍ରସ୍ତ ।ଆପଣଙ୍କୁ ସମସ୍ତ ଔଷଧ ସହିତ ମନୋବଳ ବଢ଼ାଇ ଓ ଜୀଇଁ ରହିବାର ଶକ୍ତି ଧରି ବଞ୍ଚିବା ପାଇଁ ପରାମର୍ଶ ଦିଆଗଲା ଏବଂ ଶିଖାଇ ଦିଆଗଲା ଯେ ଆପଣ ଜଣେ ରୋଗାକ୍ରାନ୍ତ, ଅସୁସ୍ଥ, ଅକର୍ମଣ୍ୟ ବ୍ୟକ୍ତି ଯାହାର ଜୀବନର କୌଣସି ଭରସା ନାହିଁ ।

ଏହିପରି ପାଞ୍ଚ ଛଅ ମାସ ଯିବା ପରେ ଏତେଗୁଡିଏ ଔଷଧର କୁପ୍ରଭାବରେ ପରିସ୍ରା ଜନିତ ସମସ୍ୟା ଦେଖାଦେଲା । ଡାକ୍ତରବାବୁ ସମସ୍ତ ରୁଟିନ ପରୀକ୍ଷା କରିବା ପାଇଁ କହିଲେ ଏବଂ ଜଣାପଡ଼ିଲା ଆପଣଙ୍କର କିଡ଼ନୀରେ ସାମାନ୍ୟ ସମସ୍ୟା ଅଛି ।ଏଣୁ ବିଭିନ୍ନ ରକମର କିଡ଼ନୀ ଫଙ୍କସନ ଟେଷ୍ଟ କରିବାକୁ ହେବ । ରିପୋର୍ଟ ଦେଖିବାପରେ ଡାକ୍ତର କହିଲେ ଯେ ସିରିଆସନିନେ ଟିକିଏ ଅଧିକ ଅଛି, ତେବେ ନିୟମିତ ଔଷଧ ଖାଇଲେ ବିଶେଷ କିଛି ଚିନ୍ତା କରିବାର ନାହିଁ। କିଡ଼ନୀ ପାଇଁ ସେ ଆଉ ଦୁଇଟି ଔଷଧ ଯୋଗ କରିଲେ।ଫଳତଃ ଆପଣଙ୍କ ଔଷଧର ସଂଖ୍ୟା ହୋଇଗଲା ଦଶ ।ଏବେ ଆପଣ ପାଇଁ ଖାଦ୍ୟ ଅପେକ୍ଷା ଔଷଧ ହୋଇଗଲା ଅଧିକ ଏବଂ ବିଭିନ୍ନ ଔଷଧର ପାର୍ଶ୍ୱପ୍ରତିକ୍ରିୟା କାରଣରୁ ଖୁବ ଦ୍ରୁତ ଗତିରେ ଆପଣ ମୃତ୍ୟୁମୁଖକୁ ଆଗେଇ ଚାଲିଲେ ।ଅଥଚ, ଯେଉଁ ଜ୍ୱରପାଇଁ ଆପଣ ଡାକ୍ତରଙ୍କ ପାଖକୁ ଯାଇଥିଲେ, ସେତେବେଳେ ସେ ଯଦି କହିଥାଆନ୍ତେ, ''ଏହି ସାମାନ୍ୟ ଜ୍ୱର ପାଇଁ କିଛି କରିବାକୁ ହେବନି, କେବଳ କିଛି ଦିନ ବିଶ୍ରାମ କରନ୍ତୁ, ଅଧିକରୁ ଅଧିକ ପାଣି ପିଅନ୍ତୁ, ଖାଦ୍ୟରେ ଅଧିକାଧିକ ଟଟକା ପନିପରିବା ଓ ଫଳ ଯୋଗ କରନ୍ତୁ । ଶରୀର ସୁସ୍ଥ ରଖିବା ପାଇଁ ସକାଳୁ ଉଠି କିଛି ସମୟ ବାହାରେ ଚଲାବୁଲା କରନ୍ତୁ ।ବାସ୍, ତା'ହେଲେ ଆପଣଙ୍କ ଶରୀର ସୁସ୍ଥ ଏବଂ ନିରୋଗ ରହିବ'' ।ତା ଛଡା ସୁସ୍ଥ ନିରାମୟ ଜୀନ ପାଇଁ ତଥା ଶାରୀରିକ ଓ ମାନସିକ ବଳ ପାଇଁ ନିଜ ଲୋକଙ୍କ ସ୍ନେହ ଶ୍ରଦ୍ଧା ଏକାନ୍ତ ଆବଶ୍ୟକ ।ତେବେ ରୋଗୀ ବୋଲି ଭାବି ନିଜକୁ ମୃତ୍ୟୁ ପରର ଆରପାରି ଜୀନ ପାଇଁ ହତାଶ ହେବାକୁ ପଡ଼ିନଥାନ୍ତା । ଏସବୁ ପାଇଁ ମଣିଷର ମଣିଷପଣିଆ ଲୋଡ଼ା । ସେହି ଆବଶ୍ୟକତାକୁ କେବଳ ରକ୍ତସମ୍ପର୍କୀୟ ବା ବନ୍ଧୁବାନ୍ଧବ ବା ଚିହ୍ନାଜଣା ମଣିଷ କରିପାରିବ ତା ନୁହଁ ବରଂ ହୃଦୟବାନ ମଣିଷ ଏସବୁ କରି ବଞ୍ଚୁଥିବା ମଣିଷକୁ ବଞ୍ଚିଥିବା ଯାଏଁ ଅନ୍ତତଃ ସୁଖରେ ବଞ୍ଚିବାକୁ ଦେଇପାରିବ ।

ସେଇଥିପାଇଁ ଏ ତ୍ରିତଳ ପ୍ରସାଦର ସମସ୍ତ ସରକାରୀ ବାକି ପୈଠ ଜମାକରି ମୁଁ ସ୍ୱପ୍ନା ଦ୍ବିବେଦୀ ଏ ଘରଟିକୁ ଉପଯୁକ୍ତ ଅର୍ଥ ଦେଇ ଏଠି ବାସ କରୁଥିବା ଏକମାତ୍ର ବୃଦ୍ଧାଙ୍କୁ ତାଙ୍କ ପାଉଣା ଦେବା ସହ ଘରଟିକୁ ଅନାଥାଶ୍ରମ କରି ବୃଦ୍ଧ ବୃଦ୍ଧାଙ୍କ ସମ୍ମାନାର୍ଥେ ଏହି ଘରଟିକୁ ସରକାରୀ ନିୟମ ଅନୁଯାୟୀ କିଣିନେଉଛିର ରିପୋର୍ଟ ସହ ଓକିଲନାମା ଓ ଚୁକ୍ତିପତ୍ର ସହ ନିଜ ରିଜାଇନ ଲେଟର ଦେଇ ସ୍ୱପ୍ନା ସେହି ଅଟ୍ଟାଳିକାର ମରାମତି କରାଇବା ସହ ସେହି କୋଠାର ମାଲିକାଣୀ ସେହି ଚେମେଣୀ ପରି ବୃଦ୍ଧାଙ୍କ ସହ ଶହ ଶହ ସହସାଥି ଏକାଠି କରାଇ ଜୀବନର ଆରପାରିର ଚିନ୍ତାରୁ ଯନ୍ତ୍ରଣା ମୁକ୍ତ ହେବାପାଇଁ ଐଶ୍ୱରିକ ଚିନ୍ତା, ଚେତନା ଓ ଚୈତନ୍ୟ ଉଦ୍ରେକ କରି ଖୁବ ଖୁସିରେ ରଖିଥିଲେ । ଡାକ୍ତରଙ୍କ ଔଷଧ ନୁହେଁ କି ଟେଷ୍ଟ ରିପୋର୍ଟ ନୁହେଁ ବରଂ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ସର୍ବୋପରି ଐଶ୍ୱରିକ ଶକ୍ତି ଉପରେ ବିଶ୍ୱାସ ଓ ଭରସା ସେମାନଙ୍କୁ ନୂତନ ଜୀନ ଦେଇଥିଲା । ସ୍ୱପ୍ନାଙ୍କ ଏ ପଦକ୍ଷେପ କେତେ ସୁଦୂରପ୍ରସାରୀ ଥିଲା ସେ ନିଜେ ଜାଣିନଥିଲେ ମଧ ଜୀନ ଆରପାରିରେ ଯମଯନ୍ତ୍ରଣା ନାହିଁ ବୋଲି କାହିଁକି କେଜାଣି ସ୍ୱପ୍ନାଙ୍କର ହୃଦବୋଧ ହେଉଥିଲା ଏଣିକି । ସହକର୍ମୀମାନେ ବୁଝିପାରୁନଥିଲେ ସ୍ୱପ୍ନାଙ୍କ ମାନସିକତା ଦୁଷ୍ଟ ନା ସୁସ୍ଥ!

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ଆମ୍ବ ତୋଟା

ଆମ ଗାଁ ଦେଇ ଏକ ସର ନାଳ ଯାଇଛି। ସର ନାଳକୁ ଲାଗି ଆମ୍ ତୋଟା ରହିଛି। ଏ ଆମ୍ବ ଗଛ ସବୁ ମୋ ବାପା ଲଗାଇଥିଲେ। କଲମି ଆମ୍ବ। କିଛି ଆମ୍ବ କଞ୍ଚାରେ ବି ସୁସ୍ୱାଦୁ। ପାଚିଲେ ସବୁ ଆମ୍ବ ମିଠା।ଆଖ ପାଖ ରେ କେଉଁ ଅତୀତରୁ ଦେଶୀ ଆମ୍ବ ଗଛ ରହିଛି। ଦେଶୀ ଆମ୍ବ ଗଛ ବିରାଟକାୟ। ମାତ୍ର ଫଳ ଛୋଟ ଛୋଟ। ଏହି ଗଛରୁ ଆମ୍ବ ପାରିବା ଭାରି କଷ୍ଟ। ହେଲେ ଦେଶୀ ଆମ୍ବର ଚାହିଦା ନାହିଁ। କେବଳ ଆମ୍ବୁଲ ପାଇଁ କିଛି ଗୃହିଣୀଙ୍କ ଆବଶ୍ୟକତା ରହିଛି। ଛୋଟ ଛୋଟ ଖଟା ଆମ୍ବରୁ ଆମ୍ବୁଲ ହୁଏ। ମଲା ସାମୁକା ଖୋଳପାକୁ ପଥରରେ ଘସି ଛିଦ୍ର କରା ଯାଏ। ସେଥିରେ କଞ୍ଚା ଆମ୍ବର ଚୋପାକୁ ଚଞ୍ଚା ଯାଇ ଆମ୍ବୁଲ ପ୍ରସ୍ତୁତ କରାଯାଏ। ପନିକିରେ ଚଞ୍ଚା ଆମ୍ବକୁ କଟା ଯାଇ ମାଟି ହାଣ୍ଡିରେ ଲୁଣ ଦେଇ ଜୁଆ ଯାଏ । ଖରାରେ ଜୁଆ ଆମ୍ବୁଲ ଫଡ଼ାକୁ ପଟି ଉପରେ ଶୁଖା ଯାଏ। କିଛି ଦିନ ଶୁଖିଲା ପରେ ଆମ୍ବଲ ହୁଏ।

ଗଞ୍ଜାମ ଜିଲ୍ଲାରେ ଆମ୍ବ ଆମ୍ବୁଲ ଏବଂ ଆମ୍ବ ଆଚାର ପ୍ରସିଦ୍ଧ। ଖରା ଦିନେ ପ୍ରଚୁର ଆମ୍ବ ଫଳିଲେ ଧନୀ ଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତଙ୍କ ଘରେ ଆମ୍ବୁଲ ଆଚାର ପ୍ରସ୍ତୁତ କରା ଯାଏ।

ପଖାଳ ଭାତ ହେଉ କି ଗରମ ଭାତ ହେଉ ଆମ୍ବ ଆଚାର ଟିକେ ଥିଲେ ।

ତଣ୍ଟିକି ଗଳ ଗଳ ଭାତ ଗୁଣ୍ଡା ଯିବ। ଆମ୍ବ ଆଚାର ଦେଖିଲେ କାହା ପାଟିରୁ ଲାଳ ନ ଝରିବ କୁହ ଆମେ ଛଅ ସାତେ ଶ୍ରେଣୀରେ ପଢିଲା ବେଳେ ଝିଅମାନେ ଆମ୍ବୁଲ ଆଚାର ଘରୁ ନେଇ ଆସନ୍ତି। ଲୁଚେଇ ଲୁଚେଇ ଖାଆନ୍ତି। କଞ୍ଚା ଆମ୍ବ ଆଉ କଇଁଆ ଆଦି ଯେତେ ଖଟା ଫଳ ଝିଅମାନେ ଆଗ୍ରହ ରେ ଖାଆନ୍ତି। ଲୁଣ ଆଉ ଶୁଖିଲା ଲଙ୍କା ଗୁଣ୍ଡ ଟିକେ ମିଶିଲେ ହେଲା। ଝିଅମାନେ ଏତେ ଖଟା ପ୍ରିୟ, ସେମାନଙ୍କ ଦାନ୍ତ ମରୁ ନଥାଏ। ପୁଅମାନେ ଖଟା ଆମ୍ବ କି କଇଁଆ ଗୋଟି ଦିଟା ଚୋବାଇଲେ, କଥା ସରିଲା,ଆଉ କିଛି ଖାଦ୍ୟ ଖାଇ ହେବ ନି । ଦାନ୍ତ ସଢିଯିବ।

ଆମ ବଗିଚାରେ ଦେଶୀ ଆମ୍ବ ନାହିଁ। ଆଚାର ପାଇଁ ଦି ତିନିଟା ଆମ୍ବ ଗଛ ଅଛି। ଆଚାର ପାଇଁ ଖଟା, ମାଂସାଳ ଆଉ ଚେରୁଆ ଆମ୍ବ ଦରକାର। ଆଚାର ପାଇଁ ଆମ୍ବକୁ ଚୋପାଥାଇ କଞ୍ଚା ରେ କଟା ଯାଏ। ଗୁଡ, ସୋରିଷ ତେଲ, ହେଙ୍ଗୁ ଆଉ ମସଲା ଦେଇ ଆମ୍ବ ଆଚାର ପ୍ରସ୍ତୁତ ହୁଏ। ଆଜି କାଲି ଆମ୍ବକୁ ନିକିତି ରେ ଓଜନ କରା ଯାଇ ବିକ୍ରି କରାଯାଉଛି। କିନ୍ତୁ ଆମ ପିଲାଦିନେ ଦେଖିଛୁ, ଆମ୍ବକୁ ପଣ ହିସାବରେ ବିକ୍ରୀ କରାଯାଏ। ପଣ କହିଲେ କୋଡିଏ ଗଣ୍ଡା। ଗଣ୍ଡା କହିଲେ ଚାରୋଟି ଆମ୍ବ ।

ଆମ ତୋଟାରେ ବେଶି କଲମି ଆମ୍ବ ଫଳେ। କଲମି ଆମ୍ବ କୁ ପ୍ରାୟ ବୈଶାଖ ଶେଷ ଏବଂ ଜ୍ୟେଷ୍ଠ ଆରମ୍ଭ ରେ ତୋଳା ଯାଏ। କଲମି ଆମ୍ବ କୁ ପଣ ହିସାବରେ ବିକ୍ରୀ କରାନଯାଇ ବିଶାରେ ଓଜନ କରି ବିକାଯାଏ। ଆମ ପିଲାଦିନେ ପନିପରିବା,ମାଛ, ଶୁଖୁଆ ସବୁ ବିଶାରେ ଓଜନ କରି ବିକା ଯାଉଥିଲା। ଆମ ଘରେ ମଧ୍ୟ ଗୋଟିଏ ବିଶା ଥିଲା।

ବିଶାଟି ଏକ କାଠ ଦଣ୍ଡ ରେ ନିର୍ମିତ। କାଠି ଦଣ୍ଡର ଅଗ୍ର ଭାଗରେ ଏକ ଛିଦ୍ର ଥିଲା। ସେଥିରେ ପଲା ଲାଗୁଥିଲା। ପଳାଟି ସରୁ ସରୁ ଦଉଡି ଦ୍ବାରା ବନ୍ଧା ଯାଉଥିଲା। ବିଶାର ଛିଦ୍ର ପରେ ପରେ ଗାର କଟା ଯାଇଥିଲା। ସେହି ଗାରରେ ଏକ ରଶି ବନ୍ଧା ଯାଇ ସାମଗ୍ରୀ କୁ ପଳାରେ ଥୋଇ ଓଜନ କରା ଯାଉଥିଲା। ଆଜି କାଲି ବିଶାର ପ୍ରଚଳିନ ନାହିଁ। ବିଶା କହିଲେ ବର୍ତ୍ତମାନ ପୁରୁଣା କାଳିଆ ଲୋକମାନେ ବୁଝିବେ, କିନ୍ତୁ ନୂତନ ପିଢ଼ିର ଯୁବକ ଯୁବତୀ ମାନେ ପ୍ରାୟ ବୁଝିବେ ନାହିଁ। ବିଶା ଯେଉଁ ସାମଗ୍ରୀ ମାପକାଠି ଭାବେ ବ୍ୟବହୃତ ଥିଲା ଆଜି ଆମ ସମ୍ମୁଖରୁ ବିଲୁପ୍ତ କହିଲେ ଚଳେ।ତା ବଦଳରେ ନିକିତି ଲୁହାର ବଟକରା ବ୍ୟବହାର ହେଉଛି। ଏହା କୁ ସହଜ କରିବା ପାଇଁ କମ୍ପୁଟର ମାପକ ମଧ୍ୟ ବଜାରରେ ଉପଲବ୍ଧ।ଆଉ ସେ ପୁରୁଣା କାଳିଆ ବ୍ୟବସ୍ଥା ନାହିଁ। ଯୁଗ ଆଗେଇଛି, ତଦନୁଯାୟୀ ବିଭିନ୍ନ ପ୍ରଣାଳୀର ପରିବର୍ତ୍ତନ ଓ ପରିମାର୍ଜିତ ଦେଖାଦେଇଛି।

ସାଧାରଣତଃ ଆମ୍ବ ବଉଳ ପୌଷ ମାସ ବେଳକୁ ଗଛର ପତ୍ର କୋମଳ ରୂପ ଧାରଣ କରେ । ମାଘ ମାସର ପ୍ରଥମ ସପ୍ତାହ ସମୟରେ ପ୍ରାୟ ଆମ୍ବ ବୃକ୍ଷ ଗୁଡ଼ିକରେ ବଉଳ ଆସିବା ଦୃଷ୍ଟି ଗୋଚର

ହୁଏ। ଶୀତ ଋତୁରେ ଶେଷ ମାସ ହେଲା ମାଘ ମାସ। ଏଣୁ କଥାରେ ଅଛି: ମାଘ ମାସରେ ବାଘ ପରି ଶୀତ। ମାଘ ମାସରେ ଶୀତ ଯେପରି କୁହୁଡି ମଧ୍ୟ ସେପରି ପଡେ। ସକାଳେ ସକାଳେ ଉଠି ଚତୁର୍ଦ୍ଦିଗକୁ ଚାହିଁଲେ,କେବଳ ଧୂମମୟ। କୁହୁଡି ଯୋଗୁଁ ରାସ୍ତା ଘାଟର ଅଦୃଶ୍ୟ।

ଏହି ସମୟରେ ଯାନବାହାନ ଚଳାଚଳ କଷ୍ଟ ସାଧ ହୁଏ। ଅସାବଧାନତା ଯୋଗୁଁ ମାଘ ମାସରେ ଅଧିକ ଦୁର୍ଘଟଣା ଘଟି ଅକଳରେ ଜୀବନ ଚାଲି ଯାଏ। କୁହୁଡି ଯୋଗୁଁ ଯେ ଦୁର୍ଘଟଣା ଘଟୁଛି ତାହା ନୁହେଁ ବିଶେଷ କରି ଆମ୍ବ ବଉଳ ଉପରେ ଏହାର ପ୍ରଭାବ ପଡିଥାଏ। କୁହୁଡି ହେଲେ ଆମ୍ବ ବଉଳ ପୋଡିଯାଏ । ଆମ୍ବ କଷି ଧରେ ନାହିଁ। ଆମ୍ ଚଣା ଗଡେ ନାହିଁ । ଏଣୁ ଆମ୍ବ ଉତ୍ପାଦନ ହ୍ରାସ ପାଏ। ସେହିପରି ଏ ସମୟରେ ଯେଉଁ କୃଷକମାନେ ମୁଗ,ବିରି ଫସଲ କରିଥାନ୍ତି, ଫୁଲ ସବୁ ମଉଳି ଯାଏ କୁହୁଡି ପ୍ରଭାବ ଯୋଗୁଁ। ଡାଲି ଜାତୀୟ ଫସଲ ନଷ୍ଟ ହୋଇଥାଏ।

ମାଘ ମାସ ଶେଷ ଆଉ ଫଗୁଣ ମାସ ଆରମ୍ଭ ବେଳକୁ ସମସ୍ତ ବୃକ୍ଷ ଲତାରେ ନୂତନ ପତ୍ର କଅଁଳେ । ବନଗରି ସବୁଜିମା ରୂପ ଧାରଣ କରି ଜନମନ ହରଣ କରେ । ବିଭିନ୍ନ ତରୁଲତାରେ ନାନା ବର୍ଣ୍ଣର କୁସୁମ ପ୍ରସ୍ଫୁଟିତ ହୋଇ ପରିବେଶ ଅତି ସୌନ୍ଦର୍ଯ୍ୟରେ ପରିଣତ ହୋଇଥାଏ। ମନ୍ଦ ମଳୟ ବହେ । ଫୁଲର ସୁଗନ୍ଧରେ ଚତୁର୍ଦ୍ଦିଗ ବାସି ଚହଟେ।ଏହି ସମୟରେ କୋକିଳ ଆମ୍ବ ବୃକ୍ଷରେ ବସି କୁହୁ କୁହୁ ମାନ କରେ । ବସନ୍ତ ଋତୁ ଆସିଲେ କୋଇଲି ସୁମଧୁର କଣ୍ଠ ଶ୍ରବଣ କରିବାକୁ ମିଳେ।ଆମ୍ବ ଗଛରେ ଆମ୍ବ କଷି ଟିକେ ଟିକେ ବଡ ହେଲେ ମୁଁ ଆମ୍ବ ବଗିଚା ଯାଏ। ଆମ ଆମ୍ବ ବଗିଚା ଟା ଦୁଇ କିଲୋମିଟରର ଦୂର ଯୋଗୁଁ ଏହାର ରକ୍ଷଣାବେକ୍ଷଣ ନ କଲେ ଆମ୍ବ ନଷ୍ଟ ହୋଇ ଯିବ। ଟିକେ ଟିକେ ଆମ୍ବ ବଡ ହେଲେ ଛୋଟ ଛୋଟ ପିଲା ମାନେ ଟେକା ପଥର ମାରି ଆମ୍ବ ଝଡାନ୍ତି। କେହି କେହି ଫାବଡ ଫିଙ୍ଗି ଗୁଡାଏ ଆମ୍ବ କଷି ଝାଡି ଦିଅନ୍ତି। ଛୋଟ ଛୋଟ ଛୁଆମାନଙ୍କର ଏହା ହେଲା ଦୁଷ୍ଟାମୀ। କାହା ବାଡ଼ିରେ ପଶି ଆମ୍ବ ପାରିବା, କାହା ଗଛରୁ ପିଜୁଳି ଚୋରାଇବା, କୋଳି ଝାଡିବା,ସାଧାରଣ କଥା। ପିଲା ମନ,ଭାରି ଚଗଲାମୀ ।

ଅଧିକାଂଶ ସମୟରେ ଆମ୍ବ ବଗିଚାର ଦେଖା ରଖା ମୋତେ କରିବାକୁ ପଡେ। ଆମ୍ବ ଫଗଣ ମାସ ଶେଷ ଏବଂ ବୈଶାଖ ମାସ ଆରମ୍ଭ ବେଳକୁ ବଡ ବଡ ଗଛରେ ଦିଶେ। ମୁଁ ସ୍କୁଲ ଯାଇ ଆସିବା ପରେ ଆମ୍ବ ତୋଟାକୁ ଯାଏ। ବାକି ସମୟରେ ମୋ ବାପା ମା ବୁଲି ଯାଆନ୍ତି। ଯେତେବେଳେ ଗ୍ରୀଷ୍ମ ଛୁଟି ହୁଏ, ମୋତେ ସଂପୂର୍ଣ୍ଣ ସମୟ ମିଳେ । ମୁଁ ଆମ୍ବ ତୋଟାରେ ରହେ। ବାଟୋଇ ମାନେ ମଧ୍ୟ ଆମ୍ବ ମାଗି ଆସନ୍ତି। ଖରା ଦିନେ। ଶୋଷରେ ବାଟୋଇ ମାନେ ପାଣି ମୁନ୍ଦେ ନ ପାଇ ଆମ୍ବ ଖାଇବାକୁ ମନ ବଳାନ୍ତି। ଯିଏ ତୋଟାଳୀ ବାଟୋଇ ମାନଙ୍କୁ ମାଗଣାରେ ଖଣ୍ଡେ ପଟେ ଆମ୍ବ ଦେବାର ବିଧି ରହିଛି। ମୁଁ ବି ଦିଏ। ଗଛରୁ ପଡିଥିବା ଆମ୍ବକୁ ସଂଗ୍ରହ କରି ଯିଏ ମାଗିଲା ବର୍ଣ୍ଟନ କରେ ।

ଗଞ୍ଜାମ ଜିଲ୍ଲାରେ ଆଉ ଏକ ବିଧି ଅଛି, ଆଖୁ ପେଡା ସମୟରେ ଯିଏ କେଲୁହା ଶାଳକୁ ଯିବ, ଆଖୁ ଖଣ୍ଡେ ପାଇବ। ଚାହିଁଲେ ଆଖୁ ପଣା ଟିକେ ପାଇବ। ଆଗ କାଳିଆ ଲୋକଙ୍କ ର ଦାନ ଧର୍ମ ଥିଲା। ଲୋକମାନେ ଦାନ କଲେ ପୁଣ୍ୟ ପ୍ରାପ୍ତି ବୋଲି ବିବେଚନା କରନ୍ତି। ଏଣୁ ସେ ସମୟରେ ଦାନ ଧର୍ମ ବେଶି ଥିଲା। ଆଜି କାଲି ଲୋକମାନେ ସ୍ବାର୍ଥ ସର୍ବସ୍ବ ହେତୁ ଦାନ ଦେବାରେ କାର୍ପଣ୍ୟ।

ଆମ୍ବ ଯେତେବେଳେ ପରିପକ୍ବ ଅବସ୍ଥାକୁ ଆସେ ବଗିଚାରେ କୁଡିଆ ମାରି ରହିବାକୁ ପଡେ। ନତୁବା ଚୋରି ହେବାର ସମ୍ଭାବନା ଅଧିକ।

ସେ ସମୟରେ ଆମ୍ବ ଚୋରଙ୍କ ପ୍ରାଦୁର୍ଭାବ ଅଧିକ। ଆମ ତୋଟାରେ ମଧ ଅନେକ ଥର ଆମ୍ବ ଚୋରି ହୋଇଛି। ରାତିରେ ଉଠି ଥରକୁ ଥର ଟର୍ଚ୍ଚ ମାରି ପରଖିବାକୁ ପଡେ। ନିଦରେ ଶୋଇଗଲେ ଚୋରମାନେ କଳା କନା ବୁଲେଇ ଦେବାର ସମ୍ଭାବନା ଅଧିକ। ଜ୍ୟୋଷ୍ଠ ମାସ ବେଳକୁ କଲମୀ ଆମ୍ବ ଗଛ ପାଚିଲା ପଡେ। ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ଆମ୍ବ ପଣସ ପାଚେ। ସେ ସମୟରେ ସାବିତ୍ରୀ ବ୍ରତ ପଡେ । ବିଶେଷ କରି ଆମ୍ବ ପଣସ ଚାହିଦା ବେଶୀ ଥାଏ । ଆମ୍ବ ଦର ଭଲ ଥାଏ। ଆମ୍ବ ଚାଷୀଙ୍କୁ ଦୁଇ ପଇସା ମିଳେ। ଯଦି ଆମ୍ବ ଭଲ ଅମଳ ହୁଏ, ଚାଷୀ ଲାଭବାନ ହୁଏ। ନତୁବା କାଳ ବୈଶାଖୀ ହେଲେ ଆମ୍ବ ଝଡି ପ୍ରଭୃତ୍ଵ କ୍ଷତି ଘଟାଏ। ଆମ୍ବ ଚାଷ ପାଇଁ ବଡ କାଳ ହେଲା କାଳ ବୈଶାଖୀ। ବାରମ୍ଵାର କାଳ ବୈଶାଖୀ ଆସିଲେ, ଆମ୍ବ ଫସଲର ଅମଳ ହ୍ରାସ ପାଏ। ଆର୍ଥିକ ମାନଦଣ୍ଡ ଦୋହଲି ପଡେ ।

ଆମ ବଗିଚାର ଆମ୍ବ ଜ୍ୟେଷ୍ଠ ମାସ ବେଳକୁ ଅମଳ ହୁଏ। ଆମ୍ବ କୁ ଗାଞ୍ଜିଆ କରି ଖୁଣ୍ଟା ଯାଏ। ଆମ୍ବ ତଳେ ପଡି ଆଉ ନଷ୍ଟ ହେବ ନାହିଁ। ଆଙ୍କୁଡାରେ ତୋଳିଲେ ତଳେ ପଡି ଆମ୍ବ ଫାଟି ଯିବ।

ଆମ୍ବ ଅମଳ ହେଲା ପରେ ଶଗଡ଼ ଗାଡ଼ିରେ ସବୁ ଆମ୍ବ ବୋଝେଇ କରି ଆଣୁ। ଆମ ଘରେ ସବୁ ଆମ୍ବ କୁ ପାଳରେ ଘୋଡେଇ ପଚାଉ। ଆମ୍ବ ପଚାଇବାର ଏହା ହେଲା ପାରମ୍ପରିକ ପଦ୍ଧତି। ପାଳ ପାଚିଲା ଆମ୍ବ ଭାରି ସୁସ୍ବାଦୁ ଏବଂ ସ୍ବାସ୍ଥ୍ୟ ବର୍ଦ୍ଧକ।

ଆଜି କାଲି ଯେଉଁ ସବୁ ଆମ୍ବ ସହର ବଜାରରେ ମିଳୁଛି, ଦେଖିବାକୁ ସୁନ୍ଦର। ମନଲୋଭା। ମାତ୍ର ସ୍ବାଦ ହିନ। ଆମ୍ବର ପରିପକ୍ବ ସମୟ ନହେବା

ପୂର୍ବରୁ ତୋଳି ଆଣି କାର୍ବାଇଡ୍ ଦ୍ବାରା ଆମ୍ବକୁ ପଚାଇ ଦିଆ ଯାଉଛି। ଯହାକୁ ଖାଇଲେ ଗୁରୁତର ସ୍ବାସ୍ଥ୍ୟ ହାନି ଘଟିବାର ସମ୍ଭାବନା ଅଧିକ।ଆମ ଗାଁ ଗହଳିରେ ସହର ଭଳି କାର୍ବାଇଡ୍ ପ୍ରୟୋଗ କରି ଆମ୍ବ ପଚାଇବାର ପଦ୍ଧତି ନାହିଁ। ଆଗ ଯେମିତି ଥିଲା ପାଳ ପାଚିଲା, ଏବେ ମଧ୍ୟ ଠିକ୍ ସେମିତି ରହିଛି। ଯଦି ଉତ୍ତମ ମାନର ଆମ୍ବ ଖାଇବର ଅଭିଳାଷ ଅଛି, ତେବେ ଗାଁ ରେ ଥିବା

ଆମ୍ବ ତୋଟାକୁ ଆସି ସତେଜ ଆମ୍ବ ନେଇ ପାରିବେ।

**କେଶବ ଚନ୍ଦ୍ର ନାୟକ**
**(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)**
**ମୋବାଇଲ ନମ୍ବର:୯୪୩୭୭୭୯୪୪୭**

### ସ୍ୱାଭିମାନ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ଡବଲ ପାହାଡ଼ ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ, ୧୫ ବର୍ଷ ହେବ ଚର୍ଚ୍ଚ ପିଣ୍ଡାରେ ଚାଲିଛି ଶିକ୍ଷାଦାନ

### ୫ ବର୍ଷ ହେବ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ, ପିଲାଙ୍କ ପାଇଁ ନାହିଁ ରୋଷେଇ ଘର ଓ ଶୌଚାଳୟ, ନୀରବଦ୍ରଷ୍ଟା ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ



ଚିତ୍ରକୋଣ୍ଡା,୧୯(ଆନିସ): ଶିକ୍ଷାକୁ ନେଇ ସର୍ବଦା ଚର୍ଚ୍ଚାରେ ରହିଛି ଆଦିବାସୀ ପ୍ରବଣ ଅଞ୍ଚଳ ମାଲକାନଗିରି। ଖାଲି ଏତିକି ନୁହେଁ ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡାର ଉପାନ୍ତ ଅଞ୍ଚଳରେ ଭୁଶୁଡିବାରେ ଲାଗିଛି ସର୍ବଶିକ୍ଷା ଅଭିଯାନ। ଅସୁରକ୍ଷିତ ଅବସ୍ଥାରେ ପାଠପଢ଼ା ହେଉ କି, ଶିକ୍ଷାୟତନରେ ଲାଗି ରହିଥିବା ସମସ୍ୟାକୁ ନେଇ ପ୍ରତିଥର ଅଭିଯୋଗ ଉଠୁଛି। ସମସ୍ୟା ଶୀଘ୍ର ସମାଧାନ କରାଯିବ ବୋଲି କହି ବିଭାଗୀୟ କର୍ତ୍ତପକ୍ଷ ଏବଂ ପ୍ରଶାସନିକ ଅଧିକାରୀ ମାନେ ନିଜ କର୍ତ୍ତବ୍ୟରୁ ମୁହଁ ଫେରାଇ ନେଉଛନ୍ତି। ଏଥି ଯୋଗୁଁ ଅନୁଦାନ ଥାଇ ସୁଦ୍ଧା ନିଜସ୍ୱ ସ୍କୁଲ ଗୃହ ନ ଥିବାରୁ ପିଲାମାନେ ବର୍ଷ ବର୍ଷ ଧରି ଖରା, ବର୍ଷା ଶୀତରେ ଲୋକଙ୍କ ବାରଣ୍ଡାରେ, ଗଛ ତଳେ ନଚେତ ଖୋଲା ଆକାଶ ତଳେ ବସି ପାଠ ପଢିବାକୁ ବାଧ ହେଉଛନ୍ତି। ଏପରି ଅବ୍ୟବସ୍ଥା ଅଞ୍ଚଳରେ ସର୍ବଶିକ୍ଷା ଅଭିଯାନର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ସ୍ତରରେ ସମସ୍ତ ଉଦ୍ୟମ ସତ୍ତ୍ୱେ କିଛି ବିଭାଗୀୟ କର୍ତ୍ତପକ୍ଷଙ୍କ ଦାୟିତ୍ୱ ଶୂନ୍ୟତା ଓ ଅପାରଗତା ଯୋଗୁ ଆଦିବାସୀ ଅଧ୍ୟୁଷିତ ସ୍ୱାଭିମାନ ଅଞ୍ଚଳରେ ସରକାରଙ୍କ ସର୍ବଶିକ୍ଷା ଅଭିଯାନ ସମ୍ପୂର୍ଣ ଭାବେ ଫେଲ ମାରିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କେଉଁଠି ପିଲା ନାହାନ୍ତି ତ କେଉଁଠି ଶିକ୍ଷକ। ଆଉ କେତେକ ସ୍ଥାନରେ ଦୀର୍ଘ ବର୍ଷ ଧରି ବିଦ୍ୟାଳୟ ନାହିଁ। ପିଲାମାନେ ନିରୁପାୟ ହୋଇ ଅସୁରକ୍ଷିତ ଭାବେ ଲୋକଙ୍କ ପିଣ୍ଡାରେ ବସି ପାଠ ପଢୁଛନ୍ତି। ଏଭଳି ସ୍ଥିତିରେ ତୃଣ ମୂଳ ସ୍ତରରେ ସଭିଏଁ ପଢିବେ ସଭିଏଁ ବଢିବେ କେବଳ ସ୍ଲୋଗାନ ରେ ପରିଣତ ହୋଇଛି। ଏହାର ସଦ୍ୟତମ ଉଦାହରଣ ହେଲା ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ ରାଲେଗାଡା ପଞ୍ଚାୟତ ଅଧିନସ୍ତ ଉପାନ୍ତ ଅଞ୍ଚଳରେ ଥିବା ଡବଲ ପାହାଡ଼ ପ୍ରାଥମିକ ବିଦ୍ୟାଳୟରେ। ଗ୍ରାମବାସୀଙ୍କ ଠାରୁ ମିଳିଥିବା ସୂଚନା ମୁତାବକ, ଏହି ଅଞ୍ଚଳରେ ବସବାସ କରୁଥିବା ପିଲାମାନଙ୍କୁ ପାଠ ପଢାଇ ଶିକ୍ଷିତ କରିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଗତ ୨୦୧୧ ମସିହା ଜୁଲାଇ ମାସ ୫ ତାରିଖରେ ଦୁର୍ଗମ ଅଞ୍ଚଳରେ ଥିବା ଡବଲ ପାହାଡ଼ ଗ୍ରାମରେ ପ୍ରଥମରୁ ପଞ୍ଚମ ଶ୍ରେଣୀକୁ ନେଇ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ଶିଶୁବାଟିକାକୁ ମିଶାଇ ମୋଟ ୪୩ ଜଣ ପିଲାଙ୍କୁ ପ୍ରଧାନଶିକ୍ଷକ ବେବେକାନନ୍ଦ ଶାଗିରି ଏବଂ ଜଣେ ସହକାରୀ ଶିକ୍ଷୟତ୍ରୀ ଇତିଶ୍ରୀ ବେହେରା ପାଠ ପଢାଉଛନ୍ତି। ଆଜକୁ ଦୀର୍ଘ ୧୫ ବର୍ଷ ବିତିଯାଇଥିଲେ ମଧ ଏହି ବିଦ୍ୟାଳୟର ନିଜସ୍ୱ ଗୃହ, ରୋଷେଇ ଘର, ଶୌଚାଳୟ କିମ୍ବା ବିଶୁଦ୍ଧ ପାନୀୟ ଜଳ ଯୋଗାଣର ପକ୍ଷରୁ କୌଣସି ବ୍ୟବସ୍ଥା ଶିକ୍ଷା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ଆଦୌ କରାଯାଇନାହିଁ। ଫଳରେ ଦୀର୍ଘ ୧୫ ବର୍ଷ ହେବ ଉକ୍ତ ଗ୍ରାମରେ ଥିବା ଚିତ୍ରକୋଣ୍ଡା ଡିଭିଜନର ବୀରସେବା ଚର୍ଚ୍ଚର ପିଣ୍ଡାରେ ବିପଦ ସଂକୁଳ ଅବସ୍ଥାରେ ପିଲାମାନେ ବସି ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। ସ୍କୁଲ ଗୃହ ନ ଥିବାରୁ ବିଦ୍ୟାଳୟର ସମସ୍ତ ଜରୁରୀ କାଳୀନ ନଥିପତ୍ର ଓ ବିଭିନ୍ନ ପ୍ରକାର ସାମଗ୍ରୀ ଗୁଡିକୁ ଗ୍ରାମର କେତେଜଣ ଲୋକଙ୍କ ଘରେ ରଖାଯାଇଛି। ପିଲାଙ୍କ ପାଇଁ ରୋଷେଇଘର ନ ଥିବାରୁ ଏହି ଚର୍ଚ୍ଚ ସମ୍ମୁଖରେ କିଛି ଦୂରେ ରହୁଥିବା ରୋଷେୟା ବତୀ ହନ୍ତାଳଙ୍କ ଘର ପିଣ୍ଡାରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ପିଲାମାନଙ୍କୁ ଖାଇବାକୁ ଦିଆଯାଉଛି। ଶୌଚାଳୟ ନଥିବାରୁ ପିଲାମାନେ ଗାଁ ନିକଟ ଜଙ୍ଗଲ ପାଖରେ ପ୍ରବାହିତ ହେଉଥିବା ଝରଣାକୁ ବିପଦ ସଂକୁଳ ଅବସ୍ଥାରେ ଶୌଚ ହେବାକୁ ଯାଉଛନ୍ତି। ପିଲାଙ୍କ ପିଇବା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣର କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏହି ବିଦ୍ୟାଳୟରେ ଡବଲ ପାହାଡ଼ ଗ୍ରାମର ପିଲାମାନଙ୍କ ସମେତ ସମେତ ଏହି ଗାଁ ଠାରୁ ପ୍ରାୟ ୫ କି.ମି ଦୂରରେ ଥିବା କଣ୍ଟା ଗୁଡା ଗ୍ରାମର ପୂର୍ବରୁ କୌଣସି କାରଣରୁ ଅଧାରୁ ପାଠ ପଢ଼ା ଛାଡିଥିବା ମୋଟ ୭/୮ ଜଣ ଡ୍ରପ ଆଉଟ ପିଲାମାନଙ୍କର ନାମ ପାଠ ପଢିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ସେମାନଙ୍କ ନାମ ଏହି ବିଦ୍ୟାଳୟରେ ଲେଖା ଯାଇଛି। କିନ୍ତୁ ବିଡମ୍ବନାର ବିଷୟ ଏହିକି ଯେ, କଣ୍ଟାଗୁଡାରୁ ଡବଲ ପାହାଡ଼ ଗାଁକୁ ସଂଯୋଗ କରୁଥିବା ବାଟ ଚଲା ରାସ୍ତାଟି ପାହାଡିଆ, ପଥୁରିଆ, ଖାଲ ଖମା, ଜଙ୍ଗଲିଆ ରାସ୍ତା ହୋଇଥିବାରୁ ବନ୍ୟ ଜନ୍ତୁଙ୍କ ଭୟରେ ଉକ୍ତ ଗ୍ରାମର ଛାତ୍ରଛାତ୍ରୀ ବିଦ୍ୟାଳୟରେ ପାଠ ପଢିବା ପାଇଁ ଉକ୍ତ ରାସ୍ତା ଦେଇ ପ୍ରତିଦିନ ଯିବା ଆସିବା କରିବାକୁ ନିରାପଦ ମଧ ମନେ କରୁନାହାନ୍ତି। ଏହି ବିଦ୍ୟାଳୟରେ ରହିବାକୁ ହଷ୍ଟେଲର କୌଣସି ବ୍ୟବସ୍ଥା ନ ଥିବାରୁ ଏହି ସ୍କୁଲରେ ପିଲାମାନଙ୍କ ନାମ ଲେଖା ହୋଇଛି ସତ, ହେଲେ ସେମାନେ ଏହି ସ୍କୁଲକୁ ଆଜି ପର୍ଯ୍ୟନ୍ତ ଆଦୌ ପାଠ ପଢ଼ିବାକୁ ଆସୁନାହାନ୍ତି। ତେବେ ଏହି ବିଦ୍ୟାଳୟରେ ଲାଗି ରହିଥିବା ସମସ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା ବହୁବାର ଶିକ୍ଷା ବିଭାଗର କର୍ତ୍ତପକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି କରିବା ପରେ ଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନାରେ ଗତ ୨୦୨୧ ମସିହାରେ ପ୍ରାୟ ୧୩ ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଡବଲ ପାହାଡ଼ ଗାଁରେ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ୫ ବର୍ଷ ହେବ ଉକ୍ତ କାମ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି।ବର୍ତ୍ତମାନ ଅଞ୍ଚଳରେ ଲଗାଣ ବର୍ଷା ଜାରୀ ରହିଥିବାରୁ ପିଲାମାନେ ପିଣ୍ଡାରେ ଓଦା ହୋଇ ବସି ପାଠ ପଢିବା କଷ୍ଟସାଧ ହୋଇପଡୁଛି। ଖାଲି ଏତିକି ନୁହେଁ ଏଭଳି ସ୍ଥିତିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଧିକାଂଶ ଦିନ ସ୍କୁଲକୁ ଆସୁନଥିବା ରୋଷେୟା ସମେତ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ସ୍କୁଲ କର୍ତ୍ତପକ୍ଷ, ଅଭିଭାବକ ଓ ଗ୍ରାମବାସୀ ବହୁବାର ସ୍କୁଲ ପରିଦର୍ଶନରେ ଆସିଥିବା ସିଆରସିସି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ଶିକ୍ଷାଧିକାରୀ ଏବଂ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିଥିଲେ ବି ଶିକ୍ଷା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ ଏହାର ସ୍ଥାୟୀ ସମାଧାନ ହୋଇପାରି ନ ଥିବା ସ୍କୁଲ ପରିଚାଳନା କମିଟିର ସଭାପତି ସାନମା ଖିଲ, କମିଟିର ସଦସ୍ୟ ଲିଖି ହନ୍ତାଳ, ଜୁମୁରି ହନ୍ତାଳ, ବାତ୍ରୀ ପାଙ୍ଗି, ସନ୍ଧ୍ୟା ଖିଲ, ରାଜୁ ହନ୍ତାଳ, ଦମେଇ ହନ୍ତାଳ, ଦେଓ ଖିଲ କାତ ହନ୍ତାଳ, ରାଜ ଖିଲ, ଗଣପତି ଖିଲ, ସନିଆ ଗୋଲରୀ, ଫୁଲ ଗୋଲରୀ, ଦମ୍ବୁରୁ ଖିଲଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟ ଦାୟିତ୍ୱରେ ଥିବା ସିଆରସିସି ବାବୁଲା କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଶିକ୍ଷା ବିଭାଗର ଅଧିକରୀଙ୍କ ସମେତ ପ୍ରଶାସନିକ ଅଧିକାରୀ ମନେ ଦୀର୍ଘ ବର୍ଷ ହେବ ଉକ୍ତ ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ, ପିଲାମାନେ ଚର୍ଚ୍ଚ ବାରଣ୍ଡାରେ ବସି ପାଠ ପଢ଼ୁଥିବା ବିଷୟରେ ଜାଣିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏ ସମ୍ପର୍କରେ ତୁରନ୍ତ ଖବର ପ୍ରକାଶ କରନ୍ତୁ ବୋଲି କହିଥିଲେ। ଯଦି କୌଣସି ଶିକ୍ଷକ ସ୍କୁଲ ଯାଉନାହାନ୍ତି ତେବେ ବିଭାଗ ପକ୍ଷରୁ ଏହାର ତଦନ୍ତ କରିବା ପରେ ତାଙ୍କ ବିରୁଦ୍ଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଆବଶ୍ୟକୀୟ ଅନୁଦାନ ରାଶି ପ୍ରଦାନ କରାଯଇଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଉକ୍ତ ଗୃହ ନିର୍ମାଣ ଦାୟିତ୍ୱରେ ଥିବା ସମଗ୍ର ଶିକ୍ଷା ଯୋଜନାରେ କନିଷ୍ଠ ଯନ୍ତ୍ରୀ ଶରତ ଚର୍ଚ୍ଚି ଙ୍କୁ ପଚାରିବାରୁ ସେ କହିଛନ୍ତି, ଶ୍ୟାମଳ ହାଲଦାର ନାମକ ଜଣ ଠିକାଦାର ପ୍ରଥମେ ଏହି ଘର କାମ କରୁଥିଲେ। ମଝିରେ ଏହି ଘର କାମ ପାଇଁ ବିଭାଗ ପକ୍ଷରୁ ଅନୁଦାନ ରାଶି ନ ଆସିବାରୁ ଠିକାଦାର ଶ୍ରୀ ହାଲଦାର ଏହି କାମ ନ କରି ଛାଡି ଚାଲିଗଲେ ବର୍ତ୍ତମାନ ଏ ବାବଦରେ ଅନୁଦାନ ରାଶି ଆସିଛି। ବର୍ତ୍ତମାନ ଜାନବାଇ ଅଞ୍ଚଳର ଲାଲା ନାମକ ଜଣେ ବ୍ୟକ୍ତି ଏହି ଘର କାମ ଆରମ୍ଭ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ ବୋଲି କନିଷ୍ଠଯନ୍ତ୍ରୀ ଶ୍ରୀ ଚର୍ଚ୍ଚି କହିଛନ୍ତି ।

# କେନ୍ଦୁଝର ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ଖେଳାଳିଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ



ଚମ୍ପୁଆ,୧୯(ଆନିସ): କେନ୍ଦୁଝର ଠାରେ ୟୋନେକ୍ସ ସନ୍ରାଇଜ୍ ଲେଭେଲ୍-୩ କେନ୍ଦୁଝର ଜିଲ୍ଲା ବ୍ୟାଡମିଣ୍ଟନ ଚାମ୍ପିଅନସିପ (ସବ୍-ଜୁନିଅର ୟୁ-୧୩/ୟୁ-୧୫/ୟୁ-୧୭ ବିଭାଗ) ଆଜି ସମାପ୍ତ ହୋଇଛି। ଚମ୍ପୁଆର ପ୍ରଶିକ୍ଷକ ଇମ୍ରାନ୍ ଆଲାମଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିତ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି।ଅଣ୍ଡର-୧୩ ବାଳକ ବିଭାଗରେ ବିଭାନ ଗିରି ଚାମ୍ପିଅନ୍, ତିତିକ୍ଷୁ ମହାନ୍ତ ରନର୍ସ-ଅପ୍ ଏବଂ ଅଭିଜ୍ଞାନ ରାମ ସେମିଫାଇନାଲିଷ୍ଟ ହୋଇଛନ୍ତି। ଅଣ୍ଡର-୧୫ ବିଭାଗରେ ଅଙ୍କିତ ମହାନ୍ତ ଚାମ୍ପିଅନ୍ ଏବଂ ସୁଦୀପ ମହାନ୍ତ ସେମିଫାଇନାଲିଷ୍ଟ ହୋଇଥିବାବେଳେ, ଅଣ୍ଡର-୧୭ ବାଳକ ବିଭାଗରେ ଦିବ୍ୟଜ୍ୟୋତି ମହାନ୍ତ ଏବଂ ବାଳିକା ବିଭାଗରେ ସ୍ୱାଗତିକା ବାରିକ ସେମିଫାଇନାଲ ପର୍ଯ୍ୟନ୍ତ ପହଞ୍ଚିଥିଲେ।।

ଏହା ପୂର୍ବରୁ ଗତ ୨୨ ଓ ୨୩ ଅଗଷ୍ଟରେ ରାଜ୍ୟର ସମସ୍ତ ଠାରେ ବ୍ୟାଡମିଣ୍ଟନ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଚମ୍ପୁଆରେ ୧୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ ଏବଂ ସେଥିରୁ ୧୦ ଜଣ କେନ୍ଦୁଝର ପାଇଁ ଚୟିତ ହୋଇଥିଲେ। କେନ୍ଦୁଝରରୁ ଚୟିତ ଖେଳାଳିମାନେ ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଖେଳିବେ।

ଏହା ସହିତ, ଗତ ୨୧, ୨୨ ଓ ୨୩ ଅଗଷ୍ଟରେ କଟକଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଲେଭେଲ୍-୨ ପ୍ରତିଯୋଗିତାର ଅଣ୍ଡର-୧୯ ବିଭାଗରେ ଚମ୍ପୁଆର ୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ମହମ୍ମଦ ଆଉଲ ସେମିଫାଇନାଲିଷ୍ଟ ହୋଇଥିବାବେଳେ ସୁଭମ ମହାନ୍ତ ଓ ପୁନୀତ ମହାନ୍ତ କ୍ୱାର୍ଟରଫାଇନାଲିଷ୍ଟ ହୋଇଥିଲେ।ଖେଳାଳିମାନଙ୍କ ଏହି ସଫଳତା ଅବସରରେ ଚମ୍ପୁଆଠାରେ ଚମ୍ପୁଆ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଉମାକାନ୍ତ ପରିଡା ସମସ୍ତ ଖେଳାଳିଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ ଏବଂ ଭବିଷ୍ୟତ ପାଇଁ ଏହି ଯୁବ କ୍ରୀଡ଼ାବିତ୍ ମାନଙ୍କୁ ଶୁଭକାମନା ଜଣାଇଥିଲେ।

# ମଣ୍ଡଳସ୍ତରୀୟ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା



ଜଟଣୀ,୧୯(ଆନିସ): ସ୍ଥାନିୟ ଖୋର୍ଦ୍ଧାରୋଡ ରେଳମଣ୍ଡଳରେ ବିଭିର୍ନ ବିଭାଗରେ କାର୍ଯ୍ୟରତ ୧୬ ଜଣ କର୍ମଚାରୀଙ୍କ ଅଗଷ୍ଟ ଶେଷ ତାରିଖ ଥିଲା। ଚାକିରୀ ଜୀବନର ଶେଷ ଦିନ ସେଥିପାଇଁ କାର୍ଯ୍ୟାଳୟ ଅଡିଟୋରିୟମ୍‌ରେ କଲ୍ୟାଣ ବିଭାଗର ଚିଫ ଓଏସ ସଂଜିତ କୁମାର ଓଝାଙ୍କ ପୌରାହିତ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମଣ୍ଡଳ କାର୍ମିକ ଅଧିକାରୀ ଅମରେନ୍ଦ୍ର ନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ବିଦାୟୀ କର୍ମଚାରୀଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସନ୍ମମାନିତ କରିଥିଲେ। କର୍ମଚାରୀଙ୍କ ସମସ୍ତ ପ୍ରାପ୍ୟ ସହ ପେନସନ ବହି ପ୍ରଦାନ କରିଥିଲେ। ସେମାନଙ୍କ ସେବା ପାଇଁ କାର୍ମିକ ଅଧିକାରୀ ଶ୍ରୀ ମିଶ୍ର ଧନ୍ୟବାଦ ଦେବା ସହ ପରବର୍ତ୍ତି ସମୟ ପରିବାର ସହିତ ନିରୋଗ ନିରାମୟ ଜୀବନ ଯାପନ ପାଇଁ ଭଗବାନଙ୍କ ନିକଟରେ ପ୍ରାଥନା କରିଥିଲେ। ଚଳିତ ମାସ ୧୩ ଜଣ ପୁରୁଣା ପେନସନଧାରୀ ଥିବାବେଳେ ଦୁଇ ଜଣ ୟୁପିଏସ ଓ ଜଣେ ଏନପିଏସ ପେନସନଧାରୀ ଥିଲେ। ଏହି ସଭାକୁ କେଡ଼ିଆର ଆଚାର୍ଯ୍ୟ , ଅଞ୍ଜୁମ ଉପସାନା ଓ ସେଟେଲମେଣ୍ଟ ବିଭାଗର ଚିଫ ଓଏସ ଏ ଶ୍ରୀନିବାସ ପରିଚାଳନା କରିଥିଲେ। ପ୍ରଶାସନର ଏଭଳି ପଦକ୍ଷପକୁ ଶ୍ରମିକ କଂଗ୍ରେସର ବରିଷ୍ଠ ନେତା ଶାଖା ସମ୍ପାଦକ ଏଲ ଡି ମହାନ୍ତି ଭୁରିୟସୀ ପ୍ରଶଂସା କରିଥିଲେ।

# ସରକାରୀ ଡାକ୍ତରଙ୍କ ବେଆଇନ ଘରୋଇ ପ୍ରାକ୍ଟିସ୍ ବନ୍ଦ କରିବା ପାଇଁ ସିଡିଏମ୍‌ଓଙ୍କୁ କଂଗ୍ରେସର ଦାବିପତ୍ର



ନୟାଗଡ, ୧୯(ଆନିସ): ନୟାଗଡ଼ ଜିଲ୍ଲାରେ ସରକାରୀ ଡାକ୍ତରମାନଙ୍କ ଦ୍ୱାରା ଚାଲିଥିବା ବେଆଇନ ଘରୋଇ ପ୍ରାକ୍ଟିସ୍ ତଥା ଅଣପଞ୍ଜୀକୃତ କ୍ଲିନିକାଲ୍ ପ୍ରତିଷ୍ଠାନ ଉପରେ ରୋକ୍ ଲଗାଇବା ପାଇଁ ଜିଲ୍ଲା କଂଗ୍ରେସ କମିଟି ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ (ନିୟନ୍ତ୍ରଣ ଓ ନିୟାମକ) ଆଇନ, ୧୯୯୦ ର ଧାରା ୨(ଖ) ଅନୁଯାୟୀ, ରୋଗ ନିରୂପଣ, ପରୀକ୍ଷା, ଚିକିତ୍ସା କିମ୍ବା ଗର୍ଭାବସ୍ଥା ସମ୍ବନ୍ଧୀୟ ସେବା ଯୋଗାଉଥିବା ଯେକୌଣସି ପ୍ରତିଷ୍ଠାନ କିମ୍ବା ଚାମ୍ବର ପାଇଁ ବୈଧ ପଞ୍ଜୀକରଣ ପ୍ରମାଣପତ୍ର ରହିବା ବାଧ୍ୟତାମୂଳକ। ମାତ୍ର ଜିଲ୍ଲାରେ ବହୁ ସରକାରୀ ଡାକ୍ତର କୌଣସି ନିୟମ ନମାନି ନିଜ ବାସଭବନ ତଥା ବେଆଇନ କ୍ଲିନିକରେ ଖୁଲମଖୁଲା ଘରୋଇ ପ୍ରାକ୍ଟିସ୍ ଚଳାଇଛନ୍ତି। ଏଥିଯୋଗୁଁ ସାଧାରଣ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ତୁରନ୍ତ ଏହି ଅନଧିକୃତ କ୍ଲିନିକ୍ ଗୁଡ଼ିକର ଯାଞ୍ଚ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ପ୍ରତ୍ୟେକ ଅଲଟ୍ରାସାଉଣ୍ଡ କ୍ଲିନିକ ରେ ବେଆଇନ ଭାବେ ଦିନକ୧୦୦-୧୫୦ ଅଲଟ୍ରାସାଉଣ୍ଡ କରାଯାଇ ଜଣକ ଠାରୁ ପ୍ରାୟ ୧୪୦୦ରୁ ୨୦୦୦ ଟଙ୍କା ଆଦାୟ କରାଯାଉଛି।ସରକାର ପ୍ରତ୍ୟେକ ଅଲଟ୍ରାସାଉଣ୍ଡ ପିଛା ୯୦୦ଟଙ୍କା ଦରଧାର୍ଯ୍ୟ କରାଯାଇଥିବା ବେଳେ ଏତେ ଟଙ୍କା କ୍ୟାସ ଆକାରରେ ଆଦାୟ ହେଉଛି ଜଣେ ରେଡ଼ିଓଲୋଜିଷ୍ଟ ଦିନକୁ ୩୦ ଅଲଟ୍ରାସାଉଣ୍ଡ କରିବା ପାଇଁ ନିୟମ ଥିଲାବେଳେ ଅର୍ଥଲୋଭ ରେ ପିସିପିଏନଡିଟି ଆଇନ ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ କରାଯାଇ ସ୍ୱଟ ଇନ୍ସପେକ୍ସନ କରିବା ପାଇଁ ସିଡ଼ିଏମଓଙ୍କୁ କୁହାଯାଇଥିଲା ଯଦି ପ୍ରଶାସନ ଏହି ବେଆଇନ କାର୍ଯ୍ୟକଳାପ ବନ୍ଦ କରିବାରେ ବିଫଳ ହୁଏ, ତେବେ ଜନସ୍ୱାର୍ଥ ଦୃଷ୍ଟିରୁ ଏହା ବିରୋଧରେ ଗଣତାନ୍ତ୍ରିକ ଢଙ୍ଗରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଆଙ୍କୁଲାଇ ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

ନୟାଗଡ଼,୧୯(ଆନିସ): ସ୍ଥାନୀୟ ମାନଧାତାପୁରସ୍ଥିତ ଆଙ୍କୁଲାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୟାଗଡ଼ ସଦର ଥାନା ପକ୍ଷରୁ ଏକ 'ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ମାଧମିକ ସ୍ତରର ୧୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ନିଶାମୁକ୍ତ ଭାରତ ଗଠନ ପାଇଁ ଦୃଢ଼ ଶପଥ ନେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ



ସଦର ଥାନା ଅଧିକାରିଣୀ ପ୍ରିୟତମା ପ୍ରଧାନ ନିଶାମୁକ୍ତ ଭାରତ ଅଭିଯାନର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ କିପରି ଏକ ସୁସ୍ଥ ଓ ସଫଳ ଭବିଷ୍ୟତ ଗଠନ କରିପାରିବେ, ସେ ସମ୍ବନ୍ଧରେ ଉପାଦେୟ ପରାମର୍ଶ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଥାନାର ଦ୍ୱିତୀୟ ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ଜଫରୁଲ୍ଲା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଶାଠାରୁ ଦୂରେଇ ରହି ପାଠପଢ଼ାକୁ ହିଁ ନିଜର ପ୍ରକୃତ ନିଶା ବା ଲକ୍ଷ୍ୟ ଭାବେ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବଶଙ୍କର ଦାଶ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ୨ ନିଖୋଜ ନାବାଳିକା ଜଗନ୍ନାଥପ୍ରସାଦରୁ ଉଦ୍ଧାର

ଓଡ଼ଗାଁ,୧୯(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳର ନିଖୋଜ ୨ ନାବାଳିକାଙ୍କୁ ଓଡ଼ଗାଁ ଆଦର୍ଶ ଥାନା ପୋଲିସ ଉଦ୍ଧାର କରି ଆବଶ୍ୟକ ପ୍ରକ୍ରିୟା ପରେ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରିଛନ୍ତି। ଓଡ଼ଗାଁ କଲେଜରେ ୨ ଶ୍ରେଣୀରେ ଅଧ୍ୟୟନ କରୁଥିବା ୨ ନାବାଳିକା ସ୍କଲାରସିପ ଫର୍ମ ଭରିବା ନିମନ୍ତେ ସୋମବାର କଲେଜ ଆସିଥିଲେ। ହେଲେ ଆଉ ଘରକୁ ଫେରି ନଥିଲେ। ରାତି ପର୍ଯ୍ୟନ୍ତ ନଫେରିବାରୁ ଉଭୟଙ୍କ ଅଭିଭାବକ ଏନେଇ ଓଡ଼ଗାଁ ଆଦର୍ଶ ଥାନାକୁ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ନାବାଳିକା ମାନେ ସାଙ୍ଗରେ ମୋବାଇଲ ନେଇ ନଥିବାରୁ ସେମାନଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା। ତେବେ ସେମାନଙ୍କ ମୋବାଇଲରୁ ନାବାଳିକାଙ୍କ ସାଙ୍ଗ ପାଖକୁ ଫୋନ କରିବା ପରେ ସେମାନେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ତଥା ନୟାଗଡ଼ ଜିଲ୍ଲା ସୀମାବର୍ତ୍ତି କରସିଙ୍ଗ ଅଞ୍ଚଳକୁ ଯାଇଥିବା ଜଣାପଡ଼ିଥିଲା। ଓଡ଼ଗାଁ ପୋଲିସ ଘଟଣାସ୍ଥଳକୁ ଯାଇ ଦୁଇ ନାବାଳିକାଙ୍କୁ ଉଦ୍ଧାର କରି ଆଣିବା ପରେ ସେମାନଙ୍କୁ ପଚରା କରିଥିଲେ। ସେମାନେ ସାଙ୍ଗର ଜନ୍ମଦିନ ପାଳନ ପାଇଁ ଯାଇଥିବା ନେଇ ପୋଲିସକୁ କହିଥିଲେ।

ଓଡ଼ଗାଁ ପୋଲିସ ମଙ୍ଗଳବାର ଉଭୟ ନାବାଳିକାଙ୍କୁ ନେଇ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିଥିଲେ। ଏବଂ ବୟାନ ରେକଡ ପରେ ଓଡ଼ଗାଁ ପୋଲିସ ସେ ଦୁହିଁଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ୨ ଜଣ ଯାକ ନାବାଳିକା ୨ ବନ୍ଧୁ। ଗଲାବେଳେ ଜଣେ କେହିବି ମୋବାଇଲ ନେଇନଥିଲେ। ମୋବାଇଲ ନଥିଲେ ସ୍କଲାରସିପ ପାଇଁ ଅନଲାଇନ ଆବେଦନ କରାଯାଇପାରିବ ନାହିଁ। ଏ କଥା ସେମାନେ ଜାଣିଥିଲେ। ହେଲେ ଘରଲୋକେ ଜାଣି ନଥିଲେ। ଛୁଆଙ୍କୁ ନପାଇ ବାପା ମା ବ୍ୟସ୍ତ ଓ ବିବ୍ରତ ହେବା ଛଡ଼ା ସେମାନଙ୍କ ପାଖରେ ଜାଣିବା ପାଇଁ ଅନ୍ୟ କୌଣସି ସୁଯୋଗ ନଥିଲା। ଅନ୍ୟ ପକ୍ଷରେ ବିଳମ୍ବ ହେବାରୁ ଅଥବା ରାତିରେ ସାଙ୍ଗ ଘରେ ରହିବା ପାଇଁ ଘରକୁ ସୂଚନା ଦେଇ ପାରିଥାନ୍ତେ, କିନ୍ତୁ ଦେଲେ ନାହିଁ।ଯେଉଁଥିପାଇଁ ବାପା ମାଙ୍କୁ ଥାନାର ଆଶ୍ରୟ ନେବାକୁ ପଡ଼ିଲା।

### ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାୟତ୍ତ ଶାସନ ଦିବସ

# କ୍ଷମତା ବିକେନ୍ଦ୍ରିକରଣ ସହ ନିଜ ଶାସନ ନିଜ ହାତ ଉପରେ ଗୁରୁତ୍ୱାରୋପ



ଘୁ.ଉଦୟଗିରି,୧୯(ଆନିସ): ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସେଠାରେ ମୁଖ୍ୟ ଅତିଥି ଭାବେ ଘୁ. ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ର ଅଧକ୍ଷା ଦେବସ୍ମିତା ଶତପଥୀ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ପରିଷଦ ତରଫରୁ ବିଭିଣନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେପରିକି ରାମଧୂନ, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଚାରାରୋପଣ କାର୍ଯ୍ୟକ୍ରମ, ଘୁ.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ,ଘୁ ଉଦୟଗିରି ଉପକାରାଗାରର ଅନ୍ତେବାସୀଙ୍କୁ ଫଳ ବଣ୍ଟନ, କଲ୍ୟାଣ ମଣ୍ଡପ, ଘୁ.ଉଦୟଗିରି ଠାରେ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପରିଷଦ, କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଅଧକ୍ଷା ଦେବସ୍ମିତା ଶତପଥିଙ୍କ ଅଧକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ କ୍ଷମତା ବିକେନ୍ଦ୍ରିକରଣ ସାଙ୍ଗକୁ ନିଜ ଶାସନ ନିଜ ହାତରେ ଉପରେ ଗୁରୁତ୍ୱଆରୋପ କରିଥିଲେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପୂର୍ବରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ, କନ୍ଧମାଳ ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପ୍ରବୀଣ କୁମାର ବାଣୁଆ, ତହସିଲଦାର ସମୁଦ୍ର ମିଶ୍ର, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ସମେତ ପରିଷଦର ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟା ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ସୁଧୀର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପରିଷଦ କର୍ମଚାରୀ ମୁକେଶ ରଞ୍ଜନ ନାୟକ, ପଙ୍କଜ ବେହେରା ବିବେକାନନ୍ଦ ସାମଲ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ପୂର୍ବରୁ ପରିଷଦ ତରଫରୁ ନିର୍ମିତ ଦୁଇ କଲ୍ୟାଣ ମଣ୍ଡପ ଓ ୧୧ନମ୍ବର ୱାର୍ଡରେ ଥିବା ଏକ ପ୍ରକଳ୍ପ ଉଦଘାଟନ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗଣ୍ଡା ସମାଜ କଲ୍ୟାଣ ପରିଷଦର ୨୭ତମ ପଞ୍ଜୀକୃତ ଦିବସ

ସମ୍ବଲପୁର,୧୯(ଆନିସ):ସମ୍ବଲପୁର ଜିଲ୍ଲା ସାମ୍ବାଦିକ ଭବନଠାରେ ଗଣ୍ଡା ସମାଜ କଲ୍ୟାଣ ପରିଷଦର ୨୭ତମ ପଞ୍ଜୀକୃତ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ନିହାଲ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ, ସାମାଜିକ କର୍ମୀ, ଶିକ୍ଷାବିତ୍, ଆଇନଜୀବୀ ଓ ସମାଜର ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ମୁଖ୍ୟବକ୍ତା ଭାବେ ପରିଷଦର ପ୍ରତିଷ୍ଠାତା ଉପଦେଷ୍ଟା ମିନିକେତନ ବାଦି, ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶା ସାମାଜିକ ପରିଷଦର ଉପାଧକ୍ଷା ରୁପାଞ୍ଜଳି ରଣବିଡ଼ା ଏବଂ ପରିଷଦର ଉପାଧକ୍ଷା କଳ୍ପନା ନାୟକ ଯୋଗଦେଇଥିଲେ। ପରିଷଦର ପ୍ରତିଷ୍ଠାତା କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ଉପସଭାପତି ଶିବଶଙ୍କର ପ୍ରଧାନ ସଭା ପରିଚାଳନା କରିଥିଲେ।ଏହି ଅବସରରେ ପରିଷଦ ପକ୍ଷରୁ ସମାଜ ପାଇଁ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା।ଅଗ୍ନେଶ୍ୱର ମହାନନ୍ଦିଆ ସ୍ମୃତି ସମ୍ମାନ ବାପସା ଯୁବଛାତ୍ର ହେମନ୍ତ ମହାନନ୍ଦ, ନୃପମଣି ସୋହେଲା ସ୍ମୃତି ସମ୍ମାନ ରଜନୀକାନ୍ତ ଲୁହା(ଗଣ୍ଡବଜା ଢୋଲବାଦକ), ଝସକେତନ ଲୁହା ସ୍ମୃତି ସମ୍ମାନ ଡ. ଶ୍ରୀହରି ନାଗ(ସ୍ୱାସ୍ଥ୍ୟ), ନେତ୍ରାନନ୍ଦ ସ୍ମୃତି ସମ୍ମାନ ସୁରେଶ ବାଗ(ଗଣ୍ଡା ସମାଜ ପ୍ରଚାରକ), ବିଚିତ୍ର ମୋହନ ସୁନା ସ୍ମୃତି ସମ୍ମାନ କର୍ମରାଜ ମଲ୍ଲିକ(ବହୁଜନ କବି), ସୁଗ୍ରିସେନ ବାଗ ସ୍ମୃତି ସମ୍ମାନ ପୁରନ୍ଦର ସୁନା(ଶିକ୍ଷ୍ୟା), ସତ୍ୟବାନ ନାୟକ ସ୍ମୃତି ସମ୍ମାନ ବିନୟ ଭୂଷଣ ସୁନା(ନିଷ୍ଠାବାନ କର୍ମକର୍ତ୍ତା), ରମେଶ ଚନ୍ଦ୍ର ବାଦି ସ୍ମୃତି ସମ୍ମାନ ଅମିନ ମହାନନ୍ଦ(ଶୃଙ୍ଖଳିତ ସମ୍ପାଦକ), ମଳୟ ନାଗ ସ୍ମୃତି ସମ୍ମାନ ଆଇନଜୀବୀ ଡ. ମୂରଲୀଧର ମହାନନ୍ଦ(ଆଇନ ବିଶେଷଜ୍ଞ), ତ୍ରିନାଥ ହାତୀ ସ୍ମୃତି ସମ୍ମାନ ସୁନିଲ ହଂଶା, ନେହେରୁ ଭୋସାଗର ସ୍ମୃତି ସମ୍ମାନ ମିନାକ୍ଷୀ ରାଉତ(ଲୁକାୟତ କଳାକାରଙ୍କୁ ଲୋକଲୋଚନକୁ ଆଣିବାର ଅଗ୍ରଣୀ ଭୂମିକା), ନାରାୟଣ ସୁନା ସ୍ମୃତି ସମ୍ମାନ ସୁଶାନ୍ତ ବୁଢ଼ା (କାଳିଆ)(ସଂଗ୍ରାମୀ ବହୁଜନ ନେତା), ସୁରତ ସୁନା ସ୍ମୃତି ସମ୍ମାନ ସୁଧାଂଶୁ ଡାଙ୍ଗ(ଅସ୍ପୃଶ୍ୟ ସଂରକ୍ଷଣ ର ହକ ପାଇଁ), ସ୍ୱାଧୀନତା ସଂଗ୍ରାମୀ ବିହାରୀ ରାମ ସ୍ମୃତି ସମ୍ମାନ ପଦ୍ମା ମହାନନ୍ଦ(ଗଣ୍ଡା ସମାଜ ମହିଳା), ମକରଧ୍ୱଜ ମହାନନ୍ଦ ସ୍ମୃତି ସମ୍ମାନ ଏଡଭୋକେଟ୍ ଲକ୍ଷ୍ମଣ ଭରସଗାର (ବହୁଜନ ସଂଗ୍ରାମୀ ଆଇନଜୀବୀ)ଏବଂ ରବିନ୍ଦ୍ର ମେଘ ସ୍ମୃତି ସମ୍ମାନ ଏଡଭୋକେଟ୍ ଜୟରାମ ହରିପାଲ(ବହୁଜନ ପ୍ରଚାରକ)ଙ୍କୁ ପ୍ରଦାନ କରାଯାଇଥିଲା।ଏଥିସହ ଗଣ୍ଡା ସମାଜର ପାରମ୍ପରିକ ଗଣ୍ଡା ବାଜା ବାଜାଉଥିବା କବି ସୁନା, ବିଶାଳ ସୁନା, ଚନ୍ଦ୍ର ସୁନା ଓ ଶିବ ବାରିକଙ୍କୁ ମଧ ସମ୍ମାନିତ କରାଯାଇଥିଲା।

ସଭାରେ ବକ୍ତାମାନେ ଗଣ୍ଡା ସମାଜର ଶିକ୍ଷା,ସ୍ୱାସ୍ଥ୍ୟ, ସାମାଜିକ ସଚେତନତା, ଆର୍ଥିକ ଉନ୍ନତି, ସାମାଜିକ ଅଧିକାର ଓ ସାମ୍ବିଧାନିକ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।ଭାରତର ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଦକର ପ୍ରଦାନ କରିଥିବା ସାମ୍ବିଧାନିକ ଅଧିକାର ଓ ସୁବିଧାଗୁଡ଼ିକ ସମାଜର ପ୍ରତ୍ୟେକ ଅବହେଳିତ ନିଷ୍ପେସିତ ଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଏହି ୨୭ତମ ପଞ୍ଜୀକୃତ ଦିବସ କାର୍ଯ୍ୟକ୍ରମକୁ ସମ୍ପାଦକ ଅମିନ ମହାନନ୍ଦ, ସହସମ୍ପାଦକ ବିନୟ ଭୂଷଣ ସୁନା, ସଭ୍ୟ କାର୍ତ୍ତିକ ନାଏକ, ସଭ୍ୟା ଯମୁନା ଶିକା, ପିଙ୍କି ଲୁହା, ରଜନୀ ମହାନନ୍ଦ, ନିଳାବତୀ ତାଣ୍ଡି, ଏବଂ ଦାଶରଥି ନାଗଙ୍କ ସହଯୋଗ କରିଥିଲେ।

# କ୍ଷୁଦ୍ର ଶିଳ୍ପ, ବଡ଼ ଆକାଂକ୍ଷା: ଭାରତର ଅଭିବୃଦ୍ଧିର ନୂଆ ବାହକ

ଭୁବନେଶ୍ୱର,୧୯:ଉତ୍ପାଦନ ୟୁନିଟ୍ ଓ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସେବା ପ୍ରଦାନକାରୀ ବ୍ୟବସାୟ ଏବଂ ପ୍ରଥମ ପିଢ଼ିର ଉଦ୍ୟୋଗ ପର୍ଯ୍ୟନ୍ତ, କ୍ଷୁଦ୍ର ଶିଳ୍ପଗୁଡ଼ିକ ଭାରତର ଅର୍ଥନୀତିକୁ ଆକାର ଦେବାରେ କ୍ରମେ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି ହେବା ସହ ସ୍ଥାନୀୟ ଯୋଗାଣ ଶୃଙ୍ଖଳା ସୁଦୃଢ଼ ହେଉଛି ଏବଂ ଉଦ୍ୟୋଗୀତାକୁ ସମୁଦାୟ ନିକଟତର କରାଯାଉଛି। ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ ହେଉଛି ଏହି ଅବଦାନକୁ ସ୍ୱୀକୃତି ଦେବା ସହ ଭାରତର କ୍ଷୁଦ୍ର ବ୍ୟବସାୟ ପରିବେଶର ବଢ଼ୁଥିବା ସମ୍ଭାବନାକୁ ଚିହ୍ନିବାର ଏକ ସୁଯୋଗ ବିଶେଷକରି ଛୋଟ ସହର ଓ ଟାଉନ୍‌ଗୁଡ଼ିକ ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହେଉଥିବା ବେଳେ ଏହି କ୍ଷେତ୍ରର ଗୁରୁତ୍ୱ ଆହୁରି ବଢ଼ିଛି।

**ସ୍ଥାନୀୟ ସଂସ୍ଥାରୁ ଅର୍ଥନୈତିକ କାର୍ଯ୍ୟକଳାପର ଇଂଜିନ୍:** କ୍ଷୁଦ୍ର ଶିଳ୍ପର ଗୁରୁତ୍ୱ ବାଲାନ୍ସ ସିଟ୍‌ଠାରୁ ଅଧିକ ଏକ ବର୍ଦ୍ଧିତ ବିନିର୍ମାଣ କାରଖାନା ଯୋଗାଣକାରୀ ଓ ପରିବହନକାରୀଙ୍କ ପାଇଁ ଚାହିଦା ସୃଷ୍ଟି କରେ, ଏକ ସ୍ଥାନୀୟ ରିଟେଲର୍ ବିତରକ ଓ ଶ୍ରମିକଙ୍କୁ ସମର୍ଥନ କରେ, ଏକ ନୂଆ ଉଦ୍ୟୋଗୀ ଗୋଷ୍ଠୀରେ ନିଯୁକ୍ତି ସୃଷ୍ଟି କରେ। ଏହି ପ୍ରଭାବର ଅର୍ଥ ହେଉଛି ଅଧିକ ସଂସ୍ଥା ସଂଗଠିତ ହେବା ସହ ସମ୍ପ୍ରସାରିତ ହେଲେ ତାହା ଉଦୀୟମାନ ବଜାରରେ ଅର୍ଥନୈତିକ କାର୍ଯ୍ୟକଳାପକୁ ସୁଦୃଢ଼ କରିଥାଏ।

ଭାରତର ଉଦ୍ୟମିତା ଦୃଶ୍ୟପଟ୍ଟ ବୃହତ ସହରରେ ସୀମିତ ରହିନାହିଁ। ଛୋଟ ସହର ଓ ନଗରରେ ବିନିର୍ମାଣ, ଟ୍ରେଡିଂ, ସେବା, ଗମନାଗମନା ଓ ଖୁଚୁରା ଆଦିରେ ବ୍ୟବସାୟ ଉଭା ହେଉଛି ଏବଂ ସେମାନଙ୍କୁ ଏକ ସଫଳ ସ୍ଥାନୀୟ ସଂସ୍ଥାରୁ ଅଧିକ ଉପାଦକ, ସ୍ଥାୟୀ ଓ ବ୍ୟାପକ ବ୍ୟବସାୟରେ ପରିଣତ କରିବାରେ ସାହାଯ୍ୟ କରିବାରେ ସୁଯୋଗ ରହିଛି।

**ସଠିକ ଆର୍ଥିକ ସହାୟତା ଏହି ଯାତ୍ରାକୁ ତ୍ୱରାନ୍ୱିତ କରିବ:** ପରିବର୍ତ୍ତନରେ ପୁଞ୍ଜି ହେଉଛି ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଓ ମେସିନ କିଣିବା, ଦୋକାନ ବଢ଼ାଇବା, ଗାଡ଼ି କିଣିବା, କର୍ମଚାରୀ ନିଯୁକ୍ତି ଦେବା କିମ୍ବା ଏକ ନୂଆ ବଜାରରେ ପ୍ରବେଶ କରିବା ପାଇଁ ପ୍ରତି କ୍ଷୁଦ୍ର ବ୍ୟବସାୟକୁ ପାଣ୍ଠି ଦରକାର ଋଣ ଉପଲବ୍ଧତା ଯେତିକି ଗୁରୁତ୍ୱ ରଖୁନାହିଁ, ଠିକ୍ ସ୍ତରରେ ଏବଂ ବ୍ୟବସାୟର ଆବଶ୍ୟକତା ଅନୁସାରେ ଉଦ୍ୟୋଗୀଙ୍କ ପାଖରେ ସହାୟତା ପହଞ୍ଚିବା ଜରୁରୀ ଏକ ଅଧିକ ପ୍ରତିକ୍ରିୟାଶୀଳ ଋଣ ବ୍ୟବସ୍ଥା ସଂସ୍ଥାକୁ ଅଧିକ ନିବେଶ ଉପାଦକ ହେବାରେ ସାହାଯ୍ୟ କରିବ ଏବଂ ଏକ ଦୃଢ଼ ଆର୍ଥିକ ଟ୍ରାକ୍ ରେକର୍ଡ ଗଠନ କରିବ ଏବଂ କେବଳ ସ୍ୱତନ୍ତ୍ର ଆବଶ୍ୟକତା ବଦଳରେ ଦୀର୍ଘକାଳୀନ ସମ୍ପର୍କ ଗଠନ କରିବା ପାଇଁ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ସୁଯୋଗ ପ୍ରଦାନ କରିବ।

NAMDEV FINVEST

ଜାତୀୟ କ୍ଷୁଦ୍ର ଶିଳ୍ପ ଦିବସ ଉପରେ ମତ ଦେଇ ନାମଦେବ ଫିନଭେଷ୍ଟର ଏମଡି ଓ ସିଇଓ ଜିତେନ୍ଦ୍ର ତନୱାର କହିଛନ୍ତି ଯେ, ଭାରତୀୟ କ୍ଷୁଦ୍ର ବ୍ୟବସାୟ ଦୃଶ୍ୟପଟ୍ଟର ହୋଇଥିବା ପରିବର୍ତ୍ତନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ କେବଳ ଉଦ୍ୟୋଗୀଙ୍କ ସଂଖ୍ୟା ନୁହେଁ, ସେମାନେ ଆଣିଥିବା ଆକାଂକ୍ଷା ଏକ ସ୍ଥାନୀୟ ବଜାରକୁ ସେବା ପ୍ରଦାନରୁ ଆରମ୍ଭ ହୋଇଥିବା ବ୍ୟବସାୟଗୁଡ଼ିକ ସମ୍ପ୍ରତି ଉତ୍ତମ ଉପକରଣ, ଏକ ବୃହତ ଗ୍ରାହକ ସଂଖ୍ୟା, ଡିଜିଟାଲ ଗ୍ରହଣୀୟତା କିମ୍ବା ଏକ ଦ୍ୱିତୀୟ ସ୍ଥାନ ଖୋଜୁଛନ୍ତି। ଆର୍ଥିକ କ୍ଷେତ୍ରର କ୍ଷୁଦ୍ର ବ୍ୟବସାୟକୁ ଦେଖିବାର ଅର୍ଥ ହେଉଛି କେବଳ ଆକାର ନୁହେଁ, ସମ୍ଭାବନାର ଦୃଷ୍ଟିରେ ଦେଖିବା, ବ୍ୟବସାୟ କଣ ଗଠନ କରିବାକୁ ଚାହୁଁଛି। ତାହାକୁ ବୁଝିବା ଓ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନଙ୍କୁ ସମର୍ଥନ କରିବା ଏହି ବ୍ୟବସାୟଗୁଡ଼ିକୁ ନିକଟରୁ ଦେଖିଲେ ପାରମ୍ପରିକ କେନ୍ଦ୍ର ବାହାରେ କିଭଳି ଅର୍ଥନୈତିକ କାର୍ଯ୍ୟକଳାପ ସୃଷ୍ଟି ହେଉଛି ଏବଂ ଭାରତ ଏକ ବ୍ୟାପକ, ଅଧିକ ଆବଂଟିତ ଅଭିବୃଦ୍ଧି କାହାଣୀ ଆଡ଼କୁ ଅଗ୍ରସର ହେଉଥିବା ଭାରତ ପାଇଁ ସେହି ଧାରାକୁ ଦାୟିତ୍ୱବାନ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ।

ନାମଦେବ ଫିନଭେଷ୍ଟ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହର ଓ ତା ବାହାରେ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ସହିତ ନାମଦେବ ଫିନଭେଷ୍ଟ କାର୍ଯ୍ୟ କରିବା ସହିତ କାର୍ଯ୍ୟକାରୀ ପୁଞ୍ଜି, ବ୍ୟବସାୟ ସମ୍ପ୍ରସାରଣ ଓ ଉପକରଣ କିଣିବା ପାଇଁ ଏମ୍‌ଏସ୍‌ଏମ୍‌ଇ ଋଣ ସମାଧାନ ପ୍ରଦାନ କରୁଛି ।

# ଆଲେନ୍ କ୍ୟାରିୟର ଇନଷ୍ଟିଚ୍ୟଟ୍ ପକ୍ଷରୁ ଅମନ ମାହେଶ୍ୱରୀଙ୍କୁ ବୋର୍ଡରେ ନିର୍ଦ୍ଦେଶକ ନିଯୁକ୍ତି

**ଭୁବନେଶ୍ୱର**,୧୯: ଆଲେନ୍ କ୍ୟାରିୟର ଇନଷ୍ଟିଚ୍ୟଟ୍ ପକ୍ଷରୁ ଏହାର ନିର୍ଦ୍ଦେଶକ ବୋର୍ଡରେ ଅମନ ମାହେଶ୍ୱରୀଙ୍କୁ ନିର୍ଦ୍ଦେଶକ ଭାବେ ସାମିଲ କରାଯାଇଛି। ଏହି ନିଯୁକ୍ତି ସହ ଆଲେନ୍ ପକ୍ଷରୁ ସମସ୍ତ ଚାରି ପ୍ରତିଷ୍ଠାତା ସେମାନଙ୍କ ପରବର୍ତ୍ତୀ ପିଢ଼ିକୁ ବୋର୍ଡ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ବୋର୍ଡରେ ପରବର୍ତ୍ତୀ ପିଢ଼ିର ନିର୍ଦ୍ଦେଶକ ଅବିରଳ ମାହେଶ୍ୱରୀ, ଆନନ୍ଦ ମାହେଶ୍ୱରୀ ଓ କେଶବ ମାହେଶ୍ୱରୀ ସାମିଲ ହୋଇଥିଲେ। ଅମନ ଭାରତ, ୟୁଏଇ, ବ୍ରିଟେନ ଓ ୟୁରୋପରେ ଶିକ୍ଷା ଗ୍ରହଣ କରିଥିବାରୁ ସେ ଆଲେନ୍‌ର ଗ୍ଲୋବାଲ୍ ଷ୍ଟଡି ଡିଭିଜନକୁ ନୂଆ ଦିଗ ଦେଇପାରିବେ।



ଆଲେନ୍ କ୍ୟାରିୟର ଇନଷ୍ଟିଚ୍ୟଟ୍‌ର ପ୍ରତିଷ୍ଠାତା ରାଜେଶ ମାହେଶ୍ୱରୀ କହିଛନ୍ତି ଯେ, ବୋର୍ଡରେ ଅମନ ଯୋଗଦେବା ସହିତ ଆଲେନର ଯାତ୍ରାରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ସମ୍ପୂର୍ଣ୍ଣ କରିଛୁ। ଆମର ଚାରି ପରବର୍ତ୍ତୀ ପିଢ଼ିର ନିର୍ଦ୍ଦେଶକଙ୍କ ସ୍ୱତନ୍ତ୍ର ଦୃଢ଼ତା ରହିଛି ଏବଂ ଆଲେନର ଅନ୍ତର୍ଜାତୀୟ ଶିକ୍ଷା ଶାଖାକୁ ଗଠନ କରିବାରେ ଅମନଙ୍କ ଅଭିଜ୍ଞତା ବୋର୍ଡକୁ ମୂଲ୍ୟବାନ ଦୃଷ୍ଟିକୋଣ ପ୍ରଦାନ କରିବ। ମୋର ବିଶ୍ୱାସ ରହିଛି ଯେ, ଏହି ସାମଗ୍ରିକ ନେତୃତ୍ୱ ଆଗାମୀ ପିଢ଼ି ପାଇଁ ଆଲେନ୍‌ର ମିସନକୁ ଆଗକୁ ବଢ଼ାଇବ।

ନିଜ ଜ୍ୟେଷ୍ଠ ପୁତ୍ର ଅମନ ମାହେଶ୍ୱରୀଙ୍କୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ବୋର୍ଡକୁ ସ୍ୱାଗତ କରି, ଆଲେନ୍‌ର ପ୍ରତିଷ୍ଠାତା ଡ. ବ୍ରଜେଶ ମାହେଶ୍ୱରୀ କହିଛନ୍ତି ଯେ, ଜ୍ୟେଷ୍ଠ ପୁତ୍ର ଅମନ ମାହେଶ୍ୱରୀ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରୁଥିବାର ଦେଖି ମୁଁ ଆନନ୍ଦିତ। ବିଗତ ବର୍ଷଗୁଡ଼ିକରେ ସେ ଆଲେନ୍‌ର ସ୍ୱଦେଶୀ ଓ ବିଦେଶୀ ଶିକ୍ଷାଗତ ପଦକ୍ଷେପଗୁଡ଼ିକୁ ଗଢ଼ିବା ଓ ସୁଦୃଢ଼ କରିବାରେ ତଥା ସେଗୁଡ଼ିକୁ ନୂତନ ଉଚ୍ଚତାକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ମୁଁ ନିଶ୍ଚିତ ଯେ, ବୋର୍ଡରେ ତାଙ୍କର ଏହି ନୂତନ ଭୂମିକାରେ ସେ ଆଲେନ୍‌କୁ ବିକାଶ ଓ ଶ୍ରେଷ୍ଠତାର ନୂତନ ମାଇଲଖୁଂଟ ଆଡ଼କୁ ନେଇଯିବା ସହିତ ସମାନ ନିଷ୍ଠା, ପ୍ରତିବଦ୍ଧତା ଓ ଦୂରଦୃଷ୍ଟି ପ୍ରଦର୍ଶନ କରିବା ଜାରି ରଖିବେ। ପ୍ରତିଷ୍ଠାତା ଭାବରେ ଆମର ପ୍ରୟାସ ସଦାସର୍ବଦା ଏପରି ଏକ ଅନୁଷ୍ଠାନ ଗଠନ କରିବା ଯାହା ଆମ ନିଜଠାରୁ ବଡ଼ ଏବଂ ଆଗାମୀ ପିଢ଼ି ପାଇଁ ଏକ ଶକ୍ତ ଉତ୍ତରାଧିକାର ସୃଷ୍ଟି କରିବ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭୂମିକାକୁ ଅମନଙ୍କର ଏହି ପରିବର୍ତ୍ତନ ଏହି ବୃହତର ଦୂରଦୃଷ୍ଟିକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ପଦକ୍ଷେପ। ନିଜ ନିଯୁକ୍ତି ସମ୍ପର୍କରେ ଅମନ ମାହେଶ୍ୱରୀ କହିଛନ୍ତି ଯେ, ଆଲେନ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ଯାତ୍ରାରେ ଏହାର ବୋର୍ଡରେ ଯୋଗଦେଇ ମୁଁ ସମ୍ମାନିତ ମନେ କରୁଛି। ଅନୁଷ୍ଠାନ ସହିତ ବଢ଼ିବା ଓ ବର୍ଷ ବର୍ଷ ଧରି ଏହାର ବିଶ୍ୱସ୍ତରୀୟ ଶିକ୍ଷାଗତ ପଦକ୍ଷେପଗୁଡ଼ିକର ନିର୍ମାଣ ଓ ପ୍ରସାରରେ ଯୋଗଦାନ ଦେଇଥିବାରୁ ଆଲେନ୍‌କୁ ପ୍ରତିଷ୍ଠିତ କରୁଥିବା ମୂଲ୍ୟବୋଧ ଓ ଆଗକୁ ଥିବା ସମ୍ଭାବନାଗୁଡ଼ିକୁ ବୁଝିବାର ସୁଯୋଗ ମୋତେ ମିଳିଛି। ମୁଁ ମୋର ଅନୁଭୂତି ଓ ଦୃଷ୍ଟିକୋଣକୁ ବୋର୍ଡକୁ ଆଣିବା, ମୋର ସହକାରୀ ନିର୍ଦ୍ଦେଶକ ଓ ନେତୃତ୍ୱ ଟିମ୍ ସହିତ ମିଶି ଆଲେନ୍‌ର ମୂଳକୁ ସୁଦୃଢ଼ କରିବା, ନବସୃଜନକୁ ତ୍ୱରାନ୍ୱିତ କରିବା, ଆମର ବିଶ୍ୱସ୍ତରୀୟ ଉପସ୍ଥିତିକୁ ପ୍ରସାରିତ କରିବା ଓ ଆଲେନ୍‌କୁ ଭାରତର ଅନ୍ୟତମ ବିଶ୍ୱସନୀୟ ଶିକ୍ଷାନୁଷ୍ଠାନରେ ପରିଣତ କରିଥିବା ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ ଆଶା ରଖିଛି।

ଆଲେନ୍‌ର ନିର୍ଦ୍ଦେଶକ ଉଦୟ ଶଙ୍କର କହିଛନ୍ତି ଯେ, ଅମନଙ୍କ ନିଯୁକ୍ତି ସହିତ ଆଲେନ୍‌ର ବୋର୍ଡ ଏବେ ପ୍ରକୃତରେ ଅନୁଷ୍ଠାନର ପରବର୍ତ୍ତୀ ଅଧ୍ୟାୟକୁ ପ୍ରତିଫଳିତ କରୁଛି, ଯାହା ପ୍ରତିଷ୍ଠାତାମାନଙ୍କର ପ୍ରଜ୍ଞା, ବୃତିଗତ ପରିଚାଳନାର ଶୃଙ୍ଖଳା ଓ ପରବର୍ତ୍ତୀ ପିଢ଼ିର ନୂତନ ଶକ୍ତିକୁ ଏକତ୍ରୀତ କରିବ ଏହା ଆଗାମୀ ଦଶନ୍ଧି ଧରି ଆଲେନ୍‌ର ଶ୍ରେଷ୍ଠତାକୁ ବଜାୟ ରଖିବା ପାଇଁ ଗଠିତ ଏକ ଶାସନ ଢ଼ାଂଚାକୁ ପୂର୍ଣ୍ଣାଙ୍ଗ କରିବ।

ଆଲେନର ସିଇଓ ନିତିନ କୁକରେଜା କହିଛନ୍ତି ଯେ, ବୋର୍ଡରେ ଅମନଙ୍କ ନିଯୁକ୍ତି ହେଉଛି ଆମର ଗ୍ଲୋବାଲ୍ ଷ୍ଟଡିଜ୍ ଡିଭିଜନର ନେତୃତ୍ୱ ନେଇ ବର୍ଷ ବର୍ଷ ଧରି ସେ ଅର୍ଜନ କରିଥିବା ବିଶ୍ୱାସର ଏକ ସ୍ୱାଭାବିକ ପ୍ରଗତି ନେତୃତ୍ୱ ଟିମ୍ ଭାବରେ ଆମେ ଆଲେନ୍‌ର ଶତବାର୍ଷିକ ଦୂରଦୃଷ୍ଟି ଆଡ଼କୁ କାର୍ଯ୍ୟ କରୁଥିବା ବେଳେ ତାଙ୍କର କ୍ରମାଗତ ମାର୍ଗଦର୍ଶନକୁ ଅପେକ୍ଷା କରିଛୁ।ଏହି ନିଯୁକ୍ତି ସହିତ ଆଲେନ୍‌ର ପୁନର୍ଗଠିତ ନିର୍ଦ୍ଦେଶକ ମଣ୍ଡଳୀରେ ଅଧ୍ୟକ୍ଷ ଭାବରେ ଉଦୟ ଶଙ୍କରଙ୍କ ସହ ଅବିରଳ ମାହେଶ୍ୱରୀ, ଅମନ ମାହେଶ୍ୱରୀ, ଆନନ୍ଦ ମାହେଶ୍ୱରୀ, କେଶବ ମାହେଶ୍ୱରୀ ଏବଂ ପ୍ରତୀକ ଗାର୍ଗ ସାମିଲ ହୋଇଛନ୍ତି

# ଏନବିବିଏଲ୍‌ର ଭାରତ କନେକ୍ଟ ବୈଦେଶିକ ମୁଦ୍ରା କାରବାର ୨୦୨୬ ଏପ୍ରିଲ୍-ଜୁଲାଇରେ ୧୦୦ ନିଯୁତ ଟଙ୍କା ଟପିଲା

ଭୁବନେଶ୍ୱର,୧୯: ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ସହାୟକ କମ୍ପାନି ଏନପିସିଆଇ ଭାରତ ବିଲପେଦ ଲିମିଟେଡ (ଏନବିବିଏଲ୍) ପକ୍ଷରୁ ଭାରତ କନେକ୍ଟ ଜରିଆରେ ବୈଦେଶିକ ମୁଦ୍ରା କାରବାର ୨୦୨୬ ଏପ୍ରିଲ୍‌ରୁ ଜୁଲାଇ ମଧ୍ୟରେ ୧୦୦ ନିଯୁତ ଟଙ୍କା ଅତିକ୍ରମ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଗ୍ଲୋବାଲ ଫିନଟେକ ଫେଷ୍ଟ (ଜିଏଫଏଫ) ୨୦୨୬ରେ ବୈଦେଶିକ ମୁଦ୍ରା ବର୍ଗକୁ ଉନ୍ମୋଚନ କରିଥିଲେ। ଏଥିରେ କ୍ଲିୟରିଂ କର୍ପୋରେସନ ଅଫ୍ ଇଣ୍ଡିଆ (ସିସିଆଇଏଲ୍) ଦ୍ୱାରା ବିକଶିତ ଏଫଏକ୍ସ-ରିଟେଲ୍‌କୁ ଭାରତ କନେକ୍ଟ ପ୍ଲାଟଫର୍ମ ସହ ଯୋଡ଼ାଯାଇଛି।

ଶୁଭାରମ୍ଭ ପରଠାରୁ ଏହି ବର୍ଗ ଦୃଢ଼ ଅଭିବୃଦ୍ଧି ହାସଲ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତ କନେକ୍ଟ ପକ୍ଷରୁ ୨୭.୦୬ ନିଯୁତ ଟଙ୍କାର ବୈଦେଶିକ ମୁଦ୍ରା କାରବାରର ପ୍ରକ୍ରିୟାକରଣ କରାଯାଇଛି ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ଏହି ପ୍ଲାଟଫର୍ମ ୧୧.୯୧ ନିଯୁତ ଟଙ୍କାର କାରବାର ପ୍ରକ୍ରିୟାକରଣ କରିଛି

Bharat Connect NBBL NPCI Bharat BillPay Ltd.

ଯାହା ମୋଟ୍ କାରବାର ମୂଲ୍ୟକୁ ୧୩୮.୯୭ ନିଯୁତ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛି।

ପାରମ୍ପରିକ ଭାବେ ବୈଦେଶିକ ମୁଦ୍ରା କାରବାରରେ ସୀମିତ ମୂଲ୍ୟ ଦୃଶ୍ୟମାନତା, ସ୍ୱତନ୍ତ୍ର ବ୍ୟାଙ୍କିଂ କିମ୍ବା ସ୍ୱୀକୃତିପ୍ରାପ୍ତ ଡିଲର ଚ୍ୟାନେଲ ଉପରେ ନିର୍ଭରଶୀଳତା ଏବଂ ଅଫଲାଇନ କିମ୍ବା ବିକ୍ଷୀପ୍ତ ପ୍ରକ୍ରିୟା ଜଡ଼ିତ ସ୍ୱଚ୍ଛତାର ଅଭାବ ପାଇଁ ହାରକୁ ତୁଳନା କରିବା ଏବଂ କାରବାରର ମୋଟ ଖର୍ଚ୍ଚକୁ ବୁଝିବା ଗ୍ରାହକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର କରିଛି ବୈଦେଶିକ ମୁଦ୍ରା କାରବାର ପାଇଁ ଏକ ଇଂଟରଅପରେବଲ୍ ଡିଜିଟାଲ ମାର୍କେଟ୍‌ପ୍ଲେସ୍ ଜରିଆରେ ଭାରତ କନେକ୍ଟ ଜରିଆରେ କାରବାର କରୁଛି ଏହି ପ୍ଲାଟଫର୍ମରେ ବିଭିନ୍ନ ବଡ଼ ଧରଣର କାରବାର ମଧ୍ୟ ହୋଇଛି। ଯାହା ଗ୍ରାହକମାନଙ୍କୁ ମୂଲ୍ୟକୁ ତୁଳନା କରିବା ଓ ବୈଦେଶିକ ମୁଦ୍ରା କାରବାରରେ ସଞ୍ଚୟକୁ ଅର୍ଥପୂର୍ଣ୍ଣ କରିପାରିଛି। ଏହି ବ୍ୟବସ୍ଥାରେ ଅଗ୍ରଣୀ ବ୍ୟାଙ୍କ ଓ ପ୍ଲାଟଫର୍ମକୁ ସାମିଲ କରାଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ବିଲରମାନେ ହେଉଛନ୍ତି ଆକ୍ସିସ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, ଫେଡେରାଲ ବ୍ୟାଙ୍କ, ଏଚ୍‌ଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ୟେସ ବ୍ୟାଙ୍କ ଭିମ, ବ୍ୟାଙ୍କ ଅଫ ବରୋଦା, କ୍ରେଡ, ଫେଡେରାଲ ବ୍ୟାଙ୍କ, ମୋବିକ୍ୱିକ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭଳି ପ୍ଲାଟଫର୍ମ ଏଥିରେ ଯୋଡ଼ି ହୋଇଛନ୍ତି ।

ଏକ ଖୋଲା, ଇଂଟର ଅପରେବଲ୍ ଓ ବଜାର ସହ ଜଡ଼ିତ ପରିସଂସ୍ଥା ଜରିଆରେ ବୈଦେଶିକ ମୁଦ୍ରା କ୍ରୟର ଆଧୁନିକୀକରଣରେ ଭାରତ କନେକ୍ଟ ସହାୟକ ହୋଇପାରିଛି ଏକ ଏକକ ଭିତ୍ତିଭୂମିରେ ବୈଦେଶିକ ମୁଦ୍ରା କାରବାର ସୁବିଧା ପ୍ରଦାନକାରୀ ଓ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକୁ ଏକତ୍ରୀତ କରି ଏହି ଅଭିଯାନ ଗ୍ରାହକମାନଙ୍କୁ ଶ୍ରେଷ୍ଠ ସୁବିଧା, ପସନ୍ଦ ଓ ସହଜଲବ୍ଧତା ପ୍ରଦାନ କରୁଛି।

# ରାଣୀଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ ଓ ଗ୍ରାମବାସୀ

## ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ଖାଲି ଶିକ୍ଷକ ପଦ ପୂରଣ ଦାବି

କୁନ୍ଦୁରା,୧୯(ଆନିସ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ସିମବର୍ତ୍ତୀ ରାଣୀଗୁଡା ପଞ୍ଚାୟତର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆଜି ବିଦ୍ୟାଳୟର ପରିଚାଳନା କମିଟି, ଅଭିଭାବକ ଓ ସ୍ଥାନୀୟ ଗ୍ରାମ ।ସୀ ମିଳିତ ଭାବେ ତାଲା ପକାଇଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ରହିଥିବା ପରିଚାଳନା କମିଟି ଏବଂ ଅଭିଭାବକ ଙ୍କ ଲିଖିତ ଦାବିପତ୍ର ଏବଂ ଦେଇଥିବା ସୂଚନା ମୁତାବକ ବିଦ୍ୟାଳୟ ରେ ଦୀର୍ଘ ଦିନ ହେବ ଅବ୍ୟବସ୍ଥା ଲାଗି ରହିଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଅତ୍ୟାବଶ୍ୟକ ନଥିପତ୍ର ସମ୍ପାଦନ, ରେକର୍ଡ ସଂରକ୍ଷଣ, ଅନଲାଇନ କାର୍ଯ୍ୟ ତୁଲାଇବା ସହ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଦେବାରେ ବହୁତ ଅସୁବିଧା ହେଉଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟକୁ ସୁଚାରୁରୂପେ ପରିଚାଳନା କରିବାରେ ଅସମର୍ଥ। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୫୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିକ୍ଷାଦାନ କରିବା ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ୧୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ନିଯୁକ୍ତ ରହିଛନ୍ତି । ଏହି ୧୦ ଜଣ ଶିକ୍ଷକ ଙ୍କ ମଧ୍ୟରୁ ୩ ଜଣ ଶିକ୍ଷକଙ୍କୁ ଡେପୁଟେସନ ରେ ଅନ୍ୟତ୍ର ପଠାଇ ଦିଆଯାଇଛି ।ଏହି ବିଦ୍ୟାଳୟ ମାଧ୍ୟମରେ ଦରମା ଗ୍ରହଣ କରୁଥିବା ବେଳେ ଅନ୍ୟ ବିଦ୍ୟାଳୟରେ ଶିକ୍ଷାଦାନ କରିବା ପାଇଁ ୩ ଜଣ ଶିକ୍ଷକ ଚାଲିଯାଇଛନ୍ତି। ଏହି ବିଦ୍ୟାଳୟ ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏବଂ ଶ୍ରେଣୀ ଓ ବିଷୟ ତୁଳନାରେ ଶିକ୍ଷକ ଅଭାବ ରହିଥିବା ବେଳେ ଶିକ୍ଷକ ଡେପୁଟେସନକୁ ବିରୋଧ କରିଛନ୍ତି ଅଭିଭାବକ, ପରିଚାଳନା କମିଟି ଓ ଗ୍ରାମବାସୀ ବିଦ୍ୟାଳୟରେ ଜଣେ ଦକ୍ଷ ଓ ଅଭିଜ୍ଞ ପ୍ରଧାନ ଶିକ୍ଷକ, ଜଣେ କିରାଣୀ, ଜଣେ ବିଜ୍ଞାନ ଶିକ୍ଷକ, ଜଣେ କଳା ଶିକ୍ଷକ ଙ୍କ ସହ ଡେପୁଟେସନରେ ଯାଇଥିବା ୩ ଜଣ ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତ କରିବା ପାଇଁ ଦାବୀ କରିଛନ୍ତି।



ବିଦ୍ୟାଳୟ ରେ ତାଲା ପକାଇ ବିରୋଧ କରୁଥିବା ଖବର ପାଇ କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗି, ତହସିଲଦାର ବିନୋଦ ଚନ୍ଦ୍ର ନାଏକ, ଗୋଷ୍ଠୀ ଉନୟନ ଅଧିକାରୀ ପି. ମାନସ୍ମିତା, ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ, ବ୍ଲକ ଶିକ୍ଷକ ସଙ୍ଘ ସଭାପତି ତ୍ରିନାଥ ପଣ୍ଡା, ଉପ ସଭାପତି ରାକେଶ ଗୁରୁ ପ୍ରମୁଖ ବିଦ୍ୟାଳୟ ରେ ପହଞ୍ଚିଥିଲେ। ତାଲା ପକାଇ ଧାରଣାରେ ରହିଥିବା ସମ୍ମୁଖଙ୍କ ନିକଟରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦେଶ୍ୟ ରେ ଲେଖାଯାଇଥିବା ଦାବୀପତ୍ର ଗ୍ରହଣ କରିବା ସହ ଦୀର୍ଘ ସମୟ ଆଲୋଚନା କରାଯାଇଥିଲା। ଶେଷରେ କୁନ୍ଦୁରା ବ୍ଲକର ଉପସ୍ଥିତ ଅଧିକାରୀ ତଥା ମୁଖ୍ୟତଃ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବି ଡି ଓ ଏହି ଘଟଣାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଆସନ୍ତା ୧୫ ଦିନ ଭିତରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲା ଯାଇଥିଲା। ଉପସ୍ଥିତ ଅଭିଭାବକ, ପରିଚାଳନା କମିଟି, ଗ୍ରାମବାସୀ ଓ ରାଣୀଗୁଡା ସରପଞ୍ଚ ଶିବ ପ୍ରଧାନୀ ପ୍ରମୁଖ ତାଲା ଖୋଲିବା ପରେ ଆସନ୍ତା ୧୫ ଦିନ ଅପେକ୍ଷା କରିବୁ। ଯଦି ଆମର ଦାବୀ ପୂରଣ ନହୁଏ ତେବେ ପୁଣି ବିଦ୍ୟାଳୟରେ ତାଲା ପଡିବ ଏବଂ ଜୋରଦାର ବିରୋଧ ହେବ ବୋଲି କହିଥିଲେ।

### ଫୁଲବାଣୀରେ ସ୍ୱାୟତ୍ତ ଶାସନ ଦିବସ

# ପୌର ପରିଷଦ ମୌଳିକ ସୁବିଧା ଯୋଗାଇ ଦେଇଥିବାରୁ ଆସ୍ଥାଭାଜନ ହୋଇପାରିଛି




ଫୁଲବାଣୀ,୧୯(ଆନିସ): ଫୁଲବାଣୀ ପୌର ପରିଷଦ ପକ୍ଷରୁ ମହା ସମାରୋହରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇ ଫୁଲବାଣୀ ପୌର ପରିଷଦ ସହରର ଜନସାଧାରଣଙ୍କ ପାଇଁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦେଇ ଲୋକଙ୍କ ଅସ୍ଥା ଭାଜନ ହୋଇଥିବାରୁ ପ୍ରଶଂସା କରିଥିଲେ। ଆଗକୁ ଅନେକ ବିକାଶ ମୂଳକ କାର୍ଯ୍ୟ ହାତକୁ ନିଆଯିବ ବୋଲି କହିଥିଲେ ପୌରାଧ୍ୟକ୍ଷା ପାୟଲ ବେହେରା ଓ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କ ନିଷ୍ଠା ପର ଉଦ୍ୟମ ଆନ୍ତରିକତା ଯୋଗୁଁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ ହୋଇପାରିଥିବା କୁହାଯାଉଛି । ଏହି ଅବସରରେ ମୁଖ୍ୟଅତିଥି ବିଧାୟକ ମଲିକ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦ୍ୱାରା ଭିଡ଼ିଓ କନଫେରେସିଂ ଦ୍ୱାରା ବଡବନ୍ଧର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣର ଭିତ୍ତି ପ୍ରସ୍ତର ସ୍ଥାପନ, ସହ ଦୁଇଟି ଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ, (ବାପୁଜୀ ବସଷ୍ଟାଣ୍ଡ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟପରିସର ରେ) ଓ ଗାନ୍ଧୀ ଛକ ରେ ଅତ୍ୟାଧୁନିକ ଯାତ୍ରୀ ପ୍ରତିକ୍ଷାଳୟ ର ଶୁଭ ଉଦଘାଟନ କରିଥିଲେ। ସେହିପରି ଏହି ଅବସରରେ ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚରେ ଉପସ୍ଥିତ ରହି ବିଧାୟକ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। କର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ, କାଉନସିଲର ମାନେ, ବୁଦ୍ଧିଜୀବି ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ସଂଧ୍ୟାରେ ସୁନାମ ଧନ୍ୟ କଳାକାର ଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା

# ବିଭିନ୍ନ ସମସ୍ୟା ଘେରରେ ତୁମୁଣିଖୋଲ ଗାଁ: ଝରଣାର ଦୂଷିତ ଜଳ ସାହାଭରସା

## ବିଦ୍ୟୁତ ସଂଯୋଗ ହୋଇନାହିଁ, ଅନ୍ଧାରରେ ଗ୍ରାମବାସୀଙ୍କ ଜୀବନ, ତୁମୋନୀଖୋଲ ଗ୍ରାମବାସୀଙ୍କ ଭୋର୍ଟ ବର୍ଜନ ପାଇଁ ଚେତାବନୀ, ରାସ୍ତାଘାଟ ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଅପହଞ୍ଚ

ଥୁଆମୁଳ ରାମପୁର, ୧୯ (ଆନିସ): ବଦଳିଛି ସରକାର ରାଜ୍ୟରେ ଡବଲ ଇଞ୍ଜିନ ସରକାର ପୁଣି , ବଦଳିଲେ ବିଭିନ୍ନ କାର୍ଯ୍ୟାଳୟ ଅଧିକାରୀ, ତଥାପି ବଦଳି ପାରୁନାହିଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଜୀବନ ବିଭିନ୍ନ ସମସ୍ୟା ଘେରରେ ଗ୍ରାମାଞ୍ଚଳର ଲୋକଙ୍କ ଜୀବନଶୈଳୀ ବଦଳି ନାହିଁ ଅନେକ ଗାଁର ମାନଚିତ୍ର ସେ ଭଳି ଗାଁ ରହିଛି। ସରକାର ଡିଣ୍ଡିମପିଟି କହୁଛନ୍ତି ଯେ ସମସ୍ତ ଘରେ ଘରେ ବିଶୁଦ୍ଧ ପାନୀୟ ଜଳ ସମସ୍ତଙ୍କ ଘର ପାଖକୁ ପହଞ୍ଚିବ ବିଶୁଦ୍ଧ ପାନୀୟ ଜଳ, ଆଜି ମଧ ଲୋକମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଅପରପକ୍ଷରେ ଶାସକ ଦଳ ଲୋକଙ୍କୁ ଏହିଭଳି ମିଥ୍ୟା ପ୍ରତିଶ୍ରୁତିରେ ପୋତି ପକାଇବା ହେଲେ ସରକାରଙ୍କ କାମ। ଏହିଭଳି ଭ୍ରାନ୍ତିକର ମନ୍ତବ୍ୟକୁ ନେଇ ବର୍ତ୍ତମାନ ସଚେତନ ନାଗରିକଙ୍କ ମଧ୍ୟରେ ଆଲୋଚନା ଜୋର ଧରିଥିବା ଜଣାପଡିଛି। ବସୁଧା ଯୋଜନା ମାଧ୍ୟମରେ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବା କୁହାଯାଉଥିବା ବେଳେ କିଛି ଅଞ୍ଚଳରେ ବସୁଧା ଯୋଜନା ଫସର ଫାଟିଯାଇଛି, ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତ ଅଧିନରେ ଥିବା ତୁମୋନୀଖୋଲ ଗ୍ରାମରେ। ଏହି ଗ୍ରାମରେ ପ୍ରାୟ ୨୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ଏହି ଗ୍ରାମରେ ୪୫ ଟି ପରିବାର ବସବାସ କରୁଛନ୍ତି କିନ୍ତୁ ଏମାନଙ୍କ ପାଇଁ ଆଜି ବି ବିଶୁଦ୍ଧ ପାନୀୟ ଜଳ ସାତସପନ ପାଲଟିଛି। ବିଭାଗୀୟ ଉଦାସୀନତା ଓ ପ୍ରଶାସନିକ ଦୂରଦୃଷ୍ଟି ଅପାରଗତାର କୁପରିଣତି ଭୋଗିବା ପାଇଁ ବାଧ ହେଉଛନ୍ତି ତୁମୋନିଖୋଲ ଗ୍ରାମବାସୀ, ଉକ୍ତ ଗାଁର ଲୋକମାନେ ପାହାଡ଼ିଆ ଝରଣାର ଦୂଷିତ ଓ ଆବର୍ଜନାରେ ପରିପୂର୍ଣ୍ଣ ଜଳକୁ ପାନୀୟ ଭାବରେ ବ୍ୟବହାର କରିବା ଦ୍ୱାରା ଲୋକମାନେ ବିଭିନ୍ନ ସମୟରେ ଅଜଣା ରୋଗରେ ପୀଡିତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଠାରେ ପ୍ରକାଶ ଥାଉକି ଯେ ଗ୍ରାମରେ ଥିବା ଦୁଇଟି କୂଅରେ ସଂଯୁକ୍ତ କରାଯାଇଥିବା ନଳକୂଅ ବର୍ତ୍ତମାନ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ସେହିଭଳି ପାନୀୟ ଜଳ କଷ୍ଟ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ଗ୍ରାମରେ ଦୁଇ ଦୁଇଟି ବିରାଟ ଜଳ ସଂରକ୍ଷଣ ଟାଙ୍କି ନିର୍ମାଣ କରାଯାଇଛି। କିନ୍ତୁ ବାସ୍ତବରେ ସେହି ଦୁଇଗୋଟି ଟାଙ୍କିରୁ ପ୍ରର୍ଯ୍ୟାପ୍ତ ପରିମାଣରେ ଗ୍ରାମବାସୀଙ୍କୁ ପାଣି ମିଳିପାରୁନାହିଁ।



ଗ୍ରାମରେ ଉକ୍ତ ଯୋଜନାର ପାଇପ୍ କିଛି ସ୍ଥାନରେ ହୋଇଛି କିଛି ସ୍ଥାନକୁ ପହଞ୍ଚି ପାରିନାହିଁ। ଯଦି ଯାହା ଘରକୁ ପାଣି ପାଇପ୍ ଯାଇଛି ସତ ହେଲେ ତାହା ମଧ ସମ୍ପୁର୍ଣ୍ଣ ଟ୍ୟାପ ଭାଙ୍ଗି ଓ ପାଇପ୍ ମଧ ଭାଙ୍ଗି ଗଲାଣି, ସବୁଠାରୁ ଉଦବେଗ ଜନକ ବିଷୟ , ଦୁଇଗୋଟି ଟାଙ୍କି ନିର୍ମାଣରେ କେତେ ଟଙ୍କା ଅଟକଳ ବ୍ୟୟରେ ହୋଇଥିଲା ଏହା କେଉଁ ସମୟରେ କାର୍ଯ୍ୟକାରୀ କରାଗଲା ସେନେଇ କୌଣସି ସୂଚନା ଫଳକ ସେଭଳି ବିଭାଗ ପକ୍ଷରୁ ହୋଇପାରିନାହିଁ । ସ୍ଥାନୀୟ ଲାଭଖୋର ପଞ୍ଚାୟତ ଅଧିକାରୀ ଓ କୁଜି ନେତାଙ୍କ ତଥା ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଯୋଜନାର ଅର୍ଥ ବାଟମାରଣା ହୋଇଥିବା ଗ୍ରାମବାସୀ ସିଧାସଳଖ ଅଭିଯୋଗ ଆଣିଛନ୍ତି। ଅନ୍ୟ କୌଣସି ଉପାୟ ନଥିବାରୁ ଗ୍ରାମର ମହିଳା ଓ କୋମଳମତି ଝିଅମାନେ ପ୍ରତିଦିନ ପାହାଡ଼ିଆ ପଥର ଶଯ୍ୟା ଅତିକ୍ରମ କରି ଗାଁ ପାଖରେ ଥିବା ଏକ ପଥର ଚୁଆ/ ନାଳରୁ ପାଣି ସଂଗ୍ରହ କରୁଛନ୍ତି। ଦୁଃଖ ଓ ପରିତାପର ବିଷୟ, ସେହି ଗୋଟିଏ ଉତ୍ସରୁ ଗୃହପାଳିତ ପଶୁ ଓ ବନ୍ୟଜନ୍ତୁ ଜଳପାନ କରୁଥିବା ବେଳେ, ଗ୍ରାମର କମୋଳମତୀ ଛୁଆଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ସମସ୍ତ ଜନସାଧାରଣ ଦୁଷୀତ ଜଳ ପିଇବାକୁ ବାଧ ହେଉଛନ୍ତି। ଯାହା ଫଳରେ ଗ୍ରାମରେ ଯେକୌଣସି ମୁହୂର୍ତ୍ତରେ ଜଳବାହିତ ମହାମାରୀ ବ୍ୟାପିବାର ଆଶଙ୍କା ଦେଖାଦେବା ଘଟଣାରେ କୌଣସି ଲୋକ ଅସ୍ବୀକାର କରିପାରିବେ ନାହିଁ । ପ୍ରଶାସନର ଏଭଳି ବେପରୁଆ ମନୋଭାବ ବିଷୟକୁ ନେଇ ସ୍ଥାନୀୟ ୱାର୍ଡ ମେମ୍ବର ସଭା ମାଝୀଙ୍କ ସମେତ ଲକ୍ଷ୍ମୀ ମାଝୀ, ସିନାଇ ମାଝୀ, ଚାଉଳ ଦେଇ ମାଝୀ, ବାଲୁଣ୍ଡି ମାଝୀ, ସୁନାସିଂ ମାଝୀ, ଧନ ସିଂ ମାଝୀ, ରବି ମାଝୀ, ମାନସିଂହ ମାଝୀ, ରାଇମଲ୍ ମାଝୀ ଓ ମହେନ୍ଦ୍ର ରାଉତ ପ୍ରମୁଖ ସମସ୍ତ ଗ୍ରାମବାସୀ ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ, ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମଧ ଆମେ ଦୁଃଖ ଜଣାଇ ଭୋଟ ବର୍ଜନ କରିଥିଲୁ, କିନ୍ତୁ କେହି ଆମ କଥା ଶୁଣିଲେ ନାହିଁ। ପୂର୍ବରୁ ୧୦୫ ଭୋଟର ଥିବା ବେଳେ ବର୍ତ୍ତମାନ ସଂଶୋଧିତ ତାଲିକା ଅନୁଯାୟୀ ୬୫ ଜଣ ଭୋଟର ଅଛନ୍ତି। ଯଦି ତୁରନ୍ତ ଏହି ଜଳ ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ସମସ୍ତ ୬୫ ଜଣ ଭୋଟ ବର୍ଜନ କରିବାକୁ ବାଧ ହେବୁ। ଆଗକୁ ଗ୍ରାମରେ କୌଣସି ଅଘଟଣ ଘଟେ ତେବେ ବ୍ଲକ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁଙ୍କୁ ପଚାରିବାରୁ ସେ ଗ୍ରାମର ଭୌଗୋଳିକ ସ୍ଥିତିକୁ ଦାୟୀ କରି କହିଛନ୍ତି: ଥୁଆମୂଳ ରାମପୁର ବ୍ଲକର ସମସ୍ତ ଗ୍ରାମର ପାଣି ସମସ୍ୟା ଉପରେ ଆମର ଦୃଷ୍ଟି ଅଛି। କିନ୍ତୁ ତୁମୋନୀଖୋଲ ଗ୍ରାମକୁ ନଳକୂପ ଖନନ ଗାଡ଼ି ଯିବା ପାଇଁ ଭଲ ରାସ୍ତା ତ ନାହିଁ । ହେଲେ ଗାଁକୁ ଗାଡ଼ି ଯିବ କି? ଗାଡ଼ି ଗଲେ ସିନା ଆମେ ସେଠାରେ ବୋରୱେଲ ଖୋଳିବୁ ଗ୍ରାମରେ ପୂର୍ବରୁ ଏକ ଗ୍ରାଭିଟି ଆଧାରିତ ଯୋଜନା ଥିଲା। ଏହି ଯୋଜନା ପ୍ରଥମ ପ୍ରଥମ ଆରମ୍ଭ ହୋଇଥିବା ସେଥିରୁ ପ୍ରଥମରୁ ଅଳ୍ପ ଅଳ୍ପ ପାଣି ଆସୁଥିଲା। କିନ୍ତୁ ବର୍ତ୍ତମାନ ସେହି ଯୋଜନାର ଆଉ କୌଣସି ବ୍ୟବସ୍ଥା ନାହିଁ, ଯାହା ପାଣି ଥିଲା ତାହା ମଧ ସମ୍ପୂର୍ଣ୍ଣ ଶୁଖିଗଲାଣି। ଏବେ ଆଦୌ ପାଣି ଆସୁନାହିଁ ବୋଲି ମୁଁ ମଧ ସେ ନେଇ ଶୁଣିଛି। ସୂଚନା ଫଳକ ନଥିବା ପ୍ରଶ୍ନରେ ସମ୍ପୃକ୍ତ ଠିକା ସଂସ୍ଥା ଏହା କରିନଥିବ। ବର୍ତ୍ତମାନ ରାଜ୍ୟରେ ବିଜେପିର ନୂତନ ସରକାର ବିକାଶର ଡିଣ୍ଡିମ ପିଟୁଥିବା କିନ୍ତୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ସମ୍ପୂର୍ଣ୍ଣ ଫେଲମାରିଛନ୍ତି, ତୁମୋନୀଖୋଲ ଗ୍ରାମର ଏଭଳି ଅତି ସମ୍ବେଦନଶୀଳ ମୌଳିକ ସମସ୍ୟାର ସମାଧାନ ପ୍ରତି ଜିଲ୍ଲାପାଳ ଓ ବ୍ଲକ ପ୍ରଶାସନ କେବେ ଦୃଷ୍ଟି ଦେଉଛନ୍ତି ଏବଂ ଗ୍ରାମବାସୀ କେବେ ବିଶୁଦ୍ଧ ଜଳ ପାଇବେ ଓ ତାଙ୍କ ମୁହଁରେ ହସ ଫୁଟିବ ତାହା ଆଗକୁ ଦେଖିବାକୁ ବାକି ରହିଲା।

# ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ସୁନ୍ଦରଗଡ଼ରେ ନୂତନ ସ୍ୱାସ୍ଥ୍ୟସେବାର ଶୁଭାରମ୍ଭ

ସୁନ୍ଦରଗଡ଼, ୦୧/୦୯(ଆନିସ) : ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ସୁନ୍ଦରଗଡ଼ରେ ମଙ୍ଗଳବାର ଅନେକ ଗୁରୁତ୍ୱପୂର୍ଣ୍ଣ ଆଧୁନିକ ଚିକିତ୍ସାସେବାର ଶୁଭାରମ୍ଭ ହୋଇଛି । ଏହା ଫଳରେ ଜିଲ୍ଲାବାସୀଙ୍କୁ ଉନ୍ନତ ଓ ବିଶେଷଜ୍ଞ ଚିକିତ୍ସାସେବା ନିଜ ଅଞ୍ଚଳରେ ଉପଲବ୍ଧ ହେବ ।

ଏଠାରେ ଶ୍ୱାସକ୍ରିୟା ଚିକିତ୍ସା ବିଭାଗରେ ଫାଇବର ଅପ୍ଟିକ ବ୍ରୋଚୋସ୍କୋପ ଆଜିଠାରୁ କାର୍ଯ୍ୟକ୍ଷମ କରାଯାଇଛି । ଏହି ଆଧୁନିକ ଯନ୍ତ୍ର ମାଧ୍ୟମରେ ଶ୍ୱାସନଳୀ ଓ ଫୁସଫୁସ ସମ୍ବନ୍ଧୀୟ ବିଭିନ୍ନ ରୋଗର ଉନ୍ନତ ନିଦାନ ଓ ଆବଶ୍ୟକ ଚିକିତ୍ସା ପ୍ରକ୍ରିୟା ସୁବିଧାଜନକ ହେବ । ଏଥିସହିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ଠାରେ ସିଟିସ୍କାନ ସେବା ମଧ୍ୟ ଆରମ୍ଭ ହୋଇଛି । ଆଜି



ପ୍ରଥମ ଦିନରେ ୪ ଜଣ ଇନ୍‌ଡୋର୍ ରୋଗୀ ଏହି ସେବାର ସୁବିଧା ପାଇଛନ୍ତି । ଏହି ସେବା ଆରମ୍ଭ ହେବା ଫଳରେ ଜଟିଳ ରୋଗର ଶୀଘ୍ର ଓ ନିର୍ଭୁଲ ନିଦାନରେ ସହାୟତା ମିଳିବ । ଅନ୍ୟ ପକ୍ଷରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ସୁନ୍ଦରଗଡ଼ ରେ ନେଫ୍ରୋଲୋଜି ଆଉଟଡୋର୍ ସୁପର୍ ସ୍ପେସିଆଲିଟି ସେବା ମଧ୍ୟ ଆଜିଠାରୁ ଆରମ୍ଭ ହୋଇଛି । କିଡନୀ ସମ୍ବନ୍ଧୀୟ ଜଟିଳ ରୋଗ ରେ ପୀଡ଼ିତ ରୋଗୀମାନେ ଏହି ବିଶେଷଜ୍ଞ ଚିକିତ୍ସାସେବା ଦ୍ୱାରା ଉପକୃତ ହୋଇପାରିବେ ।

ଏହି ନୂତନ ସେବାଗୁଡ଼ିକର ଶୁଭାରମ୍ଭ ସୁନ୍ଦରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହା ଦ୍ୱାରା ଜିଲ୍ଲା ତଥା ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ଉନ୍ନତ ନିଦାନ ଓ ସୁପର୍ ସ୍ପେସିଆଲିଟି ଚିକିତ୍ସା ପାଇଁ ଦୂରସ୍ଥାନକୁ ଯିବାର ଆବଶ୍ୟକତା କମିବ ଏବଂ ସ୍ଥାନୀୟ ସ୍ତରରେ ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳିପାରିବ ।

### ୨୧,୪୪ ଲକ୍ଷ ଟଙ୍କାର ଆର୍ଥିକ ଠକେଇ ମାମଲା

# ସମବାୟ ବ୍ୟାଙ୍କର ଦୁଇ ପୂର୍ବତନ ଅଧିକାରୀଙ୍କ ଉପରେ ମାମଲା ରୁଜୁ

ବାରିପଦା, ୧।୯ (ଆନିସ): ଆଜି ମୟୂରଭଞ୍ଜର ଏମ ସି ସି ବ୍ୟାଙ୍କ, ବହଳଦା ଶାଖାରେ ୨୧,୪୪,୩୭୦ ଟଙ୍କା ପାଣ୍ଠିର ଅପବ୍ୟବହାର ପାଇଁ ପୂର୍ବତନ ବିଏମ୍ ଡିଚେନ କୁମାର ମିଶ୍ର ଏବଂ ପୂର୍ବତନ ସହାୟକ ପରିଚାଳକ ଗୌରବ କୁମାର ଦାସଙ୍କ ବିରୁଦ୍ଧରେ ଆଉ ଏକ ମାମଲା ରୁଜୁ ହୋଇଛି। ଟାଇରିଂ ଲାର୍ଜ ସାଇଜ୍ଡ ଆଦିବାସୀ ବହୁମୁଖୀ ସମବାୟ ସମିତି ର ପରିଚାଳନା ନିର୍ଦ୍ଦେଶକ ଟାଇରିଂ ଲ୍ୟାମ୍ପସ ର ବକେୟା ଋଣ ଆକାଉଣ୍ଟକୁ ପରିଶୋଧ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଧାର୍ଯ୍ୟ କରାଯାଇଥିବା ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ବହଳଦା ଶାଖାକୁ ୨୧,୪୪,୩୭୦ ଟଙ୍କା ପ୍ରଦାନ କରିଥିଲେ। ନିର୍ଦ୍ଦିଷ୍ଟ ଲ୍ୟାମ୍ପସ ଆକାଉଣ୍ଟରେ ପାଣ୍ଠି ଜମା କରିବା ପରିବର୍ତ୍ତେ, ଏମ ସି ସି ବ୍ୟାଙ୍କ, ବହଳଦା ଶାଖାର ଅଭିଯୁକ୍ତ ଅଧିକାରୀ ଦିଚେନ କୁମାର ମିଶ୍ର (ପୂର୍ବ- ଏମ ବି) ଏବଂ ଗୌରବ କୁମାର ଦାସ (ପୂର୍ବ- ସହକାରୀ ପରିଚାଳକ) ନାମିତ ବ୍ୟକ୍ତିମାନଙ୍କ ଅଜାଣତରେ ଠକେଇ ଭାବରେ ସୃଷ୍ଟି ହୋଇଥିବା ୧୨ଟି ପୃଥକ ଋଣ ଆକାଉଣ୍ଟରେ ଟଙ୍କା ପଠାଇବାକୁ ଷଡ଼ଯନ୍ତ୍ର କରିଥିଲେ। ଅଭିଯୁକ୍ତମାନଙ୍କ ଦ୍ୱାରା ମିଥ୍ୟା ଭାବରେ ମଞ୍ଜୁର କରାଯାଇଥିବା ପୂର୍ବ ଅନଧିକୃତ ଋଣକୁ ପରିଶୋଧ/ସମଯୋଜନା କରିବା ପାଇଁ ଏହି ଅର୍ଥ ବ୍ୟବହାର କରାଯାଇଥିଲା। ଅଭିଯୁକ୍ତ ପୂର୍ବତନ ଅଧିକାରୀ ଉଭୟ ପ୍ରଭାବଶାଳୀ ଭାବରେ ସେମାନଙ୍କର ପୂର୍ବ ଆତ୍ମସାତକୁ ଲୁଚାଇ ରଖିଥିଲେ ଏବଂ ୨୧,୪୪,୩୭୦/- ଟଙ୍କାର ନୂତନ ପାଣ୍ଠିକୁ ଆତ୍ମସାତ କରିଥିଲେ।ଏହି ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ପିଏସ୍ କେସ୍ ନଂ.୧୯ ତାରିଖ ୦୧.୦୯.୨୦୨୬ ରେମୟୂରଭଞ୍ଜର ବହଳଦା ଶାଖାର ଏମସିସିବିର ପୂର୍ବତନ ବିଏମ ଡିଚେନ କୁମାର ମିଶ୍ର ଏବଂ ପୂର୍ବତନ ସହାୟକ ପରିଚାଳକ ଗୌରବ କୁମାର ଦାସଙ୍କ ବିରୋଧରେ ପିସି (ସଂଶୋଧନ) ଆଇନ, ୨୦୧୮/୪୦୯/୧୨୦-ବି ଆଇପିସିର ଧାରା ୧୩(୨) ଆର/ଡବ୍ଲୁ ୧୩(୧)(ଏ) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୂର୍ବରୁ ୦୬.୦୮.୨୦୨୬ ରେ, ବାଲେଶ୍ୱର ଭିଜିଲାନ୍ସ ପିଏସ୍ କେସ୍ ନଂ. ୧୪/୨୦୨୬ ସହିତ ଜଡିତ, ପୂର୍ବତନ ପରିଚାଳକ ଦିଚେନ କୁମାର ମିଶ୍ର ଏବଂ ପୂର୍ବତନ ସହାୟକ ଗୌରବ କୁମାର ଦାସଙ୍କୁ ଗିରଫ କରାଯାଇଥିଲା। ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିମିଟେଡ୍, ବହଳଦା ଶାଖାରେ ବିଭିନ୍ନ ଗ୍ରାହକଙ୍କ ଅଜାଣତରେ କିମ୍ବା ସମ୍ମତି ବିନା ସେମାନଙ୍କର ୨୪ଟି ପ୍ରକୃତ ସ୍ଥାୟୀ ଜମା ବିରୁଦ୍ଧରେ ଜାଲ୍ ଋଣ ବିରୁଦ୍ଧରେ ଟର୍ମ ଡିପୋଜିଟ୍ ଆକାଉଣ୍ଟ ତିଆରି କରି ୬୪,୪୨,୦୭୪/- ଟଙ୍କାର ସରକାରୀ ଟଙ୍କା ହଡ଼ପ କରିବା ସହିତ ଜଡିତ ଏକ ବଡ଼ ଆର୍ଥିକ ଠକେଇ ସହିତ ଜଡିତ ଥିବା ଘଟଣାରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ମ୍ୟାନେଜରଙ୍କୁ ଗିରଫ କରାଯାଇଥିଲା ଏବଂ ବାରିପଦାର ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ କୋର୍ଟକୁ ପଠାଯାଇଥିଲା।ଏହି ସମ୍ପର୍କରେ, ବାଲେଶ୍ୱର ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୧୪ ତାରିଖ ୦୫.୦୮.୨୦୨୬ ପିସି (ସଂଶୋଧନ) ଆଇନ, ୨୦୧୮/୪୦୯/୧୨୦-ବି ଆଇପିସିର ୧୩(୨) ଆର/ଡବ୍ଲୁ ୧୩(୧)(ଏ) ଅନ୍ତର୍ଗତ, ମୟୂରଭଞ୍ଜର ବହଳଦା ଶାଖାର ପୂର୍ବତନ ପରିଚାଳକ ଦିଚେନ କୁମାର ମିଶ୍ର ଏବଂ ପୂର୍ବତନ ସହାୟକ ପରିଚାଳକ ଗୌରବ କୁମାର ଦାସଙ୍କ ବିରୋଧରେ ରୁଜୁ କରାଯାଇଛି। ତେବେ ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି।

# ଖୋଲା କୁଅରେ ପଡ଼ି ୫ ବାରହା ମୃତ

ଓଡ଼ଗାଁ ୦୧/୦୯(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କଲ୍ୟାଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଏକ ଖୋଲା କୁଅରେ ପଡ଼ି ୫ ବାରହା ମୃତ ହୋଇଥିବା ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ଦଳେଇ ଅଭିଯୋଗ କରିବା ପରେ ପଞ୍ଚରିଡା ବନାଞ୍ଚଳ ଅଧିକାରୀ ଓ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ୫ ମୃତ ବାରହାଙ୍କ ଶବକୁ ଜେସିବି ଦ୍ୱାରା ବାହାରକରି ବିଦ୍ୟାଳୟ ପରିସର ମଧ୍ୟରେ ଗାତ ଖୋଳି ଲୁଣ ପକାଇ ପୋତି ଦିଆଯାଇଥିଲା।ତେବେ ବିଦ୍ୟାଳୟ ପରିସରରେ ଖୋଲା କୁଅ ରହିଥିବା ବେଳେ ଏହି କୁଅରେ ଢାଙ୍କୁଣି ବ୍ୟବସ୍ଥା କରିବାର ଥିଲା। ବାରହା ପଡ଼ିଲେ କେହି ଛୁଆ ପଡ଼ିଥିଲେ,ପରିସ୍ଥିତି ଗୁରୁତର ହୋଇଥାନ୍ତା।ସ୍ୱତନ୍ତ୍ର ଧ୍ୟାନ ଦେଇ ଖୋଲା କୁଅ ଉପରେ ଘୋଡଣି ସହିତ ପାଚେରୀ ନିର୍ମାଣ ହେଲେ ଯାଇ ବିଦ୍ୟାଳୟକୁ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରତି ଆସୁଥିବା ସମ୍ଭାବିତ ବିପଦକୁ ଏଡ଼ାଇ ଦିଆଯାଇ ପାରିବ। ସୂଚନା ଥାଉକି ବର୍ଷା ଦିନରେ ବିଷଧର ସାପ ଏକାଧିକବାର ଶ୍ରେଣୀ କକ୍ଷରେ ପଶିବା,ଶୀତ ଋତୁରେ ହାତୀ ଭୟ ରହିଥିବା ବେଳେ ଅନ୍ୟ ସମୟରେ ବାରହା ଓ ଅନ୍ୟ ବଣ୍ୟ ପ୍ରାଣୀଙ୍କ ବିଦ୍ୟାଳୟ ଭିତରକୁ ଅବାଧ ଆତଜାତ ଯୋଗୁଁ ଅନେକ ସମୟରେ ବିପଦକୁ ପ୍ରତିରୋଧ କରାଯାଇଥିବା ନଜିର ରହିଛି।

# ସାରସକଣା ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଡ୍ରାଇଭର ଦିବସ ପାଳିତ

## ଡ୍ରାଇଭରଙ୍କ ନିଷ୍ଠା,ପରିଶ୍ରମ,ସେବା ଓ ସମାଜ ପ୍ରତି ଅବଦାନକୁ ସ୍ମରଣ

ଝାରପୋଖରିଆ, ୧।୯ : ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଝାରପୋଖରିଆଠାରେ ଡ୍ରାଇଭର ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଡ୍ରାଇଭର ମାନଙ୍କ ନିଷ୍ଠା, ପରିଶ୍ରମ, ସେବା ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରାଯାଇଥିଲା।। କାର୍ଯ୍ୟକ୍ରମରେ ସାରସକଣା ବ୍ଲକ କମିଟି ଓଡ଼ିଶା ଡ୍ରାଇଭର ମହାସଂଘ ର ସଭାପତି- ବିଷ୍ଣୁ ପ୍ରସାଦ ମଣ୍ଡଳ, ଉପସଭାପତି- ଜିତେନ୍ଦ୍ର ନାଥ ବୈଠା,ସମ୍ପାଦକ- ବ୍ରଜ ସୁନ୍ଦର ବାସୋରୀ,ସହ-ସମ୍ପାଦକ-କମଳ ପାତ୍ର, କୋଷାଧ୍ୟକ୍ଷ-ସିଂରାୟ ମାହାଲୀ ଏବଂ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଅଶୋକ ମାଲ ଙ୍କ ସହିତ ସାରସକଣା ଅଞ୍ଚଳର ବହୁ ସଂଖ୍ୟକ ଡ୍ରାଇଭର ମାନେ ଯୋଗଦେଇଥିଲେ। ଏହି ଅବସରରେ ଶତାଧିକ ଡ୍ରାଇଭର ମାନେ ପ୍ରଥମେ ସାରସକଣା ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ସାରିବା ଓ ବିଶିଷ୍ଟ ସମାଜ ସେବି ରବୀନ୍ଦ୍ର ନାଥ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଏକ ବିଶାଳ ମୋଟର ସାଇକେଲ ରାଲିରେ ସ୍ଥାନୀୟ ଶୀର୍ଷା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ପ୍ରଥମେ ରୋଗୀ ମାନଙ୍କୁ ଶୁଖିଲା ଖାଦ୍ୟ ତତ୍ତ୍ୱ, ଫଳ ଏବଂ ପିଇବା ପାଣି ବଣ୍ଟନ କରିବା ସହିତ ଶୀର୍ଷା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବା ଡାକ୍ତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ସେଠାରୁ ପୁନର୍ବାର ରାଲି ରେ ବାହାରି ଝାରପୋଖରିଆ ଅଭିମୁଖେ ଆସି ବଜାର ଦେଇ ଧାଙ୍ଗୁଡିଷୋଳ ଛକରୁ ପରିକ୍ରମା ସାରି ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଝାରପୋଖରିଆ ପୋଲିସ ଏବଂ ସ୍ଥାନୀୟ ସାମ୍ବାଦିକ ବନ୍ଧୁ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ କାର୍ଯ୍ୟକ୍ରମକୁ ସାଙ୍ଗ କରା ଯାଇଥିଲା ଦିନରାତି ନିଜ ଦାୟିତ୍ୱ ତୁଲାଇ ଯାତ୍ରୀ ଓ ସାଧାରଣ ଲୋକଙ୍କୁ ସୁରକ୍ଷିତ ଭାବେ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ସହ ପରିବହନ ବ୍ୟବସ୍ଥାକୁ ସଚଳ ରଖିବାରେ ଡ୍ରାଇଭର ମାନଙ୍କ ଅବଦାନ ଅତୁଳନୀୟ ବୋଲି ଉପସ୍ଥିତ ଡ୍ରାଇଭର ମାନେ କହିଥିଲେ।ଏହି ଅବସରରେ ଡ୍ରାଇଭର ମାନଙ୍କ ସୁରକ୍ଷା, ସମ୍ମାନ ଓ ବିଭିନ୍ନ ସମସ୍ୟା ତଥା ଆଜିର ଦିନଟିକୁ ରାଷ୍ଟ୍ରୀୟ ଦିବସ ରୂପେ ପାଳନ କରିବା ନେଇ ସରକାରଙ୍କୁ ନିବେଦନ କରିଥିଲେ । ଡ୍ରାଇଭରମାନଙ୍କ ଅଧିକାର ଓ ସ୍ୱାର୍ଥ ପାଇଁ ମହାସଂଘ ଆଗାମୀ ଦିନରେ ମଧ୍ୟ ଏକତ୍ରିତ ହୋଇ କାର୍ଯ୍ୟ କରିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।

ଶେଷରେ ଉପସ୍ଥିତ ସମସ୍ତ ଡ୍ରାଇଭର ଭାଇ ମାନଙ୍କୁ ସଭାପତି ବିଷ୍ଣୁ ପ୍ରସାଦ ମଣ୍ଡଳ ଡ୍ରାଇଭର ଦିବସର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

### ଗୀତ ବାଦ୍ୟ ଏବଂ ନୃତ୍ୟର ସମନ୍ୱୟ ଜରୁରୀ

# ନିଃଶୁଳ୍କ ସମ୍ବଲପୁରୀ ଲୋକ ନାଚ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ସମ୍ବଲପୁର,୧।୯ (ଆନିସ): ଭାରତୀ ସମାଜ ସହଯୋଗରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ରେ ଚାଲି ଥିବା ନିଃଶୁଳ୍କ ସମ୍ବଲ ପୁରୀ ଲୋକ ନାଚ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶିଷ୍ଟ ସମ୍ବଲପୁରୀ ଲୋକଗୀତ ଗାୟିକା ଈଶ୍ୱରୀ ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଭାରତୀ ସମାଜ ର ସାଂସ୍କୃତିକ ସଂଯୋଜକ ତଥା ଲୋକ ନାଚ ଗୁରୁ ରଞ୍ଜିତ ସାହୁଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଈଶ୍ୱରୀ ବେହେରା ପ୍ରଶିକ୍ଷାର୍ଥୀ ମାନଙ୍କୁ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଉପଯୁକ୍ତ ସୁଯୋଗ ମିଳିଲେ ପ୍ରତିଭା ବିକଶିତ ହେବାପାଇଁ ବାଟ ପାଏ ବୋଲି ସେ କହିଥିଲେ। ବର୍ତ୍ତମାନ .

ଲୋକ କଳାକାର ମାନଙ୍କ ପାଇଁ ଦେଖାଦେଇଥିବା ସମସ୍ୟା ବିଷୟରେ ସେ ଆଲୋକ ପାତ କରିଥିଲେ।

ପ୍ରଶିକ୍ଷାର୍ଥୀ ମାନଙ୍କୁ ଗୀତ ବାଦ୍ୟ ଏବଂ ନୃତ୍ୟ ତିନୋଟି ଯାକ କ୍ଷେତ୍ରରେ ଜ୍ଞାନ ଆହରଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସଫଳ କଳାକାର ଗୀତ, ବାଦ୍ୟ ଏବଂ ନୃତ୍ୟ ମଧ୍ୟରେ ସମନ୍ୱୟ ଜରୁରୀ ବୋଲି ସେ କହିଥିଲେ। ଭାରତୀ ସମାଜ ବିଗତ ୨୫ ବର୍ଷ ମଧ୍ୟରେ କରିଥିବା କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ। ଏହାସହ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସମ୍ବଲପୁରୀ ଦୀନ ଜରିଆରେ ସମ୍ବଲପୁରୀକୁ ସର୍ବବ୍ୟାପୀ କରିପାରିଥିବା କହିଥିଲେ। କାର୍ଯ୍ୟକ୍ରମରେ ଭାରତୀ ସମାଜ ସଂଚାଳକ ଭବାନୀଶ ଭୋଇ, ମହାସଚିବ ଗୋପବନ୍ଧୁ ସେନାପତି, ଲୋକ ନାଚ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଂଯୋଜିକା ଲଳିତା ଭୋଇ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ଯୁବ ସଂଯୋଜକ ରାହୁଲ ଗୁପ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଲଗାଣ ବର୍ଷାରେ ମାଟି କାନ୍ଥ ଘର ଭୁଶୁଡ଼ି ମହିଳା ମୃତ

ରାଇରଙ୍ଗପୁର/ତିରିଂ, ୧।୯ (ଆନିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ମାତକମଡ଼ିହି ଗାଁରେ ଘଟିଛି ଅଘଟଣ। ଲଗାଣ ବର୍ଷାରେ ମାଟିକାନ୍ଥ ଘର ଭୁଶୁଡି ପଡିବା ଫଳରେ ଘର ଭିତରେ ଶୋଇଥିବା ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଉଛନ୍ତି ବଡ଼ଭୁଣ୍ଡୁ ଗ୍ରାମର ସିନଗୋ ମୁର୍ମୁ (୪୯। ସେ ଦୀର୍ଘଦିନ ଧରି ମାତକମଡ଼ିହି ଗାଁରେ ଥିବା ନିଜ ବାପଘରେ ରହୁଥିଲେ। ତାଙ୍କ ସ୍ୱାମୀ ରାମଦାସ ମୁର୍ମୁ, ଦୁଇ ଝିଅ ଓ ଜଣେ ପୁଅ ସହିତ ବଡଭୁଣ୍ଡୁ ଗ୍ରାମରେ ରହିଥାନ୍ତି। ସୂଚନା ଅନୁଯାୟୀ, ଗତକାଲି ରାତିରେ ସିନଗୋ ଘରେ ଶୋଇଥିବା ବେଳେ ଭୋର ସକାଳ ୪ ଘଟିକା ପାଖାପାଖି ସମୟରେ ଲଗାଣ ବର୍ଷା ଯୋଗୁଁ ଘରର ମାଟି କାନ୍ଥ ସହ ଘରର ଖପରଯୁକ୍ତ ଛାତ ହଠାତ୍ ଭୁଶୁଡି ପଡିଥିଲା। ଫଳରେ ସେ କାନ୍ଥ ଓ ଓରା କାଠ ତଳେ ଚାପି ହୋଇଯାଇଥିଲେ। ଶବ୍ଦ ଶୁଣି ଅନ୍ୟ କୋଠରୀରେ ଶୋଇଥିବା ପରିଜନ ଲୋକେ ଧାଇଁ ଆସିଥିଲେ ମଧ୍ୟ ଉଦ୍ଧାର କରି ପାରିନଥିଲେ। ଏବଂ ତିରିଂବ୍ଲକ ଅଧିକାରୀ ଓ ଥାନାକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ତିରିଂ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ତେବେ ମାଟି ତଳୁ ସିନଗୋଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ଶବକୁ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଯାଇଛି।ଘଟଣାସ୍ଥଳରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହ ସରକାରୀ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି।ଏନେଇ ତିରିଂ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି ।

### ଗୋବିନ୍ଦପୁରରେ ଅଭାବନୀୟ ଘଟଣା

# ଶଳାର ମାଡ଼ରେ ଭେଣେଇଙ୍କ ମୃତ୍ୟୁ, ଅଭିଯୁକ୍ତ ଗିରଫ

କୁଚିଣ୍ଡା୦୧/୦୯ (ଆନିସ): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗାରପୋଷ ଫାଣ୍ଡି ମସନିକାନୀ ଚାରାପଡ଼ା ଗ୍ରାମରେ ଏକ ଅଭାବନୀୟ ହତ୍ୟାକାଣ୍ଡ ଘଟିଯାଇଛି। ସାମାନ୍ୟ କଥାକୁ ନେଇ ସମ୍ପର୍କୀୟ ଶଳା ଓ ଭେଣେଇଙ୍କ ମଧ୍ୟରେ ଯୁକ୍ତିତର୍କ ଉଗ୍ରରୂପ ନେବାରୁ ଶଳାର ଆକ୍ରମଣରେ ଭେଣେଇ ଚାର୍ଲସ ଲୁଗୁନଙ୍କ ମୃତ୍ୟୁ ଘଟିଛି। ଗୋବିନ୍ଦପୁର ଥାନା ପୋଲିସ ଅଭିଯୁକ୍ତ ଗଡ଼ପୋଷ ମସନିକାନୀ ଚାରାପଡ଼ା ଗ୍ରାମର ପତ୍ରାସ ଡାଙ୍ଗା(୫୦)ଙ୍କୁ ଗିରଫ କରିଛି। ଏହାସହ ହତ୍ୟାରେ ବ୍ୟବହୃତ ବାଡ଼ି ଓ ବାରସିକୁ ପୋଲିସ ଜବତ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଅଭିଯୁକ୍ତ ପତ୍ରାସ ଡାଙ୍ଗା କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ନିଜ ସମ୍ପର୍କୀୟ ଭେଣେଇ ଚାର୍ଲସ ଲୁଗୁନଙ୍କୁ ଏକ କାଠ ବାଡ଼ି ଓ ଲୁହା ବାରିସୀରେ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଚାର୍ଲସ ଘର ସମ୍ମୁଖରେ ପଡ଼ି ରହିଥିବା ବେଳେ ଗ୍ରାମବାସୀଙ୍କ ଠାରୁ ଖବର ପାଇ ତାଙ୍କ ପୁଅ ଜାକ୍ରିୟାସ ଲୁଗୁନ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ଅଭିଯୁକ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଅସ୍ତ୍ର ଫିଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ଗ୍ରାମସଭା ଜରିଆରେ ଅଭିଯୁକ୍ତଙ୍କୁ ଧରାଯାଇଥିଲେ। ଏ ନେଇ ମୃତକଙ୍କ ପୁଅ ଜାକ୍ରିୟାସଙ୍କ ଲିଖିତ ଅଭିଯୋଗ ଆଧାରରେ ଗୋବିନ୍ଦପୁର ଥାନାରେ କେସ ନମ୍ବର ୧୩୦/୨୦୨୬ରେ ବିଏନଏସ ଧାରା ୧୦୩(୧)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ବାରିସୀ ଓ ବାଡ଼ିକୁ ଜବତ କରିବା ସହ ଅଭିଯୁକ୍ତ ପତ୍ରାସ ଡାଙ୍ଗଙ୍କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ନମୁନା ସଂଗ୍ରହ ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଯାଇଛି।

# ୧୪ ବର୍ଷ କାମ କରିଥିବା ମାଆଙ୍କୁ ହରାଇ ନ୍ୟାୟ ପାଇଁ ଦ୍ୱାରସ୍ଥ ଅସହାୟ ଝିଅ

## ଏମ୍‌ଏସ୍‌ପି ପ୍ଲାଣ୍ଟରେ କାର୍ଯ୍ୟରତ ମହିଳା ଶ୍ରମିକଙ୍କ ମୃତ୍ୟୁ ପରେ ଇଏସଆଇ ଓ ପିଏଫ୍ କ୍ଷତିପୂରଣ ସହ ଝିଅକୁ ଚାକିରି ଦାବି

କେନ୍ଦୁଝର, ୧।୯ (ଆନିସ): କେନ୍ଦୁଝର ଜିଲ୍ଲାର ପ୍ଲାଣ୍ଟରେ ଦୀର୍ଘ ୧୪ ବର୍ଷ ଧରି ଶ୍ରମିକ ଭାବେ କାର୍ଯ୍ୟରତ ସ୍ୱର୍ଗତ ପାକନ ଜେନାଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପରେ ତାଙ୍କ ପରିବାରକୁ ଆଇନ ଅନୁଯାୟୀ ମିଳିବାକୁ ଥିବା ବୀମା ଓ କ୍ଷତିପୂରଣ ପ୍ରଦାନ ସହ ତାଙ୍କ ଝିଅଙ୍କୁ ଯୋଗ୍ୟତା ଅନୁଯାୟୀ ଚାକିରି ପ୍ରଦାନ ଦାବି ହୋଇଛି। ବାଲିସୁଆଁ ଗ୍ରାମର ପାକନ ଜେନା ଗତ ପ୍ରାୟ ୧୪ ବର୍ଷ ଧରି ପ୍ଲାଣ୍ଟରେ କାମ କରୁଥିଲେ। ଗତ ୧୯ ଜାନୁଆରୀରେ ସାପ୍ତାହିକ ଛୁଟି ସାରି ଡ୍ୟୁଟିକୁ ଯାଉଥିବା ସମୟରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପରେ ତାଙ୍କୁ କଟକ ନିଆଯାଇ ଚିକିତ୍ସା କରାଯାଇଥିଲା। ତେବେ ୨୬ ଜାନୁଆରୀରେ ଚିକିତ୍ସାଧୀନ ଅବସ୍ଥାରେ ପାକନ ଜେନାଙ୍କ ମୃତ୍ୟୁ ଘଟିଥିଲା।ମୃତକଙ୍କ ଝିଅ ପୂଜାରାଣୀ ଜେନାଙ୍କ କହିବା ଅନୁଯାୟୀ, ଘଟଣା ସମ୍ପର୍କରେ ସେ ସମ୍ପୃକ୍ତ ଠିକାଦାର ଓ ସୁପରଭାଇଜର ତରଣୀ ସେନ ମହାନ୍ତଙ୍କୁ ଫୋନ୍ ଯୋଗ ଜଣାଇଥିଲେ। କିନ୍ତୁ ତାଙ୍କ ମାଆଙ୍କ ଚିକିତ୍ସା ସମୟରେ କମ୍ପାନୀ କିମ୍ବା ଠିକାଦାର ପକ୍ଷରୁ ଆବଶ୍ୟକ ସହଯୋଗ ମିଳିନଥିବା ସେ ଅଭିଯୋଗ କରିଛନ୍ତି।ପୂଜାରାଣୀ ବର୍ତ୍ତମାନ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୧୮ ବର୍ଷୀୟା ଛାତ୍ରୀ। ମାଆଁଙ୍କ ମୃତ୍ୟୁ ପରେ ପରିବାର ଆର୍ଥିକ ଭାବେ ଅସହାୟ ହୋଇପଡ଼ିଥିବା ସେ କହିଛନ୍ତି। ମାଆଙ୍କ ଚାକିରି ଓ ଆଇନଗତ ସୁବିଧା ସମ୍ପର୍କିତ ତଥ୍ୟ



ପାଇଁ ପ୍ଲାଣ୍ଟକୁ ଯାଇଥିବା ବେଳେ ତାଙ୍କୁ ଅନେକ ଦିନ ଧରି ପ୍ଲାଣ୍ଟ ଭିତରକୁ ପ୍ରବେଶ କରିବାକୁ ଦିଆଯାଇନଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ପରେ ପୋଲିସର ସହାୟତା ନେବା ପରେ ତାଙ୍କୁ ପ୍ଲାଣ୍ଟ ଭିତରକୁ ପ୍ରବେଶ ଅନୁମତି ମିଳିଥିବା ସେ କହିଛନ୍ତି।ଏହି ଘଟଣାରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପାକନ ଜେନାଙ୍କ ଚାକିରି ସମ୍ପର୍କିତ ସମସ୍ତ ବୀମା ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ସୁବିଧାର ଯାଞ୍ଚ କରିବାକୁ ଦାବି ହୋଇଛି। ଏଥିସହ ଡ୍ୟୁଟିକୁ ଯିବା ସମୟରେ ଘଟିଥିବା ଦୁର୍ଘଟଣାର ଆଇନଗତ ସ୍ଥିତି ଯାଞ୍ଚ କରି ପରିବାରକୁ ଯଦି କୌଣସି ଆଇନଗତ କ୍ଷତିପୂରଣ କିମ୍ବା ଅନ୍ୟାନ୍ୟ ଲାଭ ପ୍ରାପ୍ୟ ଥାଏ, ତାହା ତୁରନ୍ତ ପ୍ରଦାନ କରିବାକୁ ଦାବି କରାଯାଇଛି।ଅନ୍ୟପକ୍ଷରେ, ପୂଜାରାଣୀଙ୍କ ପାଠପଢ଼ା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ତାଙ୍କ ଯୋଗ୍ୟତା ଅନୁଯାୟୀ କମ୍ପାନୀ କିମ୍ବା ସମ୍ପୃକ୍ତ ସଂସ୍ଥାରେ ଚାକିରିର ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି।ଛଟେଇ ଶ୍ରମିକଙ୍କ ଅଧିକାର ପାଇଁ ଲଢ଼େଇ ଚେତାବନୀ:-ଏହି ଘଟଣାକୁ ନେଇ ସ୍ଥାନୀୟ ଶ୍ରମିକ ଓ ସାମାଜିକ କର୍ମୀମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ଲାଣ୍ଟ ମ୍ୟାନେଜମେଣ୍ଟ ବିଭିନ୍ନ କାରଣ ଦର୍ଶାଇ ସ୍ଥାନୀୟ ଗରିବ ଲୋକଙ୍କୁ କାର୍ଯ୍ୟରୁ ବାହାର କରିଦେଉଥିବା ଅଭିଯୋଗ ଆଣି, ଶ୍ରମିକଙ୍କ ଉପରେ ଯେକୌଣସି ପ୍ରକାର ଶୋଷଣକୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି।''୧୪ ବର୍ଷ ଧରି ଜଣେ ମହିଳା ଶ୍ରମିକ ଯେଉଁ ସଂସ୍ଥା ପାଇଁ ଶ୍ରମ ଦେଇଛନ୍ତି, ତାଙ୍କ ମୃତ୍ୟୁ ପରେ ତାଙ୍କ ଝିଅକୁ ନିଜ ଅଧିକାର ପାଇଁ ଅଫିସ୍‌ରୁ ଅଫିସ୍ ଦୌଡ଼ିବାକୁ ପଡ଼ିବା ଦୁଃଖଦ। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପୂଜାରାଣୀଙ୍କୁ ନ୍ୟାୟ ଦେବା ସହ ତାଙ୍କ ପାଠପଢ଼ା ଓ ଭବିଷ୍ୟତ ସୁରକ୍ଷିତ କରୁ,'' ବୋଲି ଦାବି କରାଯାଇଛି।ଏହି ମାମଲାରେ ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀ, କର୍ତ୍ତୃପକ୍ଷ, ପ୍ଲାଣ୍ଟ ମ୍ୟାନେଜମେଣ୍ଟ ଓ ସମ୍ପୃକ୍ତ ଠିକାଦାର ତୁରନ୍ତ ହସ୍ତକ୍ଷେପ କରି ପରିବାରକୁ ନ୍ୟାୟ ଦେବାକୁ ଦାବି ହୋଇଛି।

# ବନ୍ୟା ବିପନ୍ନଙ୍କ ୧୧୦୦ ପାଲ ହରିଲୁଟ୍ ଅଭିଯୋଗ

ଯାଜପୁର , ୧।୯(ଆନିସ): ବନ୍ୟା ବିପନ୍ନଙ୍କ ମୁଣ୍ଡ ଉପରେ ଛାତ ହେବାକୁ ଆସିଥିଲା ପାଲ। ହେଲେ ସେହି ପାଲ ବଣ୍ଟନକୁ ନେଇ ଏବେ ଉଠିଛି ସାଂଘାତିକ ଅଭିଯୋଗ। ମଙ୍ଗଳପୁର ପଞ୍ଚାୟତର ୧୧ଟି ୱାର୍ଡ ଅଧୀନ ମଙ୍ଗଳପୁର, ଇସମାଇଲପୁର ଓ ବଜରପାଟ ତିନିଟି ରାଜସ୍ୱ ଗ୍ରାମର ବନ୍ୟା ପ୍ରଭାବିତଙ୍କ ପାଇଁ ଆସିଥିବା ୧୧୦୦ ଖଣ୍ଡ ପାଲ ବଣ୍ଟନକୁ ନେଇ ଏହି ଅଭିଯୋଗ ସାମ୍ନାକୁ ଆସିଛି।ଅଭିଯୋଗ ଅନୁଯାୟୀ, ପାଲ ବଣ୍ଟନରେ ଅନିୟମିତତା ହୋଇଛି। ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ସଲାସୁତୁରାରେ ପାଲ ହଡ଼ପ କରାଯାଇଥିବା ନେଇ ଲୋକେ ଅଭିଯୋଗ ଆଣିଛନ୍ତି। ଏପରିକି ବିଜେଡ଼ିର କିଛି ଆଗଧାଡ଼ିର ନେତାଙ୍କ ସହଯୋଗରେ କେତେକ ପାଲ ଦଳୀୟ ଭିତ୍ତିରେ ବଣ୍ଟନ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।


## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

**ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ଶୁଭେଚ୍ଛା ଓ ଅଭିନନ୍ଦନ।**
**ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ସର୍ବାଙ୍ଗୀନ ବିକାଶ ଆମର ସଂକଳ୍ପ**

୧. ଏକକ ବ୍ୟବହୃତ ପଲିଥିନ୍ କିଣିବା, ବିକ୍ରିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ।
୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ।
୩. ଘରର ଆବର୍ଜନା ଏଣେତେଣେ ନପକାଇ ପୃଥକୀକରଣ କରି ପୌର ପାଳିକା ଦ୍ୱାରା ପରିଚାଳିତ ଗାଡ଼ିରେ ଦିଅନ୍ତୁ।
୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ସଙ୍କଳ୍ପ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ।
୫. ରାସ୍ତାଘାଟ, ଡ୍ରେନ, ପାର୍କ, ଖେଳପଡ଼ିଆ ନିର୍ମାଣ ପାଇଁ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ଉନ୍ନତିରେ ସହଯୋଗ କରନ୍ତୁ।
୬. ପୌର ପରିଷଦର ଦେୟ ତଥା ଗୃହ ଟିକସ, ଲାଇସେନ୍ସ ଫିସ, ପରିମଳ ଫିସ ଏବଂ ଦୋକାନ ଗୃହ ଭଡ଼ା ଠିକ ସମୟରେ ପୈଠ କରନ୍ତୁ।

**ସ୍ୱଚ୍ଛ ପାରାଦ୍ୱୀପ - ସୁସ୍ଥ ପାରାଦ୍ୱୀପ**

**ନିବେଦକ**
**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**



Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, **Ph. (0680) 3560603, 7749999711, 9337892106,**

**ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା**
**Editor: Pramod Kumar Panda**